EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

RNI Regd. No. ODIODI/2017/71524




ବର୍ଷ-୨ ସଂଖ୍ୟା-୩୧ ୧୩ - ୧୯ ଅଗଷ୍ଟ, ୨୦୧୮ ଭୁବନେଶ୍ୱର Monday Weekly VOL-2 ISSUE-31 13th - 19th AUGUST, 2018 BHUBANESWAR ₹ 5/- (8 Pages)

## ହରିବଂଶ ରାଜ୍ୟସଭା ଉପାଧକ୍ଷ



**ନୂଆଦିଲ୍ଲୀ :** ଭାରତୀୟ ଜନତା ପାର୍ଟି ନେତୃତ୍ୱାଧୀନ ରାଷ୍ଟ୍ରୀୟ ଗଣତାନ୍ତ୍ରିକ ସାମ୍ମୁଖ୍ୟ ବା ଏନ୍‌ଡିଏ ପ୍ରାର୍ଥୀ ହରିବଂଶ ନାରାୟଣ ସିଂହ ରାଜ୍ୟସଭାର ଉପାଧକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଆଜି ଅନୁଷ୍ଠିତ ନିର୍ବାଚନରେ ହରିବଂଶ ନାରାୟଣ ୧୨୫ ଖଣ୍ଡ ଭୋଟ ପାଇଥିବାବେଳେ କଂଗ୍ରେସ ନେତୃତ୍ୱାଧୀନ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ ୟୁପିଏ ପ୍ରାର୍ଥୀ ବିକେ ହରିପ୍ରସାଦ ୧୦୫ ଖଣ୍ଡ ଭୋଟ ପାଇଥିଲେ। ଭୋଟ ଗଣତି ପରେ ରାଜ୍ୟସଭା ଅଧକ୍ଷ ତଥା ଉପରାଷ୍ଟ୍ରପତି ଏମ୍ ଭେଙ୍କେୟା ନାଇଡୁ ହରିବଂଶଙ୍କୁ ବିଜୟୀ ଘୋଷଣା କରିଥିଲେ। ରାଜ୍ୟସଭାରେ ଏନ୍‌ଡିଏର ସଂଖ୍ୟାଗରିଷ୍ଠତା ନଥିଲା। ଏନ୍‌ଡିଏର ୧୧୫ ସଦସ୍ୟ ଥିଲାବେଳେ ୟୁପିଏର ସଂଖ୍ୟା ୧୧୧ ଥିଲା। ତେଲେଙ୍ଗାନାର ଟିଆର୍‌ଏସ୍ ଓ ତାମିଲନାଡୁର ଏଆଇଏଡିଏମକେ ବିଜେପିକୁ ସମର୍ଥନ କରିବେ ବୋଲି ସଂକେତ ଦେଇଥିଲେ। ତେଣୁ ଓଡ଼ିଶାର ବିଜୁ ଜନତା ଦଳ ଉପରେ ସମସ୍ତଙ୍କ ନଜର ଥିଲା। ବିଜେଡିର ରାଜ୍ୟସଭାରେ ୯ ଜଣ ସଦସ୍ୟ ଅଛନ୍ତି। ତେଣୁ ଏନଡିଏ ପାଇଁ ଏହି ଦଳର ଭୋଟ ନିର୍ଣ୍ଣାୟକ ହେବ ବୋଲି ଆକଳନ କରାଯାଉଥିଲା। ତେବେ ବିଜେଡି ସଦସ୍ୟମାନେ ଯଦି ଏନଡିଏ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ନଦେଇ ଉପା ସପକ୍ଷରେ ଭୋଟ ଦେଇଥାନ୍ତେ ତେବେ ଏନଡିଏ ଭୋଟ ସଂଖ୍ୟା ୧୧୬ ଓ ଉପା ଭୋଟ ସଂଖ୍ୟା ୧୧୪ ହୋଇଥାନ୍ତା। ବୁଧବାର ସନ୍ଧ୍ୟାରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁମ୍ବାଇରୁ ଫେରି ଭୁବନେଶ୍ୱରରେ ତାଙ୍କ ଦଳର ସମର୍ଥନ ଏନଡିଏ ପ୍ରାର୍ଥୀଙ୍କ ସପକ୍ଷରେ ଯିବ ବୋଲି ଘୋଷଣା କରିଥିଲେ। ରାଜ୍ୟସଭାରେ ଉପାଧକ୍ଷ ପଦ ପାଇଁ ଶାସକ ମେଣ୍ଟ ପକ୍ଷରୁ ହରିବଂଶଙ୍କ ସପକ୍ଷରେ ୪ଟି ପ୍ରସ୍ତାବ ଦାଖଲ କରାଯାଇଥିଲା। ସେହିପରି

### ନବୀନଙ୍କୁ ଧନ୍ୟବାଦ ଜଣାଇଲେ ମୋଦି ଓ ନୀତିଶ

ହରିପ୍ରସାଦଙ୍କ ସପକ୍ଷରେ ୫ଟି ପ୍ରସ୍ତାବ ଆଗତ ହୋଇଥିଲା। ଏନଡିଏ ପକ୍ଷରୁ ହରିବଂଶଙ୍କ ସପକ୍ଷରେ ବିଜେପି ସଭାପତି ଅମିତ ଶାହ, ଶିବସେନାର ସଞ୍ଜୟ ରାଉତ, ଅକାଳୀ ଦଳର ଏସଏସ ଧିଣ୍ଡସା ଓ ଜେଡିୟୁରୁ ଆରସିପି ସିଂହ ୪ଟି ପ୍ରସ୍ତାବ ଦେଇଥିଲେ। ହରିପ୍ରସାଦଙ୍କ ସପକ୍ଷରେ ବିଏସପିର ସତୀଶ ମିଶ୍ର, ଏନସିପିର ବନ୍ଦନା ଚାଭନ, କଂଗ୍ରେସର ଆନନ୍ଦ ଶର୍ମା, ସମାଜବାଦୀ ପାର୍ଟିର ରାମଗୋପାଳ ଯାଦବ ଓ ଆରଜେଡିର ମିଶା ଭାରତୀ ୫ଟି ପ୍ରସ୍ତାବ ଦାଖଲ କରିଥିଲେ। ➤ ପୃ-୬

### ରୁବେନ୍‌ଙ୍କ 'ନବୀନ ପଟ୍ଟନାୟକ' ପୁସ୍ତକ ପ୍ରସଙ୍ଗ

# ନବୀନଙ୍କ ପରେ କିଏ ?

**ଭୁବନେଶ୍ୱର :** ନିକଟରେ ପ୍ରକାଶ ପାଇଛି ବରିଷ୍ଠ ସାମ୍ବାଦିକ ରୁବେନ୍ ବାନାର୍ଜୀଙ୍କ ଦ୍ୱାରା ଲିଖିତ ପୁସ୍ତକ 'ନବୀନ ପଟ୍ଟନାୟକ'। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜୀବନର ଗୁରୁତ୍ୱପୂର୍ଣ୍ଣ ମୂହୁର୍ତ୍ତ ବିଶେଷ କରି ରାଜନୈତିକ ଭିନ୍ନତା ଓ ତାଙ୍କର ଲୋକପ୍ରିୟତାର ସୂତ୍ର ସମୂହ ଆଧାରିତ ଏହି ପୁସ୍ତକରେ ନବୀନଙ୍କ ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରହିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସୁପୁତ୍ର ହେଲେ ମଧ୍ୟ ରାଜନୀତି କ୍ଷେତ୍ରରେ ସମ୍ପୂର୍ଣ୍ଣ ଅନଭିଜ୍ଞ। ରାଜନୀତିରେ ତାଙ୍କର ପ୍ରବେଶ ଏବଂ ୧୯୯୭ ମସିହା ଆସିକା ଲୋକସଭା ଆସନ ଅକ୍ତିଆର ପର ଠାରୁ ତାଙ୍କର ପ୍ରତିଟି ରାଜନୈତିକ ଗତିବିଧି ଓ କୌଶଳକୁ ବହିର ପ୍ରତିଟି ଫର୍ଦ୍ଦରେ ଉଲ୍ଲେଖ କରିଛନ୍ତି ଲେଖକ। ଶେଷ ଅଧ୍ୟାୟରେ ଲେଖକ ପୋଷ୍ଟ-ନବୀନ ପରଦାକୁ ଉତ୍ତୋଳନ କରି ଯେଉଁ ମତ ରଖିଛନ୍ତି ତାହାର ଏକ ଚୁମ୍ବକୀୟ ଅଂଶ ଏଠାରେ ଉପସ୍ଥାପିତ। ମୁକ୍ତ ଆକାଶ ତଳେ ଏକ ଘରୋଇ ଟିଭି ଚ୍ୟାନେଲ୍ ଦ୍ୱାରା ୨୦୧୭ ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ସମାରୋହର ସିଧା ପ୍ରସାରଣ ହେଉଥିଲା। ସେଠାକାର ଦର୍ଶକମାନଙ୍କ ଭିଡ ଭିତରେ କେଶରୀ ବାରିକ ଅନ୍ୟତମ। ସମାରୋହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅସୁସ୍ଥତା ପ୍ରସାରଣର ଦୃଶ୍ୟ ଦେଖି କେଶରୀଙ୍କ ମନରେ ଏକ ଆଶଙ୍କା ସୃଷ୍ଟି ହେଲା। କ'ଣ ହେବ ନବୀନ ଚାଲିଗଲା ପରେ? କେଶରୀଙ୍କ ଭଳି ଅନେକଙ୍କ ମନରେ ଏ ସାଧାରଣ ପ୍ରଶ୍ନ ଆସିବା ସ୍ୱାଭାବିକ। ଲେଖକ ରୁବେନ୍ ବାନାର୍ଜୀ ଏଭଳି ଆଶଙ୍କା ଆଲୋଚନା ପରିସରକୁ ଆସିବାର କାରଣ




ଖୋଜିବାକୁ ଚେଷ୍ଟା କରିଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ତାଙ୍କ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ନୁହଁନ୍ତି। ତାଙ୍କ ଅତି ନିକଟର ଅଫିସର ପ୍ରତି ଦୁଇମାସରେ ଥରେ ମେଡିକାଲ୍ ଚେକ୍‌ଅପ୍ ପାଇଁ ପରାମର୍ଶ କରୁଥିଲେ ମଧ୍ୟ ସେଥିରେ ସେ ଅବହେଳିତ ରହୁଛନ୍ତି। ତା' ସତ୍ତ୍ୱେ ତାଙ୍କରି ଅତ୍ୟଧିକ ଧୂମ୍ରପାନ ଅଫିସରଙ୍କୁ ବିଚଳିତ କରିଛି। ମୁଖ୍ୟମନ୍ତ୍ରୀଙ୍କ ବୟସ ଅନୁପାତରେ ଏଭଳି ସାଧାରଣ ଅସୁସ୍ଥତା ଦେଖାଦେଉଥିବା କିଛିଲୋକଙ୍କର ମତ। ପିଇବାରେ ନିୟନ୍ତ୍ରଣ ନଥିବାରୁ ଯକୃତକୋଶକ୍ଷୟ ରୋଗରେ ଆକ୍ରାନ୍ତ ଥିବା କିଛି ସମାଲୋଚକ କହୁଥିବା ସେ ଉଲ୍ଲେଖ କରିଛନ୍ତି।

କେଶରୀଙ୍କ ପ୍ରଶ୍ନକୁ ଆଧାର କରି ନବୀନଙ୍କ ପରବର୍ତ୍ତୀ ପର୍ଯ୍ୟାୟର ଆକଳନ କରିଛନ୍ତି। ➤ ପୃ-୬

## ଟିଟୋ ଲିଙ୍କ୍‌ର ଏନ୍‌ଆଇଏ ତଦନ୍ତ ହେଉ : ବିଜେପି

**ଭୁବନେଶ୍ୱର :** ୧୦ ହଜାର କୋଟି ଟଙ୍କାର ଟିଟୋ ସାମ୍ରାଜ୍ୟ। ଏହି ସାମ୍ରାଜ୍ୟ ୧୯ ବର୍ଷ ଧରି ଶାସକ ବିଜେଡି ଦଳର ବିଧାୟକ, ସାଂସଦ, ମନ୍ତ୍ରୀଙ୍କ ଛତ୍ରଛାୟା ତଳେ ବିସ୍ତାରର ତଥ୍ୟ ପ୍ରମାଣ ହାଟରେ ପଡି ଦାଣ୍ଡରେ ଗଡୁଛି। ଏପରି ଏକ ସମ୍ବେଦନଶୀଳ ମାମଲାରେ ଟିଟୋକୁ ଖସାଇଦେବା ପାଇଁ ସାକ୍ଷୀ ପ୍ରମାଣ ନଷ୍ଟ କରିବାକୁ ଷଡଯନ୍ତ୍ରର ପ୍ରମାଣ ମଧ୍ୟ ସ୍ପଷ୍ଟ ହୋଇଛି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ବିଜେପି ରାଜ୍ୟ ସମ୍ପାଦିକା ଡ.ଲେଖାଶ୍ରୀ ସାମନ୍ତସିଂହାର ଅଭିଯୋଗ କରିଛନ୍ତି। ଏହା ସହ ପାକିସ୍ଥାନରୁ କାର୍ଯ୍ୟ କରୁଥିବା ଭାରତ ବିରୋଧୀ ଆତଙ୍କବାଦୀ ସଙ୍ଗଠନ ସହ ଟିଟୋ ଓ ତାଙ୍କର ସହଯୋଗୀ ମାନଙ୍କର ଘନିଷ୍ଠ ସମ୍ପର୍କକୁ ନେଇ ଅନେକ ତଥ୍ୟ ପ୍ରମାଣ ସ୍ପଷ୍ଟ ହେବା ପରିପ୍ରେକ୍ଷୀରେ ଟିଟୋ ସାମ୍ରାଜ୍ୟର ସିବିଆଇ




ଓ ଏନଆଇଏ ତଦନ୍ତ ଅତ୍ୟନ୍ତ ଜରୁରୀ ବୋଲି ଲେଖାଶ୍ରୀ ଏହି ସାମ୍ବାଦିକ ସମ୍ମିଳନୀରେ ଦାବି କରିଛନ୍ତି। କେନ୍ଦ୍ରାପଡାର ବହୁଚର୍ଚ୍ଚିତ ଟିଟୋ ସାର୍ପ ସୁଟରଙ୍କ ଦ୍ୱାରା ବିଶ୍ୱଜିତ ସାହୁ ହତ୍ୟାକାଣ୍ଡର ଗୁରୁତ୍ୱପୂର୍ଣ୍ଣ ସାକ୍ଷୀ ବିଚିତ୍ର ନାୟକଙ୍କ କେନ୍ଦ୍ରାପଡା ଜିଲାର ଛଘରିଆ ଠାରେ ଗତରାତିରେ ସଡକ ଦୁର୍ଘଟଣାରେ ଅଜଣା ଗାଡି ଧକ୍କାର ମୃତ୍ୟୁ ଘଟିଛି। ➤ ପୃ-୬

## ମ୍ୟାନୁଫାକ୍‌ଚରିଂ ହବ୍ ହେବ ଓଡ଼ିଶା : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ଓଡ଼ିଶା ସରକାରଙ୍କ ପକ୍ଷରୁ ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍-୨୦୧୮ ଅନ୍ତର୍ଗତ ମୁମ୍ବାଇରେ ଅନୁଷ୍ଠିତ ହୋଇଯାଇଛି ଏକ ନିବେଶ ରୋଡ୍ ଶୋ। ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ ଓ ଇଣ୍ଡଷ୍ଟ୍ରି(ଫିକି)ର ମିଳିତ ସହଯୋଗରେ ଏହା ଅନୁଷ୍ଠିତ ହୋଇଛି। ଏହି ରୋଡ୍ ଶୋ ବେଶ୍ ସଫଳ ହୋଇଥିବାବେଳେ ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନେକ ଶିଳ୍ପପତିଙ୍କ ସହିତ ସାକ୍ଷାତ ଆଲୋଚନା କରିଛନ୍ତି। ବିଭିନ୍ନ ଶିଳ୍ପ ସଂସ୍ଥା ପ୍ରତିନିଧିଙ୍କ ମଧ୍ୟରେ ରିଲାଏନ୍ସ ଇଣ୍ଡଷ୍ଟ୍ରିର ସିଏମ୍‌ଡି ମୁକେଶ ଅମ୍ବାନୀ, ମହିନ୍ଦ୍ରା ଗ୍ରୁପ୍‌ର ଅଧ୍ୟକ୍ଷ ଆନନ୍ଦ ମହିନ୍ଦ୍ରା, ଆଦିତ୍ୟ ବିର୍ଲା ଗ୍ରୁପ୍ ଅଧ୍ୟକ୍ଷ କୁମାର ମଙ୍ଗଳମ୍ ବିର୍ଲା, ଗୋଦରେଜ୍ ଗ୍ରୁପ୍ ଅଧ୍ୟକ୍ଷ ଆଦି ଗୋଦରେଜ୍, ରେମଣ୍ଡ ଗ୍ରୁପ୍ ସିଏମ୍‌ଡି ଗୌତମ ସିଂଘାଣିଆ, ଫ୍ୟୁଚର ଗ୍ରୁପ୍ ସିଇଓ ତଥା ପ୍ରତିଷ୍ଠାତା କିଶୋର ବିୟାନୀ ପ୍ରମୁଖ ଏଥିରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୩୦୦ରୁ ଅଧିକ କମ୍ପାନୀ ଯୋଗଦେଇ ଓଡ଼ିଶାର ଫୋକସ୍ ସେକ୍ଟରରେ ନିବେଶ ପାଇଁ ସକାରାତ୍ମକ ମତପୋଷଣ କରିଛନ୍ତି। ବିଭିନ୍ନ ଫୋକସ୍ ସେକ୍ଟର ମଧ୍ୟରେ ଖାଦ୍ୟ ପ୍ରକ୍ରିୟାକରଣ ଏବଂ ସମୁଦ୍ରଜାତ ଖାଦ୍ୟ, ➤ ପୃ-୬



ପବିତ୍ର ସ୍ୱାଧୀନତା ଦିବସ ଅବସରରେ
ପଦ୍ମପୁରବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।
ପ୍ରଦୀପ ପୁରୋହିତ
ବିଧାୟକ, ପଦ୍ମପୁର

# ପାଣି ଚିନ୍ତା : ସଂରକ୍ଷଣ ପାଇଁ ୧୧୧୫ କୋଟି

**ଭୁବନେଶ୍ୱର :** ଏବେ ଚିନ୍ତା ବଢ଼ାଉଛି ପାଣି ସମସ୍ୟା। ଓଡ଼ିଶାର ଭୂତଳ ଜଳ ସଂରକ୍ଷଣ ପ୍ରକଳ୍ପକୁ ଦେଶରେ ପ୍ରଥମ ଥର ସହାୟତା ପାଇଁ ଗ୍ରୀନ୍ କ୍ଲାଇମେଟ୍ (ଜିସିଏଫ୍) ପାଣ୍ଠି ମଞ୍ଜୁର କରିଛି। ନାବାର୍ଡ ମାଧ୍ୟମରେ ଏହି ସଂସ୍ଥା ରାଜ୍ୟ ସରକାରଙ୍କୁ ୨୩୨ କୋଟି ଟଙ୍କା ଯୋଗାଇଦେବ। ଏଥିପାଇଁ ରାଜ୍ୟ ସରକାରଙ୍କ ସହ ନାବାର୍ଡର ଚୁକ୍ତି ସ୍ୱାକ୍ଷର ହୋଇଛି। ସଚିବାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଜଳସମ୍ପଦ ବିଭାଗ ସହ ନାବାର୍ଡ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଜଳ ସଂରକ୍ଷଣ ପାଇଁ ୧୫ଟି ଜିଲ୍ଲାରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ପ୍ରକଳ୍ପ ପାଇଁ ସମୁଦାୟ ୧୧୧୫ କୋଟି ଟଙ୍କାର ବଜେଟ୍ ରଖାଯାଇଛି। ➤ ପୃ-୬



ପବିତ୍ର ସ୍ୱାଧୀନତା ଦିବସ ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।





ପବିତ୍ର ରାଉତରାୟ
ଚେୟାରମ୍ୟାନ୍
ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲ, ମଳିପଡା, ଭୁବନେଶ୍ୱର

### ବକ୍ରବାଣୀ



ଦିନରେ ପିଇକି ପଇଡ ପାଣି
ରାତିରେ ଦେଖାନ୍ତି ବିଦେଶୀ ଠାଣି
ମାଇପ ନାଇଁତ କହିବ କିଏ
ଦିଇ ବୋତଲରେ ସପ୍ତାହେ ଯାଏ
ସମାନ ଦୂରତା ରଖନ୍ତି ସେଇ
ସାନକୁ ମୁକୁଟ ପିନ୍ଧେଇ ଦେଇ
ପୋଡା ମେସିନଟା କାମରେ ଆସେ
ଠିକଣା ବେଳକୁ ପାଖରେ ବସେ
କଳା ଗୋଲାପର ସଇଲା କଥା
ସିବିଆଇ ଆଉ ଖାଏ କି ମଥା।

—— ଟୁଟୁ

Happy Independence Day



Manas Ranjan Mohanty
Managing Director



Alok Kumar Jena
Director

OMACS PROPERTIES Pvt. Ltd.
Plot No : 23, District Centre, Chandrasekharpur, Bhubaneswar-751016, Odisha
E-mail : omacsbbsr@gmail.com, www.omacs.com
Cell : 9937099963, 9437209709, 9861197016

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର


# ଜୈବଇନ୍ଧନକୁ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱ

**ନୂଆଦିଲ୍ଲୀ :** ଜୈବ ଇନ୍ଧନ ବ୍ୟବହାର ଫଳରେ ଏକବିଂଶ ଶତାବ୍ଦୀରେ ଭାରତକୁ ଏକ ନୂଆ ଗତି ମିଳିପାରିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । କୃଷି ଉତ୍ପାଦରୁ ନିର୍ମିତ ଜୈବ ଇନ୍ଧନ ଫଳରେ ଗାଁ ଓ ସହର ଉଭୟ ସ୍ଥାନରେ ରହୁଥିବା ଲୋକମାନଙ୍କର ଜୀବନରେ ବଡ ପରିବର୍ତ୍ତନ ଅଣାଯାଇପାରିବ ବୋଲି ସେ କହିଛନ୍ତି। ବିଶ୍ୱ ଜୈବଇନ୍ଧନ ଦିବସ-୨୦୧୮ ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଯୋଗଦେଇ ଚାଷୀ, ବୈଜ୍ଞାନିକ, ଉଦ୍ୟମୀ, ସରକାରୀ ଅଧିକାରୀ ଓ ସାଂସଦମାନଙ୍କୁ ଉଦ୍‌ବୋଧନ ଦେବା ସହ ନ୍ୟାସ୍‌ନାଲ୍ ପଲିସି ଫର୍ ବାୟୋ ଫୁଏଲ୍-୨୦୧୮ ପୁସ୍ତିକାର ଉନ୍ମୋଚନ କରିଛନ୍ତି । ଏହା ବ୍ୟତୀତ ସେ ପ୍ରୋ- ଆକ୍ଟିଭ ଏଣ୍ଡ ରେସ୍ପୋନସିଭ ଫେସିଲିଟେସନ ବାଇ ଇଣ୍ଟରାକ୍ଟିଭ ଏଣ୍ଡ ଭର୍ଚ୍ଯୁଅସ ଏନଭାୟର୍ନମେଣ୍ଟାଲ ସିଙ୍ଗଲ ବିଣ୍ଡୋ ହବ( ପରିବେଶ)ର ମଧ୍ୟ ଶୁଭ ଉଦଘାଟନ କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ଜୈବଇନ୍ଧନରୁ ଇଥାନୋଲ ନିର୍ମାଣ ପାଇଁ ପ୍ରୟାସ ପ୍ରଥମ ଥର ପାଇଁ ଅଟଳ ବିହାରୀ ବାଜପେୟୀଙ୍କ ସରକାର ସମୟରେ ଆରମ୍ଭ ହୋଇଥିଲା। ଏହାଦ୍ୱାରା କେବଳ ଯେ ଚାଷୀମାନଙ୍କୁ ଲାଭ ହୋଇନାହିଁ ବରଂ ଗତ ବର୍ଷ ୪ ହଜାର କୋଟି ଟଙ୍କାର ବିଦେଶୀ ମୁଦ୍ରା ସଂଚୟ ହୋଇ ପାରିଛି । ଏହି ସଂଚୟକୁ ଆଗାମୀ ଚାରି ବର୍ଷ ମଧ୍ୟରେ ୧୨ ହଜାର କୋଟି ଟଙ୍କାକୁ ପହଞ୍ଚାଇବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି ସେ କହିଛନ୍ତି । ଦେଶରେ ୧୨ଟି ଆଧୁନିକ ରିଫାଇନାରୀ ନିର୍ମାଣର ଯୋଜନା ରହିଛି । କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରି କେନ୍ଦ୍ର ପେଟ୍ରୋଲିୟମ ପ୍ରାକୃତିକ ଗ୍ୟାସ, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ ଯେ ୨୦୧୫ ମସିହାରୁ ଏହି ଦିନକୁ ବିଶ୍ୱ ଜୈବ ଇନ୍ଧନ ଦିବସ ଭାବେ ପାଳନ କରାଯାଉଛି । ପାରମ୍ପାରିକ ଜୀବାଶ୍ମ ଆଧାରିତ ଇନ୍ଧନର ବିକଳ୍ପ ଭାବେ ଜୈବ ଇନ୍ଧନକୁ ବ୍ୟବହାର କରିବାକୁ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରା ଯାଉଛି । ଶ୍ରୀ ପ୍ରଧାନ କହିଛନ୍ତି ଯେ ବ୍ଲେଣ୍ଡିଂ କାର୍ଯ୍ୟକ୍ରମ ପାଇଁ ଇଥାନୋଲ ଯୋଗାଣରେ ସୁଧାର ପାଇଁ ଅନେକ ପଦକ୍ଷେପ ନିଆ ଯାଇଛି । ଏହା ଫଳରେ ୨୦୧୩-୧୪ରେ ଏହାର ଯୋଗାଣ ୩୮ କୋଟି ଲିଟର ଥିବା ବେଳେ ଏହା ଚଳିତ ବର୍ଷ ୧୪୧ କୋଟି ଲିଟରକୁ ପହଞ୍ଚିପାରିଛି । ସେ କହିଛନ୍ତି ଯେ ଜୈବ ଇନ୍ଧନ -୨୦୧୮ ନୂଆ ନ୍ୟାସନାଲ ପଲିସୀ ଅଧିସୂଚିତ କରାଯାଇଛି ଯେଉଁଥିରେ ୨୦୩୦ ସୁଦ୍ଧା ପେଟ୍ରୋଲରେ ଇଥାନୋଲର ବ୍ଲେଣ୍ଡିଂକୁ ୨୦ ପ୍ରତିଶତ କରିବାକୁ ଲକ୍ଷ୍ୟ ରଖା ଯାଇଛି । କାର୍ଯ୍ୟକ୍ରମରେ କେନ୍ଦ୍ର ସଡକ ପରିବହନ, ରାଜପଥ, ଜାହାଜ ଚଳାଚଳ, ଜଳ ସମ୍ପଦ ମନ୍ତ୍ରୀ ନୀତିନ ଗଡକରୀ, ଉପଭୋକ୍ତା ମାମଲା ମନ୍ତ୍ରୀ ରାମବିଳାସ ପାସବାନ, କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ରାଧାମୋହନ ସିଂହ, ବିଜ୍ଞାନ , ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଡ. ହର୍ଷବର୍ଦ୍ଧନ ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ରାଇ ଅଧ୍ୟକ୍ଷଙ୍କ କାର୍ଯ୍ୟକାଳ ୨ ବର୍ଷ ବଢ଼ିଲା



**ନୂଆଦିଲ୍ଲୀ :** ଟେଲିକମ୍ କ୍ଷେତ୍ରରେ ଏକଚାଟିଆ ଟାରିଫ୍ ଦର ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ଚର୍ଚ୍ଚାରେ ଥିବା ରାମ ସେବକ ଶର୍ମାଙ୍କ କାର୍ଯ୍ୟକାଳ ସରିବାର ଗୋଟିଏ ଦିନ ପୂର୍ବରୁ ହିଁ ଏହାକୁ ଆଉ ଦୁଇ ବର୍ଷଯାଏ ବଢ଼ାଇ ଦିଆଯାଇଛି । କ୍ୟାବିନେଟ୍‌ର ଆପୋଏଣ୍ଟ କମିଟି ଆସନ୍ତା ଅଗଷ୍ଟ ୧୦ରେ ସରୁଥିବା ତାଙ୍କ କାର୍ଯ୍ୟକାଳକୁ ୨୦୨୦ ମସିହା ସେପ୍ଟେମ୍ବର ଯାଏ ବୃଦ୍ଧି କରିଛନ୍ତି। ସେହିଦିନ ତାଙ୍କୁ ୬୫ ବର୍ଷ ପୂରିବ ଏବଂ ତାଙ୍କର କାର୍ଯ୍ୟକାଳ ସରିବ। ୨୦୧୫ ମସିହା ଜୁଲାଇ ମାସରେ ତିନିବର୍ଷ ପାଇଁ ତାଙ୍କୁ ଏହି ପଦବୀରେ ନିଯୁକ୍ତି ଦିଆଯାଇଥିଲା। ୧୯୮୨ ବ୍ୟାଚ୍‌ର ଝାଡ଼ଖଣ୍ଡ କ୍ୟାଡର ଆଇଏଏସ୍ ଶ୍ରୀ ଶର୍ମା ଆଧାର ତଥ୍ୟ ସୁରକ୍ଷା ମାମଲାକୁ ନେଇ ବେଶ ଚର୍ଚ୍ଚାକୁ ଆସିଥିଲେ। ତାଙ୍କ ଆଧାର ନମ୍ବର ନେଇ କେହି କିଛି ତଥ୍ୟ ହାସଲ କରିପାରିବେ ନାହିଁ ବୋଲି ଆହ୍ୱାନ କରିବା ପରେ ମଧ୍ୟ ଜଣେ ସୋସିଆଲ ମିଡିଆ ହ୍ୱିସିଲ ବ୍ଲୋୟର ଏହାକୁ ଭୁଲ ପ୍ରମାଣିତ କରିବା ପରେ ଖୁବ୍ ସମାଲୋଚନାର ଶିକାର ହୋଇଥିଲେ ସେ। ସେ ୟୁଆଇଡିଏଆଇର ଡାଇରେକ୍ଟର ଜେନେରାଲ ଏବଂ ମିଶନ୍ ଡାଇରେକ୍ଟର ଦାୟିତ୍ୱ ନିର୍ବାହ କରି ସାରିଛନ୍ତି।

## ଚୀନ୍ ଟାର୍ଗେଟରେ ଆମେରିକାର ନୌସେନା ବିମାନ

**ଓକିନାୱା(ଜାପାନ) :** ଦକ୍ଷିଣ ଚୀନ ସାଗରରେ ଚୀନ୍ ସରକାର ସାମରିକ କାର୍ଯ୍ୟକଳାପ ବୃଦ୍ଧି କରି ଚାଲିଛନ୍ତି। ଆମେରିକା ନୌସେନାର ଏକ ବିମାନରୁ ଚୀନର ଗତିବିଧି ସମ୍ପର୍କରେ ଅନେକ କିଛି ନଜରକୁ ଆସିଛି। ଏହି ଅଞ୍ଚଳରେ ଚୀନ ପାଞ୍ଚମହଲା କୋଠା ନିର୍ମାଣ କରିବା ସହ ବିରାଟ୍ ରାଡାର ପ୍ରତିଷ୍ଠା କରିଛି। ଏହାଛଡ଼ା ଶକ୍ତିକେନ୍ଦ୍ର ଓ ଲଢୁଆ ବିମାନ ପାଇଁ ରନ୍‌ୱେ ନିର୍ମାଣ କରିଛି। ତେବେ ଉଲ୍ଲେଖନୀୟ ବିଷୟ ଯେ ଆମେରିକା ନୌସେନା ବିମାନରୁ ୧୬,୫୦୦ ଫୁଟ ଉଚ୍ଚରୁ ଏସବୁକୁ ବିମାନର ପାଇଲଟ୍ ଓ ଅନ୍ୟ କର୍ମଚାରୀମାନେ ଦେଖିଲାବେଳେ ସେମାନଙ୍କୁ ତୁରନ୍ତ ଚାଲିଯିବାକୁ ଚୀନ ସେନା ୬ ଥର ଚେତାବନୀ ଦେଇଛି। ସେମାନେ ଏବେ ଚୀନ ଅଞ୍ଚଳରେ ପ୍ରବେଶ କରିଥିବା ଦର୍ଶାଇ ଏବଂ କୌଣସି ଭୁଲ ବୁଝାମଣା ସୃଷ୍ଟି ନ କରି ସେଠାଛାଡ଼ି ପଳାଇ ଯିବାକୁ ଚୀନ ସେନା ନିର୍ଦ୍ଦେଶ ଦେଇଥିଲା। ଆମେରିକା ନୌସେନା ଜେଟ୍ ଦକ୍ଷିଣ ସାଗରରେ ଚୀନ ଦ୍ୱାରା ନିର୍ମିତ ଚାରିଟି କୃତ୍ରିମ ଦ୍ୱୀପ ଉପରେ ଉଡ଼ାଣ କରି ବେଜିଂର ଗତିବିଧି ଲକ୍ଷ୍ୟ କରିଥିଲା। ବିମାନର ସେନ୍ସର ଚୀନ ଉପକୂଳରେ ଥିବା ତଟରକ୍ଷୀ ବାହିନୀ ସମେତ ୮୬ଟି ଜାହାଜର ଚିତ୍ର ଉତ୍ତୋଳନ କରିଥିଲା। ସମୁଦ୍ର ମଝିରେ ଏୟାରପୋର୍ଟ ଦେଖି ଆଶ୍ଚର୍ଯ୍ୟ ଲାଗୁଛି ବୋଲି ଏହି ବିମାନର ପ୍ରମୁକ ଦାୟିତ୍ୱରେ ଥିବା ଲେଫ୍ଟନାଣ୍ଟ ଲରେନ୍ କାଲେନ୍ କହିଛନ୍ତି।

## ୨୧ରେ ଆଇପିପିବି ଉଦ୍‌ଘାଟନ କରିବେ ମୋଦି

**ନୂଆଦିଲ୍ଲୀ :** ଆସନ୍ତା ଅଗଷ୍ଟ ୨୧ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇଣ୍ଡିଆ ପୋଷ୍ଟ ପେମେଣ୍ଟସ୍ ବ୍ୟାଙ୍କର ଉଦ୍‌ଘାଟନ କରିବେ। ନୂଆଦିଲ୍ଲୀର ଟଲ୍‌କାଟୋରା ଷ୍ଟାଡିଅମ୍‌ରେ ଏହି କାର୍ଯ୍ୟକ୍ରମ ହେବ। ବହୁ ପୂର୍ବରୁ ଏହି ବ୍ୟାଙ୍କର ଦୁଇଟି ଶାଖା ରାୟପୁର ଏବଂ ରାଞ୍ଚିଠାରେ ପରୀକ୍ଷାମୂଳକଭାବେ ଆରମ୍ଭ କରାଯାଇଛି। ଏହା ଅନ୍ୟ ବ୍ୟାଙ୍କ ଏବଂ ଆର୍ଥିକ ସଂସ୍ଥା ସହିତ ଅନୁବନ୍ଧିତ ହୋଇ ଋଣ, ମ୍ୟୁଚୁଆଲ ଫଣ୍ଡ ଏବଂ ବୀମା ସେବା ପ୍ରଦାନ କରିବ। ୨୦୧୫ରେ ରିଜର୍ଭ ବ୍ୟାଙ୍କ ୧୧ଟି ଅନୁଷ୍ଠାନକୁ



ପେମେଣ୍ଟ ବ୍ୟାଙ୍କ ପାଇଁ ଅନୁମତି ଦେଇଥିଲେ, ତନ୍ମଧ୍ୟରୁ ଡାକ ବିଭାଗ ଅନ୍ୟତମ। ଭାରତୀୟ ଡାକର ୧,୫୪,୦୦୦ ଟି କାର୍ଯ୍ୟାଳୟ ରହିଛି ଯେଉଁଥିରୁ ୧,୩୯,୦୦୦ଟି ଗ୍ରାମାଞ୍ଚଳରେ ରହିଛି। କିଛି ଘରୋଇ କମ୍ପାନୀ ସେବା ଆରମ୍ଭ କରିସାରିଥିଲେ ମଧ୍ୟ ୨୦୧୭ ସେପ୍ଟେମ୍ବର ସୁଦ୍ଧା ୬୫୦ ଶାଖା ଖୋଲିବା ଟାର୍ଗେଟରେ ଆଇପିପିବି ବିଫଳ ହୋଇଥିଲା। ଏହି ବ୍ୟାଙ୍କରେ ଉପଭୋକ୍ତା ୧ ଲକ୍ଷ ଯାଏ ଟଙ୍କା ଜମା କରିପାରିବେ ଏବଂ ଅନ୍ୟ ସେଭିଙ୍ଗସ୍ ଆକାଉଣ୍ଟ ପରି କାରବାର କରିପାରିବେ।

# ଏଫ୍‌ଆରଡିଆଇ ବିଲ୍ ଲୋକସଭାରେ ପ୍ରତ୍ୟାହାର

**ନୂଆଦିଲ୍ଲୀ :** ବହୁଦିନ ଧରି ବ୍ୟାଙ୍କ ଗ୍ରାହକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି କରିଥିବା ଏଫ୍‌ଆରଡିଆଇ ବିଲ୍ ଶେଷରେ ଆଗତ ହେବାର ପ୍ରାୟ ଗୋଟିଏ ବର୍ଷ ପରେ କେନ୍ଦ୍ର ସରକାର ଲୋକସଭାରୁ ପ୍ରତ୍ୟାହାର କରି ନେଇଛନ୍ତି। ଫାଇନାନ୍ସିଆଲ ରିଜୋଲ୍ୟୁସନ୍ ଆଣ୍ଡ୍ ଡିପୋଜିଟ୍ ଇନ୍‌ସ୍ୟୁରାନ୍ସ ନାମିତ ଏହି ବିଲରେ ରହିଥିବା କିଛି ପ୍ରସ୍ତାବକୁ ନେଇ ଗୁଜବ ସୃଷ୍ଟିହେବା ଆରମ୍ଭ କରିଥିଲା ଏବଂ ବ୍ୟାଙ୍କ ଗ୍ରାହକମାନଙ୍କୁ ଯଥେଷ୍ଟ ଡରାଇବାରେ ସମର୍ଥ ହୋଇଥିଲା ଯେ, ଜମାଖାତା ଖୋଲିଥିବା ବ୍ୟାଙ୍କ ଯଦି ଦେବାଳିଆ ହୁଏ ବ୍ୟାଙ୍କ ଗ୍ରାହକମାନଙ୍କୁ ଏଥିପାଇଁ କ୍ଷତି ସହିବାକୁ ହେବ। ୨୦୧୭ ମସିହା ଅଗଷ୍ଟ ମାସରେ ପ୍ରଥମେ ଆଗତ ହୋଇଥିବା ଏହି ବିଲ ଏକ ଯୁଗ୍ମ ସଂସଦୀୟ କମିଟିକୁ ପରାମର୍ଶ ପାଇଁ ହସ୍ତାନ୍ତର କରାଯାଇଥିଲା। କାର୍ଯ୍ୟକାରୀ ଅର୍ଥ ମନ୍ତ୍ରୀ ପୀୟୂଷ ଗୋଏଲ ଏହି କମିଟିକୁ ଦର୍ଶାଇଥିଲେ ଯେ, ସରକାର ଏହି ବିଲ୍ ପ୍ରତ୍ୟାହାର କରିବାକୁ ଚାହୁଁଛନ୍ତି। ଏହାର କାରଣ ସ୍ୱରୂପ ସେ ଦର୍ଶାଇଥିଲେ ଯେ, ଏହି ବିଲ୍‌ରେ ରହିଥିବା 'ବେଲ-ଇନ୍' ଧାରାକୁ ନେଇ ଜନ ଅସନ୍ତୁଷ୍ଟି ସୃଷ୍ଟି ହୋଇଛି ଯାହାକି ବ୍ୟାଙ୍କର ବିଫଳତାକୁ ଏହାର ଉପଭୋକ୍ତାଙ୍କ ଉପରେ ଲଦିବା ପରି ମନେ ହେଉଥିଲା। ଏହି ଧାରାର ବ୍ୟବସ୍ଥା ଅନୁଯାୟୀ ବୀମା ଅର୍ଥ ମଧ୍ୟ ବିପଦରେ ପଡ଼ିଥାଆନ୍ତା। କିନ୍ତୁ ବ୍ୟାଙ୍କ ବିଫଳତାର ସମାଧାନ ପାଇଁ ଆରମ୍ଭ ହୋଇଥିବା ପ୍ରୟାସ ଏପରି ପ୍ରତ୍ୟାହାରରେ ସରିଯିବ ନାହିଁ ବୋଲି ଜଣାଯାଇଛି, ବରଂ ଏହା ନୂତନ କଳେବର ସହିତ ପୁଣି ଥରେ ସଂସଦ ଗୃହକୁ ଫେରିବ। ଅର୍ଥନୀତିକ ବ୍ୟାପାର ସଚିବ ସୁଭାଷ ଚନ୍ଦ୍ରଙ୍କ କହିବା ଅନୁଯାୟୀ, ଆଗତ ହୋଇ ପ୍ରତ୍ୟାହାର କରାଯାଇଥିବା ବିଲର ଫ୍ରେମ୍‌ୱାର୍କରେ ଅଳଙ୍କରଣ ଜନିତ ସମସ୍ୟା ରହିଥିଲା। ବେଲ-ଇନ୍ ଧାରା ବ୍ୟତୀତ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ନେଇ ସମସ୍ୟା ରହିଥିଲା। ଯେହେତୁ ଏସବୁର ମାତ୍ରା ବୃହତ ଥିଲା, ଏହାକୁ ସମ୍ପୂର୍ଣ୍ଣ ସମାଧାନ ସହିତ ପୁନର୍ବାର ଉପସ୍ଥାପନ କରାଯିବ। ଯାହାଫଳରେ ଆର୍ଥିକ ଅନୁଷ୍ଠାନଗୁଡ଼ିକ ପାଇଁ ସରଳୀକୃତ ବ୍ୟବସ୍ଥା ଗ୍ରହଣ କରାଯାଇ ପାରିବ। ଆର୍ଥିକ ସେବା ଯୋଗାଣକାରୀଙ୍କ ଦେବାଳିଆପଣର ସମାଧାନ ପାଇଁ ଏହି ବିଲ୍ ଉଦ୍ଦିଷ୍ଟ ଥିଲା। ଏଥିରେ ରହିଥିବା ବିଭିନ୍ନ ବ୍ୟବସ୍ଥା ମଧ୍ୟରେ ରିଜୋଲ୍ୟୁସନ୍ କର୍ପୋରେସନ୍ ପ୍ରତିଷ୍ଠା, ସୁସ୍ଥ ଆର୍ଥିକ ଅନୁଷ୍ଠାନକୁ ସମ୍ପତ୍ତି ସ୍ଥାନାନ୍ତର, ମିଶ୍ରଣ ଓ ଅଧିଗ୍ରହଣ ଏବଂ ନ୍ୟାସନାଲ କମ୍ପାନୀ ଲ' ଟ୍ରିବ୍ୟୁନାଲ ପରାମର୍ଶରେ ବିଲୟ କରିବା ଆଦି ଥିଲା। ବିଲ୍‌ରେ କୁହାଯାଇଥିଲା ଯଦି କେବେ ବ୍ୟାଙ୍କ ବିଫଳ ହୁଏ, ପ୍ରସ୍ତାବିତ କର୍ପୋରେସନ୍ ନିର୍ଦ୍ଦିଷ୍ଟ ପରିମାଣର ଜମା ଉପରେ ବୀମା ଦେବ ଯାହାର ଠିକରେ ବର୍ଣ୍ଣନା କରାଯାଇନଥିଲା। ଚଳିତ ସମୟରେ ୧ ଲକ୍ଷ ଟଙ୍କା ଯାଏ ବ୍ୟାଙ୍କ ଜମା ଉପରେ ବୀମା ରହିଛି। କିନ୍ତୁ ରିଜର୍ଭ ବ୍ୟାଙ୍କ ଏହି ବାବଦରେ ଜମାକାରୀଙ୍କୁ କ୍ଷତି ନପହଞ୍ଚାଇ ସଂକଳ୍ପ ନୀତି ଆଣିବାକୁ ଥିବାରୁ କିଛି ବ୍ୟାଙ୍କ ଏଥିରେ ପଛୁଆ ରହିଛନ୍ତି। ଏହି ବିଲରେ ଆହୁରି ମଧ୍ୟ କୁହାଯାଇଥିଲା ଯେ, 'ବେଲ-ଇନ୍' ବ୍ୟବସ୍ଥା ଲାୟାବିଲିଟି ବା ଉତ୍ତରଦାୟିତ୍ୱରେ କ୍ଷତି ପହଞ୍ଚାଇବ।

## ବନ୍ଦ ହେବ ସୋସିଆଲ ମିଡିଆ ଆପ୍ଲିକେସନ୍ !

**ନୂଆଦିଲ୍ଲୀ :** ମିଥ୍ୟା ଖବର ଓ ଶିଶୁ ପର୍ଣ୍ଣୋଗ୍ରାଫି ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ଫେସ୍‌ବୁକ୍, ହ୍ୱାଟ୍ସଆପ୍, ଟେଲିଗ୍ରାମ୍ ଏବଂ ଇନ୍‌ଷ୍ଟାଗ୍ରାମ୍ ଭଳି ବିଭିନ୍ନ ଲୋକପ୍ରିୟ ସୋସିଆଲ୍ ମିଡିଆ ଆପ୍ଲିକେସନ୍‌କୁ ବ୍ଲକ୍ କରିବା ନିମନ୍ତେ ଦୂରସଞ୍ଚାର ବିଭାଗ (ଡିଓଟି) ପକ୍ଷରୁ ବିଚାର କରାଯାଉଛି। ତେଣୁ ବିଭାଗ ଏଥିପାଇଁ ଟେଲିକମ୍ କମ୍ପାନୀ ଏବଂ ଇଣ୍ଟର୍‌ନେଟ୍ ସର୍ଭିସ୍ ପ୍ରୋଭାଇଡର୍ସ୍ (ଆଇଏସ୍‌ପି)ଙ୍କୁ ପରାମର୍ଶ ମାଗିଛି। ନିକଟରେ ମିଥ୍ୟା ଖବର ପ୍ରସାରିତ ହେବା ଯୋଗୁଁ କିଛି ବିଶୃଙ୍ଖଳିତ ଜନତା ପିଟି ପିଟି ଜଣକୁ ହତ୍ୟା କରିଦେବା ଘଟଣା ସାମ୍ନାକୁ ଆସିଥିଲା ଏବଂ ଏହାକୁ ନେଇ ସରକାରଙ୍କୁ ବିଭିନ୍ନ ମହଲରୁ କଡ଼ା ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା। ଏଥିସହ ମିଥ୍ୟା ଖବର ଜରିଆରେ ଆସନ୍ତା ୨୦୧୯ ଲୋକସଭା ନିର୍ବାଚନକୁ ପ୍ରଭାବିତ କରାଯାଇଥିବାର ମଧ୍ୟ ଆଶଙ୍କା କରାଯାଉଛି। ଏ




ସମସ୍ତ ଘଟଣାକୁ ଦୃଷ୍ଟିରେ ରଖି ଦୂରସଞ୍ଚାର ବିଭାଗ ସୋସିଆଲ୍ ମିଡିଆର ଉପରୋକ୍ତ ଆପ୍ଲିକେସନ୍‌କୁ ବନ୍ଦ କରିବାର ବାଟ ଖୋଜୁଛି। ତେଣୁ ଏହାକୁ କିପରି ବ୍ଲକ୍ କରାଯିବ, ସେନେଇ ଉଚିତ୍ ବିକଳ୍ପ ଦେବାକୁ ଗତ ଜୁଲାଇ ୧୮ରେ ଭାରତୀ ଏୟାରଟେଲ୍, ରିଲାଏନ୍ସ ଜିଓ, ଭୋଡାଫୋନ୍ ଇଣ୍ଡିଆ, ଆଇଡିଆ ସେଲୁଲାର୍ ବ୍ୟତୀତ ଅନ୍ୟ ଟେଲିକମ୍ ଏବଂ ଆଇଏସ୍‌ପି ଇଣ୍ଡଷ୍ଟ୍ରୀ ସହିତ ଜଡ଼ିତ ସଂସ୍ଥାଗୁଡ଼ିକୁ ବିଭାଗ ଚିଠି ମାଧ୍ୟମରେ ଜଣାଇଥିଲା। ଯଦି ଏ ସମସ୍ତ ଆପ୍ସକୁ ବ୍ଲକ୍ କରାଯାଏ ତେବେ ସୂଚନା ପ୍ରଯୁକ୍ତିବିଦ୍ୟା(ଆଇଟି) ଧାରା ୬୯ଏ ଅନ୍ତର୍ଗତ କରାଯିବ। ଏହି ଆଇନ୍‌ରେ କମ୍ପ୍ୟୁଟର ଆପ୍ଲିକେସନ୍ ଜରିଆରେ ଦିଆଯାଉଥିବା ସୂଚନାକୁ ବ୍ଲକ୍ କରିବାର ନିର୍ଦ୍ଦେଶ ଅଥରିଟିଙ୍କୁ ଦିଆଯାଇଛି। ଇଣ୍ଡଷ୍ଟ୍ରୀରୁ ଏପରି ମାମଲାରେ ନିଜ ମତ ମାଗିବା ପାଇଁ ବିଭାଗ ପକ୍ଷରୁ ଏହା ଦ୍ୱିତୀୟ ଚିଠି ପଠାଯାଇଥିଲା। ମାତ୍ର କମ୍ପାନୀ କିମ୍ବା ଇଣ୍ଡଷ୍ଟ୍ରୀ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ପ୍ରତ୍ୟୁତ୍ତର ମିଳିନାହିଁ। ବିଭାଗ ପକ୍ଷରୁ ହ୍ୱାଟ୍ସଆପ୍‌କୁ ମିଥ୍ୟା ଖବର ଉପରେ ଅଙ୍କୁଶ ଲଗାଇବା ପାଇଁ ଚିଠି ଲେଖାଯାଇଥିଲା। ଯାହା ଫଳରେ ହ୍ୱାଟ୍ସଆପ୍ ନିଜ ଫରୱାର୍ଡ ସଂଖ୍ୟା ସୀମିତ କରିବା ସହିତ ଖବରକାଗଜ ବିଜ୍ଞାପନ ଜରିଆରେ ସଚେତନତା ବଢ଼ାଇବାକୁ ପ୍ରୟାସ କରିଛି। ଏହାବ୍ୟତୀତ ଦେଶରେ ଏକ ଦଳକୁ ନିୟୋଜିତ କରିଛି, ଯାହାର ପ୍ରମୁଖ ଭାରତୀୟ ହେବେ ବୋଲି ହ୍ୱାଟ୍ସଆପ୍ ପକ୍ଷରୁ ସରକାରଙ୍କୁ ସୂଚନା ଦିଆଯାଇଛି।

## ପୁଣି ଖୋଲିବ ଆରୁଷି ଫାଇଲ୍

**ନୂଆଦିଲ୍ଲୀ :** ୨୦୦୮ରେ ଘଟିଥିବା ଆରୁଷି-ହେମରାଜ ହତ୍ୟା ମାମଲାରେ ଦନ୍ତ ଚିକିତ୍ସକ ଦମ୍ପତି ରାଜେଶ ଓ ନୁପୂର ତଲୱାର ଦୋଷମୁକ୍ତ ହୋଇଥିବାରୁ ଏହାକୁ ଚାଲେଞ୍ଜ କରି ସିବିଆଇର ଅପିଲକୁ ସୁପ୍ରିମକୋର୍ଟ ଶୁଣାଣି ପାଇଁ ରାଜି ହୋଇଛନ୍ତି। ଏହି ଦନ୍ତ ଚିକିତ୍ସକ ଦମ୍ପତି ତାଙ୍କର ଝିଅ ଆରୁଷି ଓ ଚାକର ହେମରାଜକୁ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଜଷ୍ଟିସ୍ ରଞ୍ଜନ ଗୋଗୋଇ, ଜଷ୍ଟିସ୍ ନବୀନ ସିହ୍ନା ଓ ଜଷ୍ଟିସ୍ କେଏମ୍ ଜୋଶେଫଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଏ ସମ୍ପର୍କରେ ହେମରାଜଙ୍କ ପତ୍ନୀଙ୍କ ଆବେଦନ ସହ ସିବିଆଇର ଆବେଦନ ଉପରେ ଶୁଣାଣି କରାଯିବ। ତଲୱାର ଦମ୍ପତି ଦୋଷମୁକ୍ତ ହୋଇଥିବାରୁ ତାହାକୁ ଚାଲେଞ୍ଜ କରି ହେମରାଜଙ୍କ ପତ୍ନୀ ଗତବର୍ଷ ଅକ୍ଟୋବର ୧୨ରେ ଆଲ୍ଲାହାବାଦ ହାଇକୋର୍ଟରେ ଆବେଦନ କରିଥିଲେ। ସିବିଆଇ ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ୍ ମନିନ୍ଦର ସିଂହ ହେମରାଜଙ୍କ ପତ୍ନୀଙ୍କ ଆବେଦନ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିବାରୁ ଦୁଇଟି ଯାକ ଆବେଦନକୁ ଏକାଠି ଶୁଣାଣି କରାଯିବ ବୋଲି ଖଣ୍ଡପୀଠ କହିଥିଲେ। ୨୦୦୮ ମେ' ମାସରେ ୧୪ ବର୍ଷୀୟା ଆରୁଷିଙ୍କ ମୃତଦେହ ତଲୱାରଙ୍କ ନୋଏଡ଼ାସ୍ଥିତ ବାସଭବନରୁ ମିଳିଥିଲା। ଏହି ଘଟଣାରେ ପ୍ରଥମେ ୪୫ ବର୍ଷୀୟ ହେମରାଜଙ୍କୁ ସନ୍ଦେହ କରାଯାଉଥିଲା କାରଣ ସେ ସେତେବେଳେ ନିଖୋଜ ହୋଇଯାଇଥିଲେ। ମାତ୍ର ଦୁଇଦିନ ପରେ ହେମରାଜଙ୍କ ମୃତଦେହ ତଲୱାର ଦମ୍ପତିଙ୍କ ବାସଭବନ ଟେରାସ୍‌ରୁ ମିଳିଥିଲା। ସେତେବେଳେ ଏହି ଘଟଣା ଦେଶବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଥିଲା। ଉତ୍ତର ପ୍ରଦେଶର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଏହାର ସିବିଆଇ ତଦନ୍ତ ପାଇଁ ସୁପାରିଶ କରିଥିଲେ। ୨୦୧୩ ନଭେମ୍ବର ୨୬ରେ ଗାଜିଆବାଦ ସ୍ୱତନ୍ତ୍ର ସିବିଆଇ କୋର୍ଟ ତଲୱାର ଦମ୍ପତିଙ୍କୁ ଆଜୀବନ ଜେଲଦଣ୍ଡ ଶୁଣାଇଥିଲେ। କିନ୍ତୁ ପରେ ହାଇକୋର୍ଟ ଦୁହିଁଙ୍କୁ ଦୋଷମୁକ୍ତ କରିଥିଲେ।

# ୨୦୨୨ ସୁଦ୍ଧା ବଜାରରେ ଉପଲବ୍ଧ ହେବ ୫ଜି

**ନୂଆଦିଲ୍ଲୀ :** ଭାରତକୁ ଆସନ୍ତା ୪ ବର୍ଷ ମଧ୍ୟରେ ବହୁପ୍ରତୀକ୍ଷିତ ୫ଜି ଟେଲିକମ୍ ସର୍ଭିସ୍ ବଜାରକୁ ଆସିବ ବୋଲି ସୂଚନା ମିଳିଛି। ଏକ ସାକ୍ଷାତକାର ଅବସରରେ ଦୂରସଞ୍ଚାର ସଚିବ ଅରୁଣା ସୁନ୍ଦରରାଜନ୍ ପ୍ରକାଶ କରିଛନ୍ତି ଯେ ୫ଜି ସର୍ଭିସ୍ ଉପଲବ୍ଧ କରାଇବା ପାଇଁ ଖୁବ୍‌ଶୀଘ୍ର ପ୍ରୟାସ କରାଯାଉଥିଲେ ମଧ୍ୟ ଆମେ ଏଯାବତ୍ ସେପର୍ଯ୍ୟନ୍ତ ପହଞ୍ଚିପାରିନାହୁଁ। ୫ଜିକୁ ସମ୍ପୂର୍ଣ୍ଣ ରୂପେ ସେବାରେ ଆଣି ବଜାର ପ୍ରବେଶ କରାଇବାକୁ ହେଲେ ଏଥିପାଇଁ ଅତିକମ୍‌ରେ ୪ ବର୍ଷ ସମୟ ଲାଗିବ। ସିଧାସଳଖ ଭାବେ କହିଲେ ଏହା ଆସନ୍ତା ୨୦୨୨ ସୁଦ୍ଧା ବଜାରରେ ଉପଲବ୍ଧ ହେବ। ଏଥିସହିତ ସପ୍ଲାଏ ଦ୍ୱାରା ୫ଜିକୁ ପ୍ରେରଣ କରାଯିବ ନାହିଁ। କାରଣ ଏହାର ପ୍ରେରଣ କେବଳ ଚାହିଦା ଉପରେ ନିର୍ଭର କରିବ। ତେଣୁ ଟେଲିକମ୍ ଇଣ୍ଡଷ୍ଟ୍ରୀକୁ ଏଥିପାଇଁ ଜାଗ୍ରତ ହେବା ସହିତ ସମସ୍ତ ପ୍ରସ୍ତୁତିକୁ ଚୂଡ଼ାନ୍ତ କରିବାକୁ ପଡ଼ିବ। ଦକ୍ଷିଣ ଏସିଆ ରାଷ୍ଟ୍ର ଏହି ସଦ୍ୟ ଟେକ୍ନୋଲୋଜିକୁ ଆରମ୍ଭ କରିବା ପାଇଁ ଦକ୍ଷିଣ କୋରିଆ, ଜାପାନ, ଚାଇନା ଆଦି ରାଷ୍ଟ୍ରକୁ ଅନୁସରଣ କରିବ। କାରଣ ଏହି ଦେଶମାନଙ୍କରେ ଆସନ୍ତା ଦୁଇବର୍ଷ ମଧ୍ୟରେ ୫ଜି ସେବା ଯୋଗାଇ ଦିଆଯିବା ଲାଗି ପ୍ରସ୍ତୁତି କରାଯାଉଛି। ଯାହା ଫଳରେ ଆସନ୍ତା ୪ବର୍ଷ ଅର୍ଥାତ୍ ୨୦୨୨ ସୁଦ୍ଧା ଦେଶରେ ଏହାକୁ ଶୁଭାରମ୍ଭ କରାଯିବ ବୋଲି ସେ କହିଛନ୍ତି। ଏହି ହାଇସ୍ପିଡ୍ ଏବଂ ନିମ୍ନ ବିଳମ୍ବ ସେବାଯୁକ୍ତ ଟେକ୍ନୋଲୋଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଡିଜିଟାଲ୍ ଇଣ୍ଡିଆ ଯୋଜନାକୁ ଆହୁରି ପ୍ରୋତ୍ସାହିତ ଦେବା ସହିତ ଏହାକୁ ଗତିଶୀଳ କରାଇବାରେ




ସହାୟକ ହେବ। ଯଦି ଆମେ ସ୍ମାର୍ଟ ସିଟିରେ ରହିବାକୁ ଚାହୁଁଛୁ, ତେବେ ଏଥିପାଇଁ ଏକ ସ୍ମାର୍ଟ ଭିତ୍ତିଭୂମି ରହିବା ଜରୁରୀ ବୋଲି କହିବା ସହିତ ଆସନ୍ତା ୨୦୨୦ ସୁଦ୍ଧା ଅନେକ ପ୍ରକଳ୍ପକୁ ଶୁଭାରମ୍ଭ କରାଯିବ ବୋଲି ଅରୁଣା ସୂଚନା ପ୍ରଦାନ କରିଛନ୍ତି। ଏହି ନୂତନ ଟେକ୍ନୋଲୋଜି ଏକ ବ୍ୟାପକ କନେକ୍ଟିଭିଟି ଯୋଗାଇବା ସହିତ ଏଥିରେ କମ୍ ବିଜୁଳି ବ୍ୟବହୃତ ହେବ। ତେବେ ଅନ୍ୟ ଦେଶରେ ଏହା ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଥିବାବେଳେ ଭାରତରେ ଏଥିରେ ବିଳମ୍ବ ଲାଭପ୍ରଦ ସାବ୍ୟସ୍ତ ହୋଇପାରେ ବୋଲି ସାନ୍‌ଫୋର୍ଡ ସି ବର୍ଣ୍ଣଷ୍ଟେନ୍‌ର ହଂକଂର ବିଶ୍ଳେଷକ ଖ୍ରୀଷ୍ଟୋଫର୍ ଲେନ୍ ପ୍ରକାଶ କରିଛନ୍ତି। ଏଥିସହ ଆସନ୍ତା ୨୦୧୯ ମସିହା ମାର୍ଚ୍ଚ ସୁଦ୍ଧା ଦକ୍ଷିଣ କୋରିଆ, ୨୦୧୯ ଶେଷ ସୁଦ୍ଧା ଜାପାନ ଏବଂ ୨୦୨୦ ସୁଦ୍ଧା ଚାଇନା ସମେତ ପଶ୍ଚିମାଞ୍ଚଳର ସହରଗୁଡ଼ିକରେ ଏହି ନୂତନ ଟେକ୍ନୋଲୋଜିକୁ ଶୁଭାରମ୍ଭ କରାଯିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ସେହିପରି ଆସନ୍ତା ୨୦୨୨ ସୁଦ୍ଧା କିମ୍ବା ଆହୁରି ବିଳମ୍ବରେ ଭାରତରେ ଏହାକୁ ଶୁଭାରମ୍ଭ କଲେ, ଏହା ସଠିକ୍ ସମୟ ସାବ୍ୟସ୍ତ ହେବ ବୋଲି ମତ ରଖିଛନ୍ତି।

## କେମିତି କଟିବ ଏ ସପ୍ତାହ

**ମେଷ** — ପରିବାରରେ ଶାନ୍ତିର ବାତାବରଣ ଦେଖାଦେବ। କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଆର୍ଥିକ ଚିନ୍ତାରୁ ମୁକ୍ତି ମିଳିବ। କଳାକାରମାନେ ପ୍ରଶଂସିତ ହେବେ। ଶାରୀରିକ ସୁସ୍ଥତା ଅନୁଭବ କରିବେ। ବ୍ୟବସାୟୀମାନେ ଲାଭାବାନ ହୋଇପାରନ୍ତି।

**ବୃଷ** — ଆର୍ଥିକ ପରିସ୍ଥିତି ସୁଦୃଢ଼ ହେବ। ସାଙ୍ଗଠନିକ କାର୍ଯ୍ୟରେ ଦକ୍ଷତା ପ୍ରତିପାଦିତ କରିବେ। ନୂଆ ଦପ୍ତର ଖୋଲିବା ସହିତ ଧର୍ମାନୁଷ୍ଠାନ ସହିତ ଯୋଡି ହେବାର ସୁଯୋଗ ରହିଛି। ପରିବାରରେ ଶାନ୍ତି ବଜାୟ ରହିବ। ସ୍ୱାସ୍ଥ୍ୟପ୍ରତି ଯତ୍ନବାନ ହେବେ।

**ମିଥୁନ** — ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବ। ଜମିଜମାର ବିବାଦ ବଢ଼ିଯିବ। ପାରିବାରିକ ଶାନ୍ତି ଅନୁଭବ କରିବେ। ଛାତ୍ରଛାତ୍ରୀମାନେ ଅସୁସ୍ଥତା ଅନୁଭବ କରିବେ। ବ୍ୟବସାୟୀମାନେ ଅଧିକ ଲାଭବାନ ହେବେ।

**କର୍କଟ** — ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ଆସିବ। ନୂତନ କର୍ମରେ ଯୋଗ ଦେଇ ଖୁସି ଅନୁଭବ କରିବେ। ବିବାହ ଆଶାୟୀମାନେ ଅସଫଳ ହେବେ। ଛାତ୍ରଛାତ୍ରୀମାନେ ପାଠପଢ଼ାରେ ଅସଫଳ ହେବେ।

**ସିଂହ** — ଛାତ୍ରଛାତ୍ରୀମାନେ ଅଧିକ ପରିଶ୍ରମ କରି ସଫଳତା ପାଇବେ। କର୍ମକ୍ଷେତ୍ରରେ ପଦୋନ୍ନତି ଘଟିପାରେ। ଗୃହରେ ଶାନ୍ତିର ବାତାବରଣ ଦେଖାଦେବ। ଋଣରୁ ମୁକ୍ତି ମିଳିବ। ଲାଗି ରହିଥିବା ସମସ୍ୟାର ସମାଧାନ ଘଟିବ।

**କନ୍ୟା** — ନୂତନ ଜମି କ୍ରୟ କରି ଠକାମିର ଶିକାର ହୋଇପାରନ୍ତି। ଛାତ୍ରଛାତ୍ରୀମାନେ ପ୍ରଶଂସିତ ହେବେ। ଆର୍ଥିକ ସମସ୍ୟାର ସମାଧାନ ହେବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା ରହିଛି।

**ତୁଳା** — କର୍ମକ୍ଷେତ୍ରରେ ସହକର୍ମୀଙ୍କଠାରୁ ପ୍ରଶଂସା ପାଇବେ। ରାଜନୈତିକ ବ୍ୟକ୍ତିମାନେ ସତର୍କତା ଅବଲମ୍ବନ କରନ୍ତୁ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଫଳ ପାଇବେ। ବେକାରୀ ସମସ୍ୟା ଦୂର ହେବ।

**ବିଛା** — ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ସାମାଜିକ ଉତ୍ସବରେ ସହଯୋଗ କରିବେ। ନୂତନ କର୍ମରେ ଯୋଗ ଦେଇ ପ୍ରଶଂସିତ ହେବେ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଶୁଭଫଳ ପାଇବେ।

**ଧନୁ** — ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଆସିବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ବିଦ୍ୟାର୍ଥୀମାନେ କମ୍ ପରିଶ୍ରମରେ ଅଧିକ ଫଳପ୍ରଦ ହେବେ। ନୂତନ ଯାନ କ୍ରୟ କରିବାର ସମୟ ଆସିବ।

**ମକର** — ଆଶା କରିଥିବା କର୍ମରେ ଶୁଭଫଳ ମିଳିବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଆସିବ। ରାଜନୈତିକ କ୍ଷେତ୍ରରେ ସଫଳତା ହାସଲ କରିବେ।

**କୁମ୍ଭ** — ସାମାଜିକ କାର୍ଯ୍ୟରେ ଲିପ୍ତ ରହିବେ। ନୂତନବନ୍ଧୁଙ୍କ ଠାରୁ ଆର୍ଥିକ ସାହାଯ୍ୟ ମିଳିପାରେ। ବିଦ୍ୟାର୍ଥୀମାନେ ଶିକ୍ଷାକ୍ଷେତ୍ରରେ ଉନ୍ନତି କରିବେ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସିତ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମୀନ** — କର୍ମକ୍ଷେତ୍ରରେ ସଫଳତା ଲାଭ କରିବେ। ଦୀର୍ଘଦିନର ପୁରୁଣା କାମର ସମାଧାନ ହେବ। ଅତୀତ ଘଟଣାକୁ କେନ୍ଦ୍ରକରି ପଡୋଶୀଙ୍କ ସହ ବିବାଦ ରହିପାରନ୍ତି। ବ୍ୟବସାୟୀମାନେ ବ୍ୟବସାୟରେ ଲାଭବାନ୍ ହେବେ।




ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ‘ପ୍ୟାକ୍ସ ଏବଂ ଲ୍ୟାମ୍ପ୍ସ ଦୁର୍ନୀତିର ତଦନ୍ତ ହେଉ’



**ଭୁବନେଶ୍ୱର :** ରାଜ୍ୟରେ ପ୍ରାଥମିକ ସମବାୟ ସମିତି (ପ୍ୟାକ୍ସ) ଏବଂ ବୃହତାକାର ବହୁମୁଖୀ ସମବାୟ ସମିତି (ଲ୍ୟାଂମ୍ପସ) ରେ ହୋଇଥିବା ମହାଦୁର୍ନୀତିର ତଦନ୍ତ ଦାବି ସହ ରାଜ୍ୟର କୃଷକମାନଙ୍କ ଋଣଭାର କମାଇବା ପାଇଁ ସମସ୍ତ ବକେୟା କୃଷିଋଣକୁ ଛାଡ କରିବା, ବିନା ସୁଧରେ କୃଷକଙ୍କୁ ଋଣ ଯୋଗାଇବା, ଭାଗ ଚାଷୀ ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରି ସେମାନଙ୍କୁ ଆଇନତଃ ଅଧିକାର ଦେବା ଓ ସେମାନଙ୍କୁ କୃଷି ଋଣ ଏବଂ କୃଷି ବୀମା ଯୋଗାଇବା, ସମବାୟ ସମିତି ଓ ବ୍ୟାଂକମାନଙ୍କରେ ବ୍ୟାପକ ଅନୀୟମିତତା ଏବଂ କୋଟି କୋଟି ଟଙ୍କାର ଋଣ ଜାଲିଆତିର ତଦନ୍ତ ଓ ବିହୀତ କାର୍ଯ୍ୟାନୟଷ୍ଠାନ ଗ୍ରହଣ କରାଯିବା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ସମସ୍ତ ଚାଷୀ, ଭାଗ ଚାଷୀ, ଗୋଷ୍ଠୀ ଚାଷୀ, ଋଣୀ ଓ ଅଣଋଣୀ ଚାଷୀମାନଙ୍କୁ ସାମିଲ କରିବା, ଚାଷ କାମର ଯଥେଷ୍ଟ ପୂର୍ବରୁ ସମବାୟ ସମିତି ମାଧ୍ୟମରେ ସୁଲଭ ମୂଲ୍ୟରେ ଚାଷୀଙ୍କ ପାଇଁ ଆବଶ୍ୟକୀୟ ସାର, ବିହନ, କୀଟନାଶକ ଓ କୃଷି ଯନ୍ତ୍ରପାତି ଆଦି ଯୋଗାଇଦେବା, ଧାନ ମଣ୍ଡିରେ ଏଫଏକ୍ୟୁ ଆଳରେ ଓଜନ କାଟ୍ ନକରିବା, ଅଖାର ମୂଲ୍ୟ ଚାଷୀଙ୍କୁ ପ୍ରଦାନ କରିବା, ପ୍ରତ୍ୟେକ ଚାଷୀର ଉତ୍ପାଦିତ ଦ୍ରବ୍ୟକୁ ଜାତୀୟ ସ୍ତରରେ ଇ-ନାମ ଜରିଆରେ ବିକ୍ରି କରାଇବାର ବ୍ୟବସ୍ଥା, ସମବାୟ ସମିତିରେ ଗଚ୍ଛିତ ଥିବା ଚାଷୀର ଅଂଶଧନ ଉପରେ ସୁଧ ପ୍ରଦାନ କରିବା, ସମବାୟ ସମିତି / ବହୁମୁଖୀ ସମବାୟ ସମିତି ଗୁଡିକରେ କାର୍ଯ୍ୟରତ ସମସ୍ତ ବର୍ଗର କର୍ମଚାରୀମାନଙ୍କୁ କୃଷି ଓ କୃଷକଙ୍କ ପାଇଁ ପ୍ରତିବଦ୍ଧତା ଓ ସେମାନଙ୍କ ଆତ୍ମ ବିଶ୍ୱାସ ବଢାଇବା ପାଇଁ ତାଙ୍କୁ କ୍ୟାଡରଭୁକ୍ତ କରାଇବା ଭଳି ୧୩ ଦଫା ଦାବି ନେଇ ରାଜରାସ୍ତାକୁ ଓହ୍ଲାଇ ରାଜ୍ୟର ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରିଛି ବିଜେପି ସମବାୟ ପ୍ରକୋଷ୍ଠ। ରାଜ୍ୟର ଗ୍ରାମାଂଚଳରେ ଗରିବ ଚାଷୀକୁ ସହାୟତା ପ୍ରଦାନ ତଥା ଚାଷୀକୂଳର ଅର୍ଥନୈତିକ ପ୍ରଗତି ପାଇଁ ସମବାୟ ସମିତିଗୁଡିକ ଗଠନ କରାଯାଇଥିଲା। ମାତ୍ର ୧୯ ବର୍ଷ ବିଜେଡି ସରକାର ସମୟରେ ଏହି ସମିତିଗୁଡିକ ସରକାରଙ୍କ ନିୟନ୍ତ୍ରଣରୁ ବାହାରି ଯାଇ ଶାସକ ବିଜୁ ଜନତା ଦଳର ଋଣ କେନ୍ଦ୍ର ଭାବରେ କାର୍ଯ୍ୟ କରି କେବଳ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ସନ୍ତୁଷ୍ଟି କରାଯାଉଛି । ଏହି ସମବାୟ ସମିତି ମାଧ୍ୟମରେ ଶାସକ ବିଜେଡିର ନେତାମାନେ ମହାଦୁର୍ନୀତି କରିବା ସହ ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ଅର୍ଥକୁ ଲୁଟିଛନ୍ତି। ଅନ୍ୟ ପଟେ ରାଜ୍ୟରେ ସମବାୟ ବିଭାଗର ବିଫଳତାକୁ ଲୁଚାଇବା ପାଇଁ ଶାସକ ବିଜେଡି ‘ସମବାୟ-ଆପଣଙ୍କ ଦ୍ୱାରରେ’ ଅଭିଯାନ ମାଧ୍ୟମରେ ଦଳୀୟ କର୍ମୀ ସମ୍ମିଳନୀ କରୁଛି । ଚାଷୀମାନଙ୍କୁ ସହାୟତା ପରିବର୍ତ୍ତେ ଦଳୀୟ କର୍ମୀମାନଙ୍କୁ ସମବାୟ ସମିତିରୁ ଋଣ ପ୍ରଦାନ କରାଯାଉଛି। ସମସ୍ତ ସମବାୟ ସମିତି ଦୁର୍ନୀତିର ଗନ୍ତା ଘର ପାଲଟିଥିବାବେଳେ ରାଜ୍ୟ ସରକାର ନୀରବଦ୍ରଷ୍ଟା ସାଜି ଦୁର୍ନୀତିଖୋରଙ୍କୁ ଘଂଟ ଘୋଡାଉଛନ୍ତି। ଯେଉଁଥିରେ ଶାସକ ବିଜେଡିର ଜିଲ୍ଲା ସଭାପତିଙ୍କଠାରୁ ଆରମ୍ଭ କରି ଦଳୀୟ ପଦାଧିକାରୀମାନେ ଲିପ୍ତ ଅଛନ୍ତି। ରାଜଧାନୀ ଭୁବନେଶ୍ୱର ସମେତ କଟକ, ପୁରୀ, ବାଲେଶ୍ୱର, ବଲାଙ୍ଗୀର, ଆସ୍କା, ସମ୍ବଲପୁର, ବୌଦ୍ଧ ଜିଲ୍ଲାରେ ସମବାୟ ସମିତି ସମୂହ ଉପନିବନ୍ଧକ ଏବଂ ସହକାରୀ ନିବନ୍ଧକଙ୍କ ଜରିଆରେ ମହାମହିମ ରାଜ୍ୟପାଳଙ୍କୁ ଏହି ୧୩ ଦଫା ଦାବୀ ସମ୍ବଳିତ ଦାବୀପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ସରକାର ତୁରନ୍ତ ଏହି ପରିପ୍ରେକ୍ଷୀରେ କୌଣସି ଦୃଢ ପଦକ୍ଷେପ ଗ୍ରହଣ ନକଲେ ଆଗାମୀ ଦିନରେ ଏହି ଆନ୍ଦୋଳନ ଆହୁରୀ ତୀବ୍ର ରୂପ ଧାରଣ କରିବ ବୋଲି ପ୍ରକୋଷ୍ଠର ନେତାମାନେ ଚେତାଇ ଦେଇଛନ୍ତି।

# ଜଗମୋହନରୁ ପାଣି ଗଳୁଛି



**ପୁରୀ :** ଦୀର୍ଘ ୨ବର୍ଷ ୨ମାସ ଧରି ଶ୍ରୀମନ୍ଦିର ଜଗମୋହନର ମରାମତି କାର୍ଯ୍ୟ କରାଯିବା ପରେ ମଧ୍ୟ ଜଗମୋହନ ଛାତରୁ ପୁଣି ପାଣି ଗଳିବା ଆରମ୍ଭ ହୋଇଛି। ତେଣୁ ମରାମତି କାର୍ଯ୍ୟର ମାନକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୁରୀରେ ଲଗାଣ ବର୍ଷା ହେବା ଦ୍ୱାରା ଜଗମୋହନ ଛାତରୁ ପାଣିଗଳି ଜଗମୋହନ ଉପରେ ଲାଗିଥିବା ଚାନ୍ଦୁଆ ଭିଜିବା ସହିତ ବଲ୍ଲଭ ପିଣ୍ଡି ଉପରେ ପାଦେ ଉଚ୍ଚର ପାଣି ଜମି ରହିଥିଲା। ଫଳରେ ଅବକାଶ ପରେ ବଲ୍ଲଭ ନୀତି ବାଧାପ୍ରାପ୍ତ ହୋଇଥିଲା। ମରାମତି କାର୍ଯ୍ୟ ଠିକ୍‌ଠାକ୍ ଶେଷ ହୋଇଛି ବୋଲି ଗତ ମାର୍ଚ୍ଚ ମାସରେ ଏଏସ୍ଆଇ ପକ୍ଷରୁ ଓଡ଼ିଶା ହାଇକୋର୍ଟରେ ସତ୍ୟପାଠ ଦାଖଲ କରାଯାଇଥିଲା। ସତ୍ୟପାଠ ଦାଖଲର ମାତ୍ର ୪ମାସ ପରେ ଜଗମୋହନ ଛାତରୁ ପାଣି ଗଳିବା ଘଟଣା ସେବାୟତ ଓ ଭକ୍ତ ମହଲକୁ ବିସ୍ମିତ କରିଛି। ସୂଚନାଯୋଗ୍ୟ ଯେ ଏଏସ୍ଆଇ ଶ୍ରୀମନ୍ଦିରର ରକ୍ଷଣାବେକ୍ଷଣ ଓ ମରାମତି ଦାୟିତ୍ୱ ୧୯୭୮ମସିହାରୁ ଗ୍ରହଣ କରିଛି। ଏହି ପରିପ୍ରେକ୍ଷୀରେ ଶ୍ରୀମନ୍ଦିର ଜଗମୋହନର ଉତ୍ତର ପଶ୍ଚିମ କୋଣରେ ଫାଟ ସୃଷ୍ଟି ହୋଇଥିବା ସମ୍ପର୍କରେ ଜଣାପଡ଼ିବା ପରେ ୨୦୧୬ମସିହା ଜାନୁଆରୀ ମାସ ୨୭ତାରିଖରୁ ଜଗମୋହନ ମରାମତି କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଏସ୍ଆଇ ଓ ପୂର୍ତ୍ତ ବିଭାଗର ମିଳିତ ଉଦ୍ୟମରେ ଏହି ମରାମତି କାର୍ଯ୍ୟ ଚାଲିଥିଲା। ମରାମତି କାର୍ଯ୍ୟ କିଭଳି ଉନ୍ନତମାନର ହେବ ସେଥିପାଇଁ ଏଏସ୍ଆଇ, ଶ୍ରୀମନ୍ଦିର ପ୍ରଶାସନ ଏପରିକି ହାଇକୋର୍ଟଙ୍କର ତୀକ୍ଷ୍ଣ ଦୃଷ୍ଟି ରହିଥିଲା। ତତ୍ପରତାର ସହ ଶ୍ରୀମନ୍ଦିର କୋର କମିଟିର ସହାୟତା ନିଆଯାଇ ବୈଷୟିକ ଜ୍ଞାନ କୌଶଳରେ ଜଗମୋହନ ମରାମତି କାର୍ଯ୍ୟ କରାଯାଇଥିଲା। ଜଗମୋହନର ଛାତ ଏବଂ କାନ୍ଥରେ କାଠର କାରୁକାର୍ଯ୍ୟପୂର୍ଣ୍ଣ ଫ୍ରେମ୍ ଲଗାଯିବା ପାଇଁ ରେଙ୍ଗୁନରୁ ଶାଗୁଆନ କାଠ ଅଣାଯାଇ ସେଥିରେ ଖୋଦେଇ କରି ବିଭିନ୍ନ କାରୁକାର୍ଯ୍ୟ କରାଯାଇଥିଲା। ଜଗମୋହନ ମରାମତି କାର୍ଯ୍ୟଭାର ଦିଲ୍ଲୀପ କନଷ୍ଟ୍ରକସନକୁ ଦିଆଯାଇଥିଲା। ଜଗମୋହନର କାନ୍ଥରୁ ଚୂନ ଛଡ଼ାଯାଇ ପଥର ବଦଳା ଯାଇଥିଲା। କାନ୍ଥରେ ଗ୍ରାଉଟିଂ, ଜ୍ୟାକେଟିଂ, କଲମ କ୍ୟାପିଟାଲ, କନଫାଇନମେ, ପକେଟ ଫ୍ରେମ କରାଯାଇ ପୂର୍ତ୍ତ ବିଭାଗ ପକ୍ଷରୁ ପୋର୍ଟାଲ ଫ୍ରେମ କାର୍ଯ୍ୟ ମଧ୍ୟ କରାଯାଇଥିଲା। ଜଗମୋହନ ମରାମତି କାର୍ଯ୍ୟ ଆରମ୍ଭ ହେବା ପରେ ଦର୍ଶନାର୍ଥୀମାନଙ୍କୁ ଜଗମୋହନକୁ ଦର୍ଶନ ନିମନ୍ତେ ଛଡ଼ାଯାଇନଥିଲା। ଦର୍ଶନାର୍ଥୀମାନେ ନାଟ ମନ୍ଦିର ନିକଟରୁ ଦର୍ଶନ କରି ପ୍ରତ୍ୟହ ପ୍ରତ୍ୟାବର୍ତ୍ତନ କରୁଥିଲେ। ବୟସ୍କ ଭକ୍ତମାନେ ଦୂରରୁ ମହାପ୍ରଭୁଙ୍କ ମୁଖମଣ୍ଡଳ ସ୍ପଷ୍ଟ ଦର୍ଶନ କରିନପାରି ନିରାଶ ହେଉଥିଲେ। ୨୦୧୭ମସିହା ଜୁନ ମାସ ୨ତାରିଖରେ ଜଗମୋହନ ମରାମତି କାର୍ଯ୍ୟ ସ୍ଥଗିତ ରଖାଯାଇ ପୁନଶ୍ଚ ରଥଯାତ୍ରା ପରେ କାର୍ଯ୍ୟ ଆରମ୍ଭ ହୋଇଥିଲା।

# ବିଜେଡିର ସମଦୂରତା ଲୋକ ଦେଖାଣିଆ : ନିରଞ୍ଜନ



**ଭୁବନେଶ୍ୱର :** ରାଜ୍ୟସଭା ଉପାଧ୍ୟକ୍ଷ ପଦ ନିମନ୍ତେ ଏନଡ଼ିଏ ପ୍ରାର୍ଥୀଙ୍କୁ ସମର୍ଥନ ଦେଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏନ୍‌ଡ଼ିଏ ଏବଂ ବିଜେପି ସହିତ ତାଙ୍କର ରହିଥିବା ସମ୍ପର୍କକୁ ସ୍ପଷ୍ଟ କରିଛନ୍ତି। ଅନେକ ସମୟରେ ବିଜେପିଠାରୁ ଦୂରତା ବଜାୟ ରଖିବାକୁ ମିଛ କହୁଥିବା ବିଜେଡିର ଅସଲ ଚେହେରା ଏବେ ପଦାରେ ପଡିଛି ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି। ଏକ ବିବୃତିରେ ସେ କହିଛନ୍ତି, ରାଜ୍ୟରେ ବିଜେପି ଦଳ ନବୀନ ପଟ୍ଟନାୟକଙ୍କୁ ସମାଲୋଚନା କରୁଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କିମ୍ବା ତାଙ୍କ ଦଳର ସଭାପତି ଅମିତ ଶାହ ନବୀନ ପଟ୍ଟନାୟକଙ୍କ ବିରୋଧରେ କେବେ ମୁହଁ ଖୋଲୁନାହାନ୍ତି। ନବୀନ ବାବୁ ମଧ୍ୟ କୌଣସି ସମୟରେ ପ୍ରଧାନମନ୍ତ୍ରୀ ମୋଦି କିମ୍ବା ଶାହଙ୍କୁ ସମାଲୋଚନା କରିଥିବା କେହି ଶୁଣିନାହାନ୍ତି। ଗ୍ରାମାଂଚଳ ଗୃହ ନିର୍ମାଣ କ୍ଷେତ୍ରରେ ଓଡ଼ିଶାର ସଫଳତା ପାଇଁ କେନ୍ଦ୍ର ସରକାର ଓଡ଼ିଶାକୁ ସମ୍ମାନିତ କରିଥିବା ବେଳେ ରାଜ୍ୟରେ ବିଜେପି କେବଳ ଲୋକଦେଖାଣିଆ ଭାବେ ଏହାକୁ ନେଇ ପ୍ରଶ୍ନ ଉଠାଇଥିଲା। ନଗଡା, ମାଲକାନଗିରିରେ ଅପପୁଷ୍ଟି ଘଟଣା ଲୋକଲୋଚନକୁ ଆସୁଥିବାବେଳେ ଓଡ଼ିଶା ସ୍ୱାସ୍ଥ୍ୟକ୍ଷେତ୍ରରେ ସର୍ବୋତ୍ତମ ପ୍ରଦର୍ଶନ କରୁଥିବା କେନ୍ଦ୍ର କହୁଛି। ଓଡ଼ିଶାରେ ଚାଷୀ ଆତ୍ମହତ୍ୟା କରୁଥିବା ସମୟରେ ଓଡ଼ିଶା କୃଷି କର୍ମଣ ପୁରସ୍କାର ପାଉଛି। ଏସବୁ କେନ୍ଦ୍ରର ବିଜେପି ସରକାର ହିଁ ଓଡ଼ିଶାକୁ ଦେଉଛନ୍ତି। ଏଥିରୁ ବିଜେପି ଓ ବିଜେଡ଼ି ମଧ୍ୟରେ କିଭଳି ସମ୍ପର୍କ ରହିଛି ତାହା ଜନସାଧାରଣ ଜାଣିସାରିଛନ୍ତି ବୋଲି ସେ କହିଛନ୍ତି। ରାଜ୍ୟସଭା ଉପାଧ୍ୟକ୍ଷ ନିର୍ବାଚନ ସମ୍ପର୍କରେ ଶ୍ରୀ ପଟ୍ଟନାୟକ କହିଛନ୍ତି, ବିରୋଧୀଦଳ ପ୍ରାର୍ଥୀଙ୍କୁ ସମର୍ଥନ ଦେବାକୁ ଯଦି ବିଜେଡି ଅରାଜି ଥିଲା ତେବେ ଏନଡିଏ ପ୍ରାର୍ଥୀଙ୍କଠାରୁ ମଧ୍ୟ ସମଦୂରତା ବଜାୟ ରଖିପାରିଥାନ୍ତା। ସବୁ ରାଜନୈତିକ ଦଳ ବହୁ ଆଗରୁ ନିଜ ଆଭିମୁଖ୍ୟ ସ୍ପଷ୍ଟ କରିଥିବାବେଳେ ନବୀନ ବାବୁ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ନୀରବ ରହିଥିଲେ। ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ରାଜ୍ୟରେ ବିଜେଡି ବଡଭାଇ ଏବଂ ବିଜେପି ସାନଭାଇ ଭୂମିକାରେ ରହିଥିବାବେଳେ ଆଗାମୀ ଦିନରେ ବିଜେପି ବଡଭାଇ ଏବଂ ବିଜେଡି ସାନଭାଇ ଭୂମିକାରେ ଅବତୀର୍ଣ୍ଣ ହେବ ବୋଲି ନିରଞ୍ଜନ ଅନୁମାନ କରିଛନ୍ତି। ଆଦିବାସୀଙ୍କ କଲ୍ୟାଣ ସମ୍ପର୍କରେ ଉଲ୍ଲେଖ କରି ସେ କହିଛନ୍ତି ଯେ, କଳିଙ୍ଗନଗର ଗୁଳିକାଣ୍ଡରେ ନିରୀହ ଆଦିବାସୀମାନେ ପ୍ରାଣ ହରାଇଲେ।

# ଜରି, ବୋତଲ ଫେରାଇଲେ ମିଳିବ ଟଙ୍କା

**ଭୁବନେଶ୍ୱର :** ଗାନ୍ଧୀ ଜୟନ୍ତୀରୁ ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା ପାଇଁ ଅଭିଯାନ ଆରମ୍ଭ ହେବ। ଓମଫେଡ୍ ଜରି ଓ ପ୍ଲାଷ୍ଟିକ୍ ବୋତଲ ଫେରାଇଲେ ମିଳିବ ଟଙ୍କା। ଏଜେଣ୍ଟଙ୍କ ଜରିଆରେ ଏ ସବୁ ସଂଗ୍ରହ କରାଯିବ। ଦୁଗ୍ଧ ଉତ୍ପାଦନକାରୀ ସଂସ୍ଥା ଉପରେ ଗ୍ରାହକଙ୍କ ଠାରୁ ପୁଣିଥରେ ଜରି ଯୋଗାଡ଼ କରିବାର ଦାୟିତ୍ୱ ରହିବ। ଏଥିସହିତ ଆଗାମୀ ୧୫ ଦିନ ମଧ୍ୟରେ ପ୍ଲାଷ୍ଟିକ ବ୍ୟାନ୍ ନେଇ ନୋଟିଫିକେସନ୍ ଜାରି କରାଯିବ। ଯେଉଁଥିରେ ପ୍ଲାଷ୍ଟିକ୍ ସମ୍ପର୍କିତ ସମସ୍ତ ତଥ୍ୟ ଓ କ’ଣ କାର୍ଯ୍ୟାନୁଷ୍ଠା ନିଆଯିବ, ତାହା ଉଲ୍ଲେଖ ରହିବ। ଆଉ ଏହି ସମୟ ମଧ୍ୟରେ ଜନସାଧାରଣଙ୍କ ମତାମତ ନିଆଯିବ। ସେପ୍ଟେମ୍ବର ୧୫ ସୁଦ୍ଧା ରାଜ୍ୟରେ ପ୍ଲାଷ୍ଟିକ୍ ନିଷିଦ୍ଧ ନେଇ ନିୟମ ଆସିବ। ସଚିବାଳୟରେ ମୁଖ୍ୟ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ବସିଥିବା ବୈଠକରେ ଏ ନେଇ ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ପ୍ରଦୂଷଣ ବୋର୍ଡ ଏ ସଂକ୍ରାନ୍ତରେ ଏକ ଡ୍ରାଫ୍ଟ ରିପୋର୍ଟ ପ୍ରସ୍ତୁତ କରି ଜଙ୍ଗଲ ଓ ପରିବେଶ ବିଭାଗକୁ ପ୍ରଦାନ କରିଛି।

# ୧୫ରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା




**ଭୁବନେଶ୍ୱର :** ନୂଆ ଯୋଜନା ପାଇଁ ନୂଆ ଢାଞ୍ଚାରେ ହେବ ପ୍ରଚାର। ପ୍ରଥମ ଥର ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ‘ବିଏସ୍‌କେୱାଇ’ ମାଧ୍ୟମରେ ଘରେ ଘରେ ପହଞ୍ଚିବ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା। ଟାର୍ଗେଟ୍‌ରେ ରହିଛି ପ୍ରାୟ ୭୦ ଲକ୍ଷ ପରିବାର। ରାଷ୍ଟ୍ରୀୟ ସ୍ୱାସ୍ଥ୍ୟବୀମା ଯୋଜନାରେ ପଞ୍ଜିକୃତ ୪୪ ଲକ୍ଷ ୮ହଜାର ୭୦ପରିବାର ଓ ବିଜୁ କୃଷକ କଲ୍ୟାଣ ଯୋଜନାରେ ପଞ୍ଜିକୃତ ୨୫ ଲକ୍ଷ ୬୧ ହଜାର ୬୦୨ ପରିବାର ନିକଟରେ ପହଞ୍ଚିବ ମୁଖ୍ୟମନ୍ତ୍ରୀଙ୍କ ଚିଠି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମୁଖ୍ୟମନ୍ତ୍ରୀଙ୍କ ଚିଠି ବାଣ୍ଟିବା ପାଇଁ ପ୍ରସ୍ତୁତ ହୋଇଛି ଗାଇଡଲାଇନ୍। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା ଏଥିପାଇଁ ଜିଲ୍ଲାପାଳମାନଙ୍କୁ ପତ୍ର ଲେଖିଛନ୍ତି। ବିଏସ୍‌କେୱାଇ ହିତାଧିକାରୀମାନଙ୍କୁ ପତ୍ର ବଣ୍ଟନ ଲାଗି ଜିଲ୍ଲାସ୍ତରୀୟ କମିଟି ଗଠନ କରାଯିବ। ଜିଲ୍ଲାପାଳ କମିଟିର ଅଧ୍ୟକ୍ଷ ରହିବେ ଓ ପୌରାଞ୍ଚଳର କାର୍ଯ୍ୟନିର୍ବାହୀ ଅଧିକାରୀ କିମ୍ବା କମିଶନର ଏହାର ସଦସ୍ୟ ରହିବେ। ବ୍ଲକ୍ ସ୍ତରୀୟ କମିଟିରେ ବିଡିଓ ଏହାର ଅଧ୍ୟକ୍ଷ ରହିବେ। ତହସିଲଦାର, ଜିଲ୍ଲା କୃଷି ଅଧିକାରୀ, ଏବିଡିଓ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଓ ସିଡିପିଓ ଏହାର ସଦସ୍ୟ ରହିବେ। ଏହି କମିଟି ବିଏସ୍‌କେୱାଇ ପତ୍ର ବଣ୍ଟନର ଅନୁଧ୍ୟାନ କରିବେ। ପ୍ରତିଦିନ ସନ୍ଧ୍ୟା ୬ଟା ପୂର୍ବରୁ ବିଡିଓ ଏହି ରିପୋର୍ଟକୁ ଜିଲ୍ଲାପାଳଙ୍କୁ ପଠାଇବା ପାଇଁ ନିର୍ଦ୍ଦେଶାବଳୀରେ କୁହାଯାଇଛି। ପ୍ରତିଦିନ କେତେ ପରିମାଣ ବିଏସ୍‌କେୱାଇ ପତ୍ର ବଣ୍ଟନ କରାଗଲା, କମିଟି ତାହାର ସମୀକ୍ଷା କରିବ। ବିଡିଓଙ୍କଠାରୁ ପ୍ରତିଦିନ ମିଳିବାକୁ ଥିବା ହିସାବକୁ ଜିଲ୍ଲାପାଳ ଇ-ମେଲ୍ ଦ୍ୱାରା ସରକାରଙ୍କୁ ପଠାଇବେ। ପ୍ରତି ଗାଁରେ ହିତାଧିକାରୀଙ୍କ ତାଲିକା ମଧ୍ୟ ଜିଲ୍ଲାପାଳମାନଙ୍କୁ ପଠାଇ ଦିଆଯାଇଛି। ଅଗଷ୍ଟ ୧୫ ସ୍ୱାଧୀନତା ଦିବସରୁ ଚିଠି ବଣ୍ଟନ ଆରମ୍ଭ ହୋଇ ୭ ଦିନ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏ ନେଇ ବ୍ଲକ୍ ଓ ଜିଲ୍ଲା କମିଟି ଗଠନ ହୋଇଛି। ବ୍ଲକ୍ ସ୍ତରରେ ବିଡିଓ ଏହି ଚିଠି ବଣ୍ଟନ କରିବେ। ସେ ଏହି ଚିଠିଗୁଡ଼ିକ ବାଣ୍ଟିବା ପାଇଁ ଗ୍ରାମ ରୋଜଗାର ସାଥୀ, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ଆରଆଇ, ଗ୍ରାମ କୃଷି କର୍ମୀ ଓ ଗ୍ରାମ ସେବକ ଇତ୍ୟାଦିଙ୍କ ସହାୟତା ନେବେ। ଏହି ଚିଠି ବଣ୍ଟନ ପ୍ରକ୍ରିୟାକୁ ଆଇସିଡିଏସ୍ ସୁପରଭାଇଜର, ଜିପିଓ, ରାଜସ୍ୱ ସୁପରଭାଇଜର ଆଦି ତଦାରଖ କରିବେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଫର୍ମାଟ୍ ଅନୁଯାୟୀ ଚୂଡ଼ାନ୍ତ ରିପୋର୍ଟ ଜିଲ୍ଲାପାଳମାନେ ରାଜ୍ୟ ସରକାରଙ୍କୁ ପ୍ରଦାନ କରିବେ। ଅନ୍ୟପକ୍ଷରେ ନିର୍ବାଚନ ପୂର୍ବରୁ ନବୀନଙ୍କ ଏହି ଚିଠି ରାଜନୀତିକୁ ନେଇ ବିରୋଧୀଙ୍କ ଚର୍ଚ୍ଚା ଆରମ୍ଭ ହୋଇଛି। ପ୍ରଥମ ଥର ପାଇଁ ହିତାଧିକାରୀଙ୍କ ପାଖରେ ପହଞ୍ଚିବ ମୁଖ୍ୟମନ୍ତ୍ରୀଙ୍କ ଚିଠି। ଯେଉଁଥିରେ ସ୍କିମ୍ ବିଷୟରେ ଉଲ୍ଲେଖ ହୋଇଥିବା ଯୋଜନା ଅନ୍ତର୍ଗତ ପ୍ରତି ଯୋଗ୍ୟ ପରିବାରକୁ ୫ ଲକ୍ଷ ଟଙ୍କା ଯାଏଁ ସ୍ୱାସ୍ଥ୍ୟ ସହାୟତା ମିଳିବ। ମହିଳାଙ୍କ କ୍ଷେତ୍ରରେ ଏହା ୭ ଲକ୍ଷ କରାଯାଇଛି। ପୂର୍ବରୁ ରାଜ୍ୟ ସରକାର ନିଜ ସ୍କିମ୍‌ର ପ୍ରଚାର ନିମନ୍ତେ ପଞ୍ଚାୟତରୁ ପୌରାଞ୍ଚଳ ପର୍ଯ୍ୟନ୍ତ ସବୁ ସ୍ଥାନରେ ହୋର୍ଡିଂ ଲଗାଇବାକୁ ସ୍ଥାନ ସଂରକ୍ଷଣ ପାଇଁ ଜିଲ୍ଲାପାଳମାନଙ୍କୁ ଚିଠି ଲେଖିଥିଲେ।

## ଜଙ୍ଗଲ ଜମି ପଟ୍ଟା ମିଳିଛି, ହେଲେ ଚିହ୍ନଟ ହେଉନି

# ୧୪୪ ଧାରା ଜାରି, ଗଣ୍ଡଗୋଳ ଆଶଙ୍କା

**ରାୟଗଡା,(ଅମୂଲ୍ୟ ନିଶଙ୍କ) :** ଆଦିବାସୀଙ୍କୁ ଜଙ୍ଗଲ ଜମି ପଟ୍ଟା ଦେବାରେ ଓଡିଶା ସରକାର ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଜଙ୍ଗଲ ଆଇନ ୨୦୦୬ ଅନୁସାରେ ବାସହୀନ ଆଦିବାସୀଙ୍କୁ ଏହି ପଟ୍ଟା ଦେବାରେ ରାୟଗଡା ଜିଲ୍ଲା ଶୀର୍ଷରେ ରହିଛି । ଗତ ୨୦୧୦ ମସିହାରେ ଚନ୍ଦ୍ରପୁର ବ୍ଲକ ଅଧିନସ୍ଥ ବିଜାପୁର ପଞ୍ଚାୟତରେ ଲିଡିଙ୍ଗ ପଦର ଓ ଲାମ୍ବାରି ଗୁଡା ଗ୍ରାମବାସୀଙ୍କୁ ଏଫ୍ଆର୍‌ସି ନଂ.୧୧୨୯୧/୨୦୧୦, ୧୧୨୯୪/୨୦୧୦, ୧୧୨୮୦/୨୦୧୦, ୧୧୨୯୩/୨୦୧୦, ୧୧୨୬୦/୨୦୧୦, ୧୧୨୭୧/୨୦୧୦,୧୧୨୮୪/୨୦୧୦, ୧୧୨୭୫/୨୦୧୦, ୧୧୨୮୯/୨୦୧୦, ୧୧୨୮୨/୨୦୧୦, ୧୧୨୮୮/୨୦୧୦,୧୧୨୭୦/୨୦୧୦,୧୧୨୭୨/୨୦୧୦,୧୧୨୬୯/ ୨୦୧୦,୧୧୨୯୫/୨୦୧୦,୧୧୨୬୧/୨୦୧୦,୧୧୨୬୭/୨୦୧୦,୧୧୨୮୧/ ୨୦୧୦,୧୧୨୭୮/୨୦୧୦,୧୧୨୮୬/୨୦୧୦,୧୧୨୬୪/୨୦୧୦,୧୧୨୫୯/ ୨୦୧୦,୧୧୨୭୩/୨୦୧୦,୧୧୨୬୮/୨୦୧୦,୧୧୨୬୫/୨୦୧୦,୧୧୨୭୬/ ୨୦୧୦,୧୧୨୬୨/୨୦୧୦,୧୧୨୬୬/୨୦୧୦,୧୧୨୬୬/୨୦୧୦,୧୧୨୫୬/ ୨୦୧୦,୧୨୮୫/୨୦୧୦,୧୧୨୭୯/୨୦୧୦,୧୧୨୬୩/୨୦୧୦,୧୧୨୫୭/ ୨୦୧୦,୧୧୨୯୨/୨୦୧୦,୧୧୨୮୩/୨୦୧୦,୧୧୨୫୮/୨୦୧୦,୧୧୨୮୭/ ୨୦୧୦,୧୧୨୭୪/୨୦୧୦ ଅନୁଯାୟୀ ଉକ୍ତ ୩୮ ଜଣଙ୍କୁ ଜଙ୍ଗଲ ଜମି ଶିରୋନାମା ଦିଆଯାଇଛି । ସେଥିରେ ଗ୍ରାମ ମାଲଙ୍ଗବାଜୁ ଓ ମୌଜା ମାଲଙ୍ଗବାଜୁ ବୋଲି ଉଲ୍ଲେଖ ଅଛି ଏବଂ ଏଥିରେ ଖାତା ନଂ ପ୍ଲଟ ନଂ ଓ କିସମ ସଂପୂର୍ଣ୍ଣ ଭାବେ ଦିଆଯାଇନାହିଁ ।ପୁନଶ୍ଚ ଆଶ୍ଚର୍ଯ୍ୟର ବିଷୟ ୨୦୧୦ ମସିହାରେ ଯେତେବେଳେ ଏହି ଜଙ୍ଗଲ ଜମି ଶିରୋନାମା ଦିଆଯାଇଛି ସେଥିରେ ଏଫ.ଆର.ସି ନଂ ୧୧୨୭୪/୨୦୧୦ ବିନାମିନି କିନିହାଡାକା, ୧୧୨୮୯/୨୦୧୦ ନହ ଡାସପ୍ରାସ୍କା, ୧୧୨୭୫/୨୦୧୦ ଆୟୁବ କିନିହାଡାକାଙ୍କ ନାମରେ ଦିଆଯାଇଛି, ସେତେବେଳେ ସେମାନଙ୍କର ବୟସ ୧୦ ରୁ ୧୨ ବର୍ଷଥିଲା । ସେମାନଙ୍କ ନାମରେ କିପରି ଦିଆଗଲା ଏହାର ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ଏବଂ ଉପରୋକ୍ତ ଶିରୋନାମା ଗୁଡିକୁ ରଦ୍ଦ କରାଯାଉ । ଠିକ ସେହିପରି ନୂଆଗାଁ ଗ୍ରାମବାସୀ ଏଫ୍ଆର୍‌ସି ନଂ. ୨୧୬୮୫/୨୦୧୫, ୨୧୬୭୩/ ୨୦୧୫, ୨୧୬୭୭/୨୦୧୫, ୨୧୬୮୨/୨୦୧୫, ୨୧୬୮୭/୨୦୧୫, ୨୧୬୭୬/୨୦୧୫, ୨୧୬୮୫/୨୦୧୫, ୨୧୭୦୩/୨୦୧୫, ୨୧୬୭୭/୨୦୧୫, ୨୧୬୮୨/୨୦୧୫, ୨୧୬୮୨/୨୦୧୫, ୨୧୬୮୮/୨୦୧୫, ୨୧୬୮୫/୨୦୧୫, ୨୧୬୭୩/୨୦୧୫, ୨୧୬୯୩/୨୦୧୫, ୨୧୭୦୩/୨୦୧୫, ୨୧୬୩୦/୨୦୧୫, ୨୧୬୯୦/୨୦୧୫, ୨୧୬୮୧/୨୦୧୫, ୨୦୧୬୭୪/୨୦୧୫ ଏମାନଙ୍କୁ ଜଙ୍ଗଲ ଜମି ପଟ୍ଟା ଦିଆଯାଇଛି ଏଥିରେ ମୌଜା, ଗ୍ରାମର ନାମ, ଖାତା ନଂ ଓ ପ୍ଲଟ ନଂ ଉଲ୍ଲେଖ ଅଛି ।

ମିଳିଥିବା ସୂଚନା ମୁତାବକ ରାୟଗଡା ଜିଲ୍ଲା ଅଧିନସ୍ଥ ଚନ୍ଦ୍ରପୁର ବ୍ଲକର ବିଜାପୁର ମୌଜାର ଖାତା ନଂ ୬୦, ୬୧ର ପ୍ଲଟ ନଂ ୪୯୬,୫୧.୫୨୦,୫୨.୫୪୩,୫୨.୫୨୧,୫୭.୫୨୨,୬୦୫ ଏବଂ ଖାତା ନଂ ୫୯/୩୦ରୁ କାଜୁ ଗଛର କାଜୁ ଫଳ ସଂପୂର୍ଣ୍ଣ ବାବେ ଲିଡିଙ୍ଗ ପଦର ଗ୍ରାମବାସୀ ଚୋରିକରି ନେଇଗଲେ ବୋଲି ଚନ୍ଦ୍ରପୁର ଥାନାରେ ନୁଆଗାଁ ଗ୍ରାମବାସୀ ଅଭିଯୋଗ କରିଥିଲେ, ଚନ୍ଦ୍ରପୁର ଥାନା ଅଧିକାରୀ ଉକ୍ତ କେଶକୁ ଚନ୍ଦ୍ରପୁର ତହସିଲଦାରଙ୍କୁ ଘଟଣାର ସମାଧାନ ପାଇଁ ପଠାଇଥିଲେ ଯଦ୍ୱାରା ଚନ୍ଦ୍ରପୁର ତହସିଲ କାର୍ଯ୍ୟାଳୟରେ ଉଭୟ ନୁଆଗାଁ ଓ ଲିଡିଙ୍ଗ ପଦର ଗ୍ରାମବାସୀଙ୍କୁ ୧୦୭ କେଶ ଧାରା ଅନୁଯାୟୀ ସମାଧାନ ପାଇଁ ୩ ଥର ନୋଟିସ୍ ଦେଇଥିଲେ କିନ୍ତୁ ଉଭୟ ଗ୍ରାମବାସୀ ଚନ୍ଦ୍ରପୁର ତହସିଲକୁ ଘଟଣାର ସମାଧନ ପାଇଁ ୩ ଥର ଯାଇଥିଲେ । କିନ୍ତୁ ତହସିଲଦାରଙ୍କ ଅନୁପସ୍ଥିତି ଯୋଗୁଁ ନିରାଶ ହୋଇ ଫେରିଥିଲେ । ଚନ୍ଦ୍ରପୁର ଥାନା କେଶ ନଂ ୮ ତାରିଖ ୦୯.୦୬.୨୦୧୭ ଅନୁଯାଇ ଲିଡିଙ୍ଗ ପଦର ଗ୍ରାମବାସୀ ମାନେ ଏକତ୍ରିତ ହୋଇ ନୂଆଗାଁ ଗ୍ରାମର ଖାତା ନଂ ୫୯/୩୦ ଜୁର ଜୋର ଜବରଦୋସ୍ତ ଚାଷ କରି ଗଣ୍ଡଗୋଳ କରିଥିବା ଯୋଗୁଁ ଏହି ଗ୍ରାମର ମାଥ୍ୟୁ କିନିହାଡାକା, ଦାଉଦ ଦାସପ୍ରାସ୍କା, ନିଡିଆ ଦାସପ୍ରାସ୍କାଙ୍କୁ ଭାରତୀୟ ପିଙ୍ଗଳ କୋଡ ଧାରା ୨୯୪,୩୨୩,୪୪୭,୫୦୬,୩୦୭,୩୪ ଅନୁଯାଇ ବିଷମ କଟକ ଔଗରଉ କୋର୍ଟକୁ ଚାଲାଣ କରିଥିଲେ । ପରେ ଏହି ବ୍ୟକ୍ତିମାନେ ମାନ୍ୟବର ଗୁଣପୁର ଇଉଔ କୋର୍ଟରୁ ସର୍ତ୍ତମୂଳକ ଜାମିନରେ ବାହାରି ଆସିଛନ୍ତି । ଏହି କେଶ ବିଷୟ ନେଇ ଲାମ୍ବାରୁ ଗୁଡା ଗ୍ରାମବସୀମାନେ ମାଳମାଝି କିନିହାଡାକା, ପିତର ଦାସପ୍ରାସ୍କା, ଲୁକ ଜାରୁମୁଣ୍ଡାକା, ସୁନିଲ କିନିହାଡାକା ଅଭିଯୋଗ କରିଛନ୍ତି ଯେ ଜଙ୍ଗଲ ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଆମ୍ଭ ଗ୍ରାମ ୩୮ ଜଣକୁ ଜଙ୍ଗଲ ଜମି ପଟ୍ଟା ଦିଆଯାଇଛି ତେଣୁ ଆମ ଜମିରେ ଆମେ ଚାଷ କରୁଛୁ କିନ୍ତୁ ସରକାରଙ୍କ ତରଫରୁ ଆମକୁ ପଟ୍ଟା ଦିଆଯାଇଛି ମାତ୍ର ଜମି ଚିହ୍ନଟ ନ କରିବା ଯୋଗୁଁ ଆମ୍ଭେ ନିରିହ ଆଦିବାସୀ ବହୁତ ଅସୁବିଧାର ସମ୍ମୁଖୀନ ହୋଉଛୁ ଏବଂ ବିଭିନ୍ନ ପ୍ରକାର ମାଲିମକଦ୍ଦମାରେ ଫଶିଯାଉଛୁ । ଆମ୍ଭଙ୍କୁ ଦିଆଯାଇଥିବା ପଟ୍ଟାରେ ଖାତା ନଂ ଓ ପ୍ଲଟ ନଂ, ମୌଜା ଓ ଜମିର ମାନଚିତ୍ର ହେଉ ଜମିର ସମ୍ପୂର୍ଣ୍ଣ ଚିହ୍ନଟ ପାଇଁ ପ୍ରଶାସନର ଦ୍ୱାରସ୍ଥହୋଇ ମଧ୍ୟ କୌଣସି ସୁଫଳ ମିଳୁନାହିଁ ବୋଲି ଆଭିଯୋଗ କରିଛନ୍ତି । ସେମାନେ ଅଭିଯୋଗ କରିଛନ୍ତି ଯେ ଆମକୁ ଦିଆଯାଇଥିବା ଜଙ୍ଗଲ ଜମିର ପଟ୍ଟାରେ ତୁରନ୍ତ ଖାତା ନଂ, ପ୍ଲଟ ନଂ ମୌଜା ଚିହ୍ନଟ କରିବା ପାଇଁ ଦାବି କରିଛନ୍ତି । ସେହିପରି ନୁଆଗାଁର ଶୁକ୍ରୁ ହିକାବାଡିକା, ମାର୍କ ଜାରମୁଣ୍ଡିକା, ପିତର ଜାରୁମୁଣ୍ଡିକା, ମାଥ୍ୟୁ ହିକାବାଡିକା, ଲୁକ କିନିହାଡାକା ଅଭିଯୋଗ କରିଛନ୍ତି ଯେ ସରକାରଙ୍କ ତରଫରୁ ଜଙ୍ଗଲ ଜମିର ପଟ୍ଟା ଆମକୁ ୨୦୧୫ ମସିହାରେ ଦିଆଯାଇଛି ଯାହାର ଖାତା ନଂ ୬୦ ଓ ୬୧ ପ୍ଲଟ ନଂ ୪୯୪,୫୧୯,୫୨୦,୫୨.୫୪୩,୫୨୩,୫୨୧,୫୭୯,୫୨୨ ଓ ୬୦୫ ରେ ପୂର୍ବ ପୁରୁଷ ଜଙ୍ଗଲ ସଫା କରି ଥିଲେ ଆମ୍ଭେମାନେ ଉକ୍ତ ଜମିର ରକ୍ଷଣା ବେକ୍ଷଣାକରି କାଜୁ ଗଛ ଲଗାଇ ଏହାର ଫଳରେ ପରିବାର ଭରଣ ପୋଷଣ କରିଆସୁଛୁ ମାତ୍ର ଏହି ବର୍ଷ ଲାମ୍ବାରୁ ଗୁଡା ଓ ଲିଡିଙ୍ଗ ପଦର ଗ୍ରାମବାସୀ ଆମ୍ଭର କାଜୁ ଜମିରେ ଖାତା ନଂ ୫୯/୩୦ ଯୋର ଜବରଦୋସ୍ତ ଚାଷକରି ଆମ୍ଭଙ୍କୁ ପ୍ରାଣରେ ମାରିବା ପାଇଁ ଧମକ ଦେବା ଯୋଗୁଁ ଆମ୍ଭେ ଜିଲ୍ଲାର ଉଚ୍ଚ ପଦାଧିକାରୀଙ୍କୁ ୦୯.୦୬.୧୭, ୧୫.୧୯.୧୭, ୨୫.୦୯.୧୭, ୦୪.୦୭.୧୭, ୧୨.୦୭.୧୭, ୧୭.୦୭.୧୭ ଜିଲ୍ଲାପାଳଙ୍କୁ ଜନଶୁଣାଣି ବିଷମକଟକରେ ଜଣାଇଥିଲୁ ଯେ ଆମ୍ଭର ଧନଜୀବନ ପ୍ରତି ବିପଦ ଅଛି ବୋଲି କିନ୍ତୁ କୌଣସି ସୁଫଳ ମିଳୁନ ଥିବାରୁ ପୁନଶ୍ଚ ୮.୦୮.୨୦୧୭ ଜିଲ୍ଲାପାଳଙ୍କୁ ରାୟଗଡାର ଜନଶୁଣାଣି ମିଶି ଅମର ଆପତି ଅଭିଯୋଗ ଜଣାଇଥିଲୁ, ଘଟଣାର ତଦନ୍ତକରି ଉପଯୁକ୍ତ ନ୍ୟାୟ ପ୍ରଦାନ କରିବା ପାଇଁ ଆଶ୍ୱସନା ଦେଇଥିବା ପ୍ରକାଶ । ଜଙ୍ଗଲ ଜମି ଅଧିକାର ଆଇନ ୨୦୦୬ କାର୍ଯ୍ୟକାରୀ ହୋଇଥିବା ବେଳେ ୨୦୧୦ ମସିହାରେ ଲାମ୍ବାରଗୁଡା ଓ ଲିଡିଙ୍ଗ ପଦରର ୩୮ ଜଣ ଆଦିବାସୀଙ୍କୁ ୩ ଏକର ହିସାବରେ ୧୧୪ ଏକର ଜମିର ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଛି ସେଥିରେ ଖାତା ନଂ, ପ୍ଲଟ ନଂ ଓ ମୌଜାର ନାମ ସଂପୂର୍ଣ୍ଣ ଭାବେ ଦିଆଯାଇନାହିଁ । ଠିକ୍ ସେହିପରି ନୁଆଗାଁର ପ୍ରାୟ ୧୪ ଜଣଙ୍କୁ ପ୍ରାୟ ୨୫ ଏକର ଜମିର ଜଙ୍ଗଲ ପଟ୍ଟା ଦିଆଯାଇଛି ଯେଉଁଥିରେ ସଂପୂର୍ଣ୍ଣ ଭାବେ ଖାତା ନଂ, ପ୍ଲଟ ନଂ, କିସମ ଓ ମୌଜାର ବିବରଣୀ ଦିଆଯାଇଛି ମାତ୍ର ଜମି ଚିହ୍ନଟ ନକରିବା ଯୋଗୁଁ ଉଭୟ ଗ୍ରାମବାସୀଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟୁଅଛି । ପ୍ରଶାସନିକ ଭୂଲ ଯୋଗୁଁ ନିରୀହ ଆଦିବାସୀଙ୍କ ମଧ୍ୟରେ ଗଣ୍ଡଗୋଳ ଚାଲୁ ରହିଛି । ଏହି ବିଷୟ ନେଇ ବିଭାଗୀୟ ମନ୍ତ୍ରୀଙ୍କୁ ପଚାରିବାରୁ କରିଛନ୍ତି ଯେ ଘଟଣା ସମ୍ପର୍କରେ ସଂମ୍ପୂର୍ଣ୍ଣ ବିବରଣୀ ମାଗିଛି ତାହାପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ଓ ନିୟମ ମୁତାବକ ଯାଂଚ ପରେ ଜଙ୍ଗଲ ଜମିର ପଟ୍ଟା ଅବଧି ଘୋଷଣା କରାଯିବ । ପୁନଶ୍ଚ ମନ୍ତ୍ରୀ ପ୍ରକାଶ କରିଛନ୍ତି ଯେ ବର୍ତ୍ତମାନ ସୁଦ୍ଧା ସାରା ରାଜ୍ୟରେ ୪୫ ହଜାର ୮୯୭ ଲୋକଙ୍କୁ ବ୍ୟକ୍ତିଗତ ଜମିପଟ୍ଟା ଓ ୫ ହଜାର ୫୧୯ ଜଣଙ୍କୁ ସାମୂହିକ ଜମିପଟ୍ଟା ଦେବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ବର୍ଷ ଶେଷସୁଧା ସବୁ ଜିଲ୍ଲାପାଳ, ଉପଜିଲ୍ଲାପାଳ, ତହସିଲଦାରଙ୍କୁ ଏହାକୁ କାର୍ଯ୍ୟରେ ପରିଣତ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟରେ ୨୦ଟି ଗାଁକୁ ରାଜସ୍ୱ ଗ୍ରାମ ଭାବେ ଚିହ୍ନଟ କରାଯାଇଛି । ୮୦ ରୁ ୯୦ ପ୍ରତିଶତ ଆଦିବାସୀ ଜନଜାତି ଯେଉଁ ଗ୍ରାମରେ ରହୁଛନ୍ତି, ସେମାନଙ୍କୁ ଆଗାମୀ ଦିନରେ ୬୭ ହଜାର ୯୮୮ ଏକର ଜମି ବ୍ୟକ୍ତିଗତ ଭାବେ ବ୍ୟବହାର କରିବାକୁ ଦିଆଯିବାକୁ ଯୋଜନା ରହିଥିବା ବେଳେ ୨ ଲକ୍ଷ ୮୬ ହଜାର ୩୮୧ ଏକର ଜମିକୁ ଦିଆଯିବ ବୋଲି ବିଭାଗୀୟ ମନ୍ତ୍ରୀ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ସ୍ଥାନୀୟ ଜିଲ୍ଲାପାଳ କହିଛନ୍ତି ଯେ, ଆମ ପାଖରେ ଅଭିଯୋଗ ପହଞ୍ଚିଛି ଏବଂ ଖୁବ୍‌ଶୀଘ୍ର ଏନେଇ ପଦକ୍ଷେପ ନିଆଯିବ। ଜଙ୍ଗଲ ଜମି ପଟ୍ଟା ତିଆରି ସମୟରେ ଯେଉଁ ବ୍ୟକ୍ତି ସରକାରୀ ବା ଜଙ୍ଗଲ ସୁରକ୍ଷା କମିଟିର ବ୍ୟକ୍ତିଙ୍କ ଭୂଲ ଥିଲେ ତାଙ୍କୁ ଉପଯୁକ୍ତ ଦଣ୍ଡବିଧାନ କରାଯାଇ ଉକ୍ତ ଜମି ପଟ୍ଟା ରଦ୍ଦ କରାଯିବ ବୋଲି କହିଛନ୍ତି । ଗତ ନଭେମ୍ବର ୨୦୧୭ ଗୁଣପୁର ଉପ-ଜିଲ୍ଲାପାଳ, ଚନ୍ଦ୍ରପୁର ତହସିଲଦାରଙ୍କୁ ନିର୍ଦ୍ଦେଶଦେଇଥିଲେ ଯେ, ନୂଆଗାଁ ଓ ଲିଡିଙ୍ଗପଦର ବିବାଦୀୟ ଜମିର ଫସଲ କାଟି ତହସିଲଦାରଙ୍କ ନିଜ ଜିମାରେ ରଖିବା ପାଇଁ ଆଦେଶ ଦେଇଥିଲେ । ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ଚନ୍ଦ୍ରପୁର ଆର.ଆଇ ଓ ପୋଲିସ ପ୍ରଶାସନ ଘଟଣା ସ୍ଥଳରେ ପହଂଚିବା ପୂର୍ବରୁ ଲିଡିଙ୍ଗପଦର ଓ ଲାମ୍ବାରୁ ଗ୍ରାମାବାସୀ ଉକ୍ତ ଜମିର ଫସଲ କାଟି ନେଇଯାଇଥିଲେ । ଏହି ବିଷୟ ନେଇ ଆର.ଆଇ ତହସିଲଦାରଙ୍କୁ ରିପୋର୍ଟ ଦେଇ ଦେଇଥିଲେ । ପୁନଶ୍ଚ ଲାମ୍ବାରୁ ଗୁଡା ଗ୍ରାମବାସୀ ମେ ମାସ ୨୦୧୮ରେ କାଜୁ ଗଛର ସମସ୍ତ କାଜୁ ଫଳ ନେଇଯାଇଥିଲେ ଓ କାଜୁ ଗଛ ଗୁଡିକୁ କାଟି ଦେଇଥିଲେ । ଏହି ବିଷୟ ନେଇ ନୂଆଗାଁ ଗ୍ରାମବାସୀ ଜିଲ୍ଲା ପ୍ରଶାସନକୁ ବାରମ୍ବାର ଗୁହାରୀ କଲେ ମଧ୍ୟ କେହି କର୍ଣ୍ଣପାତ କରିନଥିଲେ । ପୁଣି ଏହି ବର୍ଷ ସେହି ବିବାଦୀୟ ଜମିରେ ଲାମ୍ବାରୁ ଓ ଲିଡିଙ୍ଗ ପଦର ଗ୍ରାମବାସୀ ଚାଷ କାମ ଆରମ୍ଭ କରିଦେଇଥିଲେ ଏହି ବିଷୟ ନେଇ ନୂଆଗାଁ ଗ୍ରାମବାସୀ ଗୁଣପୁର ଉପ-ଜିଲ୍ଲାପାଳ ଓ ଆରକ୍ଷୀ ଅଧ୍ୟକ୍ଷକ, ରାୟଗଡାଙ୍କୁ ସାକ୍ଷ୍ୟାତ କରିଥିଲେ । ଏହି ଘଟଣା ସମ୍ପର୍କରେ ଗୁଣପୁର ଉପ-ଜିଲ୍ଲାପାଳ ଓ ଆରକ୍ଷୀ ଅଧ୍ୟକ୍ଷକ, ରାୟଗଡା ବିସ୍ତୃତ ଭାବେ ଆଲୋଚନା କରି ଉକ୍ତ ବିବାଦୀୟ ଜମିରେ ୧୪୪ ଧାରା ଜାରୀ କରି ଲାଲ ପତାକା ପୋତିବା ପାଇଁ ଚନ୍ଦ୍ରପୁର ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ନିର୍ଦ୍ଦେଶ ବଳରେ ଚନ୍ଦ୍ରପୁର ତହସିଲଦାର ଲାଲ ପତାକା ପୋତିଛନ୍ତି । କିନ୍ତୁ ଜମି ବିବାଦର ସମସ୍ୟା ସମାଧାନ ବର୍ତ୍ତମାନ ସୁଧା ହୋଇନାହିଁ । ଆଦିବାସୀଙ୍କ ଜମି ଚିହ୍ନଟ କରି ସେମାନଙ୍କୁ ଜମି ହସ୍ତାନ୍ତର ନ କରାଯାଏ ଭବିଷ୍ୟତରେ ଉଭୟ ଗ୍ରାମବାସୀଙ୍କ ମଧ୍ୟରେ ଭୟଙ୍କର ରକ୍ତପାତ ସୃଷ୍ଟି ହେବାର ଆଶଙ୍କା ରହିଛି। ତେଣୁ ପ୍ରଶାସନ ଏ ଦିଗରେ ତୁରନ୍ତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ପରିସ୍ଥିତି ଭୟଙ୍କର ହେବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ଜିଲ୍ଲାପାଳ ମହୋଦୟାଙ୍କୁ ନିବେଦନ କରିଛନ୍ତି।

ନିଜ ସୁଖ ପାଇଁ କରାଯାଇଥିବା କର୍ମ ସୀମିତ ସୁଖ ଦେଇଥାଏ; କିନ୍ତୁ ପରୋପକାର ପାଇଁ କରାଯାଇଥିବା କର୍ମ ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୩ - ୧୯ ଅଗଷ୍ଟ, ୨୦୧୮

# ପ୍ରତିବଦ୍ଧତାର ପରିଭାଷା

**ସ୍ୱା**ଧୀନ ହେବାର ୭୧ ବର୍ଷ ପରେ ଆମ ଦେଶ ଭାରତ ଯେଭଳି ଭାବେ ବିକଶିତ ହେବା କଥା ତାହା ସମ୍ଭବତଃ ହୋଇପାରିନାହିଁ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଭଳି ମୌଳିକ ସୁବିଧା ପାଇବାକୁ ସବୁଲୋକ ସକ୍ଷମ ହୋଇନାହାନ୍ତି। ଯଦିଓ କ୍ଷୁଧା, ଅଶିକ୍ଷା ଭଳି କିଛି ଗୁରୁତ୍ୱପୂର୍ଣ୍ଣ ଦିଗରେ ଆମେ ସଫଳ ହୋଇଛେ ତଥାପି ବେରୋଜଗାରୀ, ଆତଙ୍କବାଦ ଓ ଅନୁପ୍ରବେଶକୁ ନେଇ ବେଶ୍ ଚିନ୍ତାରେ ଅଛେ। ଲାଞ୍ଚଖୋର କର୍ମଚାରୀଙ୍କ ସଂଖ୍ୟା ବଢ଼ିଛି। ଅସାଧୁ ବ୍ୟବସାୟୀଙ୍କ ଲାଭଖୋର ମନୋବୃତ୍ତି ଯୋଗୁଁ ଗରିବଟିଏ ଶୋଷିତ ହେବାରୁ ରକ୍ଷା ପାଉନାହିଁ। ସମାନତା ପ୍ରସଙ୍ଗ ଏକ ଉପହାସ ସଦୃଶ। ମହାମନିଷଙ୍କ ନୀତିବାଣୀ ଗୁଡିକ କେବଳ ଶ୍ରୁତିମଧୁର ବାକ୍ୟ ହୋଇ ସମସ୍ତଙ୍କୁ ସୁଧୁରିଯିବାର ମାର୍ଗ ଦେଖାଉଛି ହେଲେ ଏ ରାସ୍ତାରେ ଯିବାକୁ ଲୋକେ ଅମଙ୍ଗ। ଏହି ଅମଙ୍ଗ ହେବା ପଛରେ ଅନେକ କାରଣ। କେହି କେହି ରାତାରାତି ଧନୀ ପାଲଟି ଯିବାର ନିଶା ଓ ପ୍ରାଚୁର୍ଯ୍ୟ ଲୁଣ୍ଠନର ମୋହରେ କବଳିତ ହୋଇଛନ୍ତି। ଯଦିଓ ଗରିବ ଲୋକମାନେ କିଛି କିଛି ବ୍ୟବସ୍ଥାର ସୁଫଳ ପାଉଛନ୍ତି ତଥାପି ତାହା ଲୁଣ୍ଠନକାରୀଙ୍କ ଆୟ ତୁଳନାରେ କିଛି ନୁହେଁ। ଏଯାବତ୍ ଦେଶରେ ଆନ୍ତର୍ଜାତିକ ସ୍ତର ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାର ସଦୁପଯୋଗ ସମ୍ପୂର୍ଣ୍ଣ ଭାବେ ହୋଇପାରିନି। ପ୍ରତିଶ୍ରୁତି ଓ ପ୍ରଚେଷ୍ଟାରେ ଝୁଲି ରହିଛି ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି। ଯେଉଁଥିପାଇଁ ଘୋଷଣା ଓ କାର୍ଯ୍ୟକାରିତା ମଧ୍ୟରେ ଅନେକ ପାର୍ଥକ୍ୟ ଦେଖାଯାଉଛି। ନିହାତି ଆବଶ୍ୟକ ଥିବା ସ୍ଥାନରେ ବିକାଶ ପହଞ୍ଚି ପାରୁନଥିଲା ବେଳେ ରାଜନୈତିକ ଉଦ୍ଦେଶ୍ୟ ରଖି ଅନେକ କାର୍ଯ୍ୟ କରାଯିବା ଫଳରେ ଅସଲ ଆବଶ୍ୟକତାକାରୀଙ୍କ କ୍ଷୋଭ ବଢ଼ିଚାଲିଛି। ବାହୁବଳୀ, ଭ୍ରଷ୍ଟାଚାରୀ ଓ ଅରାଜକତା ସୃଷ୍ଟିକାରୀଙ୍କ ସଂଖ୍ୟା ବୃଦ୍ଧି ଫଳରେ ସମାଜରେ ଶାନ୍ତି ବଜାୟ ରହିପାରୁନାହିଁ। ନାରୀ ନିର୍ଯାତନା ଏବଂ ଦୁଷ୍କର୍ମ ଭଳି ଘଟଣା ବଢ଼ିଚାଲିବା ଦ୍ୱାରା ସମାଜ ବ୍ୟବସ୍ଥା ପ୍ରତି ଏହା ଏକ ଆହ୍ୱାନ ସୃଷ୍ଟି କରିଛି। ସଭ୍ୟ ଶିକ୍ଷିତ ମଣିଷମାନେ ଯେଭଳି ସଚେତନ ଜୀବନ ଯାପନ କରିବା କଥା ତାହା ପରିଲକ୍ଷିତ ହେଉନାହିଁ। କେତେକ ସ୍ଥଳରେ ଜୀବେ ଦୟା ଭାବନା ମଣିଷ ମନରୁ ଅପସରି ଯିବା ଫଳରେ ମଣିଷ ଅତ୍ୟନ୍ତ କ୍ରୁର ଓ ନିଷ୍ଠୁର ହୋଇପଡୁଛି। ଯେଉଁଥିପାଇଁ ଭାଇଚାରା ସାମାଜିକ ବ୍ୟବସ୍ଥାରୁ ଦୂରେଇ ଯିବାକୁ ବସିଲାଣି। ଭାତୃ ଚେତନା ଭଳି ଚେତନା ଜାଗରଣ ନହେବା ଦ୍ୱାରା ମଣିଷ ଏକଛତ୍ରବାଦ ଅନ୍ୟାୟ କରିବାକୁ ପଛଘୁଞ୍ଚା ଦେଉନାହିଁ। ପୁଣ୍ୟ ଓ ପବିତ୍ର ମାଟି ଭାରତ ବର୍ଷର ସଂସ୍କୃତି ଓ ପରମ୍ପରା ସର୍ବପ୍ରାଚୀନ ହୋଇଥିଲେ ବି ଏହାକୁ ଅନୁସରଣ କରିବା ପାଇଁ ଆଗ୍ରହ ଦେଖାନଯିବା ଦ୍ୱାରା ବିଭେଦର ପାଚେରୀ ଉଚ୍ଚରୁ ଉଚ୍ଚ ହେବାରେ ଲାଗିଛି। ନୀତି ଅନୀତିର ବିଚାର ଅପେକ୍ଷା କିଛି ଲୋକ ନିଜକୁ ପ୍ରତିଷ୍ଠିତ ଦେଖେଇବାର ପ୍ରତିଦ୍ୱନ୍ଦ୍ୱିତାରେ ଏଭଳି ଭାବେ ଅବତୀର୍ଣ୍ଣ ହେଉଛନ୍ତି ଯେ, ସେଥିପାଇଁ ସାମାଜିକ ବିଶୃଙ୍ଖଳା ମଧ୍ୟ ଦେଖାଦେଉଛି। ଯେପର୍ଯ୍ୟନ୍ତ ଦେଶବାସୀ ସ୍ୱାଧୀନ ଭାବେ କିଛି କହିବାର ବା କିଛି କରିବାର ସୁଯୋଗ ହାସଲ କରିପାରିନାହାନ୍ତି ସେତେଦିନ ପର୍ଯ୍ୟନ୍ତ ଆମେ ନିଜକୁ ସ୍ୱାଧୀନ କହିପାରିବା ନାହିଁ। କାରଣ ସ୍ୱାଧୀନତା ଯେତେବେଳେ କେବଳ ଗଣତାନ୍ତ୍ରିକ ବ୍ୟବସ୍ଥାର ପ୍ରତୀକ ହେଉଥିବ ଅଥଚ୍ ଦେଶବାସୀ ଏହାର ସ୍ୱାଦ ପାଇପାରୁ ନଥିବେ ସେତେବେଳେ ସ୍ୱାଧୀନତାର ବିଶ୍ୱାସ ମଣିଷ ମନରେ ଶାନ୍ତି ଦେଇପାରିବ ନାହିଁ।

**ସମ୍ପାଦକୀୟ**
**ତାରକ ମହାନ୍ତି**



ଏକ ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ଭାରତ ଯଦିଓ ଏବେ ବିଶ୍ୱ ସମୁଦାୟର ଦୃଷ୍ଟି ଆକର୍ଷଣ କରିବାକୁ ସକ୍ଷମ ହୋଇଛି ତଥାପି ଦେଶ ଭିତରେ ଏକତାର ବନ୍ଧନ ଶକ୍ତ ହୋଇପାରିନି। ରାଜ୍ୟ-ରାଜ୍ୟ ମଧ୍ୟରେ ପ୍ରଭେଦ ଓ ବ୍ୟକ୍ତି-ବ୍ୟକ୍ତି ମଧ୍ୟରେ ମନାନ୍ତର ଯୋଗୁଁ ଅଳ୍ପ ପାଇଛେ, ବେଶୀ ହରାଇଛେ। ଛତିଶଗଡ଼ ପାଇଁ ପାଣି ହରାଇଛି ମହାନଦୀ। କୋଟିଆରେ ଆନ୍ଧ୍ରର ଅନୁପ୍ରବେଶ। ଏସବୁ ଓଡ଼ିଶା ପାଇଁ ସମସ୍ୟା ସୃଷ୍ଟି କରୁଥିଲା ବେଳେ ଆସାମରେ ୪୦ଲକ୍ଷ ବାଂଲାଦେଶୀ ଅନୁପ୍ରବେଶକାରୀ ଦେଶ ପାଇଁ ଚିନ୍ତାର କାରଣ। ସୀମାରେ ପାକିସ୍ତାନ ଓ ଚୀନ୍ ପଟୁ ଦେଶ ପାଇଁ ଅନେକ ବିପଦ ସୃଷ୍ଟି ହୋଇଛି। ଡୋକଲାମ୍ ବିବାଦର ସ୍ଥାୟୀ ସମାଧାନ ଓ ପାକ୍ ଆତଙ୍କବାଦୀଙ୍କ ସମୂଳ ବିନାଶ ନହେବା ଯାଏ ଦେଶ ବିକାଶ ଅପେକ୍ଷା ପ୍ରତିରକ୍ଷା ଚିନ୍ତାରେ ଚିନ୍ତିତ ରହିବା ସ୍ୱାଭାବିକ। ଯଦିଓ ଭାରତକୁ ଏ କ୍ଷେତ୍ରରେ ବିଶ୍ୱର ବହୁ ରାଷ୍ଟ୍ର ସମର୍ଥନ ଓ ସହଯୋଗ କରୁଛନ୍ତି ତଥାପି ପଡୋଶୀମାନେ ଶତ୍ରୁ ହେଲେ ସେମାନଙ୍କ ଠାରୁ ମୁକ୍ତି ପାଇବା ସହଜ ନୁହେଁ। ଯେଉଁମାନେ ଭାଇଚାରାର ଅର୍ଥ ବୁଝନ୍ତି ନାହିଁ କିମ୍ୱା ସମ୍ପର୍କ ସୁଦୃଢ଼ କରିବାକୁ ଛଳନାର ହାତ ବଢ଼ାନ୍ତି ସେ କ୍ଷେତ୍ରରେ ଦେଶର ନେତୃତ୍ୱ ନେଉଥିବା ପ୍ରତିନିଧିମାନେ ନିଶ୍ଚିତ ଚତୁରତା ଓ ବିଜ୍ଞତାର ଆଶ୍ରୟ ନେବା ନିଶ୍ଚିତ। ଚୀନ୍ ଓ ପାକ୍ କ୍ଷେତ୍ରରେ ଏଭଳି ଅନେକ ଘଟଣା ସମସ୍ତଙ୍କୁ ଚିନ୍ତାରେ ପକାଇଛି। ହେଲେ ଏଭଳି ସମସ୍ୟା ସୃଷ୍ଟି ହେଉଛି କାହିଁକି? ରାଜନୀତି ଓ ଭୋଟ ବ୍ୟାଙ୍କ ସୃଷ୍ଟି ହିଁ ଏହାର ଅସଲ କାରଣ। କାରଣ ଯେଉଁମାନଙ୍କ ପାଇଁ ଦେଶ ଆଜି ସ୍ୱାଧୀନ ଓ ବିଦେଶୀ ଶାସନ କବଳରୁ ମୁକ୍ତ ସେମାନେ ଆଉ ଆମର ଆଦର୍ଶ ହୋଇନାହାନ୍ତି। ପୂଜ୍ୟ ପୂଜାର ପରମ୍ପରା ଅପେକ୍ଷା ଶାସକୀୟ ଦକ୍ଷତା ଦେଖାଇବାର ପ୍ରତିଦ୍ୱନ୍ଦ୍ୱିତା ଭିତରେ ଛନ୍ଦି ହୋଇଯାଉଛି ବ୍ୟବସ୍ଥା। ଯେଉଁ ବ୍ୟବସ୍ଥାରେ ସୂଦର ପ୍ରସାରୀ ଭୂମିକା ରହିଛି ତାହାକୁ ଗୌଣ କରାଯାଇ ନୂତନ ଯୋଜନା ଦ୍ୱାରା ଭୋଟ ହାତେଇବାର ପ୍ରକ୍ରିୟା ଆଗେଇ ଯାଇଛି। ଯେଉଁଥିପାଇଁ ନିଷ୍ପେଷିତଙ୍କ ବାସ୍ତବ ଚିନ୍ତା କରିବାକୁ ଆନ୍ତରିକତା ଅପେକ୍ଷା ଉପାୟ ଖୋଜା ଚାଲିଛି। ପ୍ରରୋଚନା, ପ୍ରଲୁବ୍ଧତାକୁ ପାଥେୟ କରି ଶାସନ ଡୋରିର ଆଶା ବାନ୍ଧୁଥିବା ଶାସକ ନିଜର ଚତୁର ପଣିଆ ସାବ୍ୟସ୍ତ କରିବା ପାଇଁ ପ୍ରତ୍ୟହ ମଞ୍ଚ ଯୋଗାଡ କରିବାରେ ବ୍ୟସ୍ତ ରହୁଛି। ସାଧୁତା ନଥିଲେ ଅଖଣ୍ଡତାର ପରିକଳ୍ପନା ଏକ ପ୍ରବଞ୍ଚନା ମାତ୍ର। ଜନସାଧାରଣଙ୍କୁ ପ୍ରବଞ୍ଚିତ କରି ଭୋଟ ହାତେଇବା ନିଶା ନତୁଟିଲା ଯାଏଁ ଭାରତ ସେମିତି ବିକାଶଶୀଳ ରାଷ୍ଟ୍ରଟିଏ ହୋଇ ରହୁଥିବ ସିନା ପୂର୍ଣ୍ଣ ବିକଶିତ ହୋଇପାରିବାର ଆଶା କମ୍। ଦେଶ ମାତୃକାର ସେବା ପାଇଁ କେବଳ ଯେ, ସୈନ୍ୟବାହିନୀ ସଜାଗ ରହିବେ ତାହା ଆଦୌ ଠିକ୍ ନୁହେଁ। ଏହା ପ୍ରତ୍ୟେକ ଭାରତୀୟଙ୍କ ଚିନ୍ତା କରିବାର କଥା। କାରଣ ଦେଶ କେବଳ ସୈନିକ ମାନଙ୍କର ନୁହେଁ। ଖଟିଖିଆ, ମୂଲିଆଙ୍କ ଠାରୁ ଆରମ୍ଭ କରି ଦେଶର ବିତ୍ତଶାଳୀଙ୍କ ପର୍ଯ୍ୟନ୍ତ ସମସ୍ତେ ଦେଶ ଚିନ୍ତା କରିବା ଉଚିତ୍। ଦେଶ ସୁରକ୍ଷିତ ରହିଲେ ଆମେ ସୁରକ୍ଷିତ ରହିପାରିବା ଏଭଳି ଭାବନା ଉଦ୍ରେକ ନହେବା ପର୍ଯ୍ୟନ୍ତ ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ଆମେ ଏକ ହୋଇପାରିବା ନାହିଁ। ଆମ ଭିତରେ ପାର୍ଥକ୍ୟ ସୃଷ୍ଟି ହେଲେ ଏହାର ଫାଇଦା ନେବେ ଦେଶ ବିରୋଧୀ ଶକ୍ତି। ତେଣୁ ନିକଟରେ ଲସ୍କର ଲିଙ୍କ୍ ଅଭିଯୋଗରେ ଏନ୍ଆଇଏ ଦ୍ୱାରା ଦିଲ୍ଲୀରେ ଗିରଫ ହୋଇଥିବା କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ଥାନା ଅନ୍ତର୍ଗତ ତେଣ୍ଡାକୁଡା ଗାଁର ହବିବୁର ରହମନ ଗିରଫଦାରୀ ପ୍ରସଙ୍ଗରେ ତାଙ୍କର ବାପା ଅୟନ ଉଦ୍ଦିନ ଯେଉଁ ବାକ୍ୟଟିଏ କହିଥିଲେ ତାହା ସଚ୍ଚା ଦେଶପ୍ରେମୀର ପ୍ରମାଣ ଦିଏ। ତାଙ୍କ ଭାଷାରେ : ପୁଅ ଅପେକ୍ଷା ମୋ ସମ୍ମୁଖରେ ମୋର ଗାଁ ଓ ମୋ ଦେଶର ସୁରକ୍ଷା ମହାନ ଅଟେ। ତେଣୁ ପୁଅ ନୁହଁ ଦେଶ ଆଗ ସ୍ୱୀକାର କରିଥିବା ଦେଶ ଭକ୍ତଙ୍କ ପ୍ରତିବଦ୍ଧତା ନିଶ୍ଚୟ ସ୍ୱାଗତଯୋଗ୍ୟ।

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬ ,ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ସ୍ୱାଧୀନ ଭାରତ ଓ ଆମେ



**ଅମିନୀଲୁ ରାୟ**

ସ୍ୱାଧୀନହରା ସୁଜଳା ସୁଫଳା ଭାରତ ଭୂମିର ଅସ୍ତମୀତ ରବିକୁ ସ୍ୱାଧୀନପ୍ରାଚ୍ୟ ଆକାଶରେ ଉଦୀୟମାନ କରାଇ ମାନସ ପଟରେ ଜାଗ୍ରତ କରାଏ ଦୀର୍ଘ ୭୨ ବର୍ଷ ତଳର ସ୍ମୃତି । କ୍ରୁର ଦୁର୍ଦ୍ଦଶା, ଇଂରେଜ ଶାସକ କବଳରେ କବଳିତ ଥାଆନ୍ତି ଭାରତର କୋଟି କୋଟି ନିରୀହ ଜନସାଧାରଣ । ସେମାନଙ୍କ ମନରେ ଭରି ରହିଛି ଦୁଃଖ ଓ ଯନ୍ତ୍ରଣା । ଅତ୍ୟାଚାରୀ, ଶୋଷଣକାରୀ, ଲୁଣ୍ଠନକାରୀ ଇଂରେଜମାନଙ୍କ ହାତମୁଠାରୁ ସୁନାର ଭାରତବର୍ଷ କିପରି ମୁକ୍ତି ପାଇବ, ସେଥିପାଇଁ ଭାରତୀୟମାନଙ୍କ ଆଖିରୁ ହଜିଯାଇଥିଲା ନିଦ ଓ ତା ପରିବର୍ତ୍ତେ ଜନ୍ମ ନେଇଥିଲା ବିଦ୍ରୋହ ଓ ବିପ୍ଳବ । ଭାରତର ଜନନାୟକ ତଥା ଜନସାଧାରଣ ଓ ଇଂରେଜମାନଙ୍କ ମଧ୍ୟରେ ଅହରହ ସଂଗ୍ରାମ ଫଳରେ ଶେଷରେ ଯୁଗଯୁଗର ପରାଧୀନତାର ଶୃଙ୍ଖଳ ଛିନ୍ନ ହୋଇ ଆଜିକୁ ଅର୍ଦ୍ଧଶତାବ୍ଦୀ ତଳେ ଭାରତୀୟ ଜନତା ନୂତନ ଭାରତର ନିର୍ମାଣ ଦିଗରେ ଯେଉଁ ଶପଥ ଗ୍ରହଣ କରିଥିଲା, ତାହା ଯେ ବହୁ ଭାବରେ ଆଜି ସଫଳ ହୋଇଛି, ଏ କଥାକୁ କେହି ଅସ୍ୱୀକାର କରିପାରିବେ ନାହିଁ । କାରଣ ବ୍ୟକ୍ତିର ସ୍ୱାତନ୍ତ୍ର୍ୟ ଏବଂ ମର୍ଯ୍ୟାଦା ଏଠାରେ ପ୍ରତିଷ୍ଠିତ ହୋଇଅଛି । ସମାଜର ଦଳିତ, ଅବହେଳିତ ଓ ଲାଂଛିତ ବ୍ୟକ୍ତିମାନେ ସ୍ୱାଧୀନ ଭାବରେ ମୁଣ୍ଡ ଟେକି ଆପଣାର ଅଧିକାର ସାବ୍ୟସ୍ତ କରିପାରିଛନ୍ତି । ଏମିତିବି ସେମାନେ ସକ୍ରିୟଭାବେ ଶାସନରେ ଅଂଶ ଗ୍ରହଣ କରିପାରୁଛନ୍ତି ।

ସବୁଠାରୁ ଉଲ୍ଲେଖଯୋଗ୍ୟ ଯେ - ପ୍ରତି ୫ ବର୍ଷରେ ପ୍ରତିନିଧି ସଭାର ପରିବର୍ତ୍ତନ ସହିତ ଏଭଳି ଏକ ବୃହତ ରାଷ୍ଟ୍ରରେ କ୍ଷମତା ହସ୍ତାନ୍ତର କାର୍ଯ୍ୟ ସୁରୁଖୁରରେ ସମ୍ପାଦିତ ହୋଇପାରୁଛି । ପ୍ରତିବେଶୀ ପାକିସ୍ତାନ ଓ ବଙ୍ଗଳାଦେଶ ଭଳି ଦୁଇଟି କ୍ଷୁଦ୍ର ରାଷ୍ଟ୍ରରେ ବିଗତ ଅର୍ଦ୍ଧଶତାବ୍ଦୀ ମଧ୍ୟରେ ଏକାଧିକବାର ସାମରିକ ବିପ୍ଳବ ଘଟି ଏକଛତ୍ରବାଦ ପ୍ରତିଷ୍ଠିତ ହୋଇଥିଲେ ମଧ୍ୟ ଭାରତରେ ତାହା ଘଟିନାହିଁ । ଏଠାରେ ବିଭିନ୍ନ ସମୟରେ ସୃଷ୍ଟି ହୋଇଥିବା ବ୍ୟାପକ ଜନଅସନ୍ତୋଷ କେବେହେଲେ ହିଂସାମୁଖୀ ହୋଇନାହିଁ କିମ୍ୱା ସାମରିକ ଶକ୍ତି ଏହାର ସୁଯୋଗ ନେବାକୁ ଚେଷ୍ଟା କରିନାହିଁ । ଦୃଷ୍ଟାନ୍ତ ସ୍ୱରୂପ ଇନ୍ଦିରା ଗାନ୍ଧି ତାଙ୍କର ଶାସନ କାଳରେ ଜରୁରୀ ଅବସ୍ଥା ଜାରି କରି ଏକଛତ୍ରବାଦୀ ମନୋଭାବ ପ୍ରକାଶ କରିଥିବାରୁ ସାଧାରଣ ନିର୍ବାଚନରେ ଜନତା ତାଙ୍କୁ କ୍ଷମତାଚ୍ୟୁତ କରିବାକୁ କୁଣ୍ଠିତ ହୋଇନଥିଲେ । କୃଷି, ଶିଳ୍ପ, ବିଜ୍ଞାନ ଓ ବିଭିନ୍ନ ଔଦ୍ୟୋଗିକ କ୍ଷେତ୍ରରେ ଭାରତ ଅକଳ୍ପନୀୟ ଅଗ୍ରଗତି ହାସଲ କରିପାରିଛି । ଦେଶ ସ୍ୱାଧୀନତା ପ୍ରାପ୍ତିବେଳକୁ ଏଠାରେ ପିନ୍‌କଂଟାଟିଏ ତିଆରି ହୋଇପାରୁନଥିବା ବେଳେ ଏବେ ଏଠାରେ ସୁପର୍‌ସୋନିକ୍ ଜେଟ୍ ବିମାନ ତିଆରି କରିପାରୁଛି । ପୁନଶ୍ଚ ପରମାଣୁ ଶକ୍ତି ହାସଲ କରିବାରେ ଭାରତ ହେଉଛି ପୃଥିବୀର ୫ମ ରାଷ୍ଟ୍ର । ଖାଦ୍ୟଶସ୍ୟ ଉତ୍ପାଦନ କ୍ଷେତ୍ରରେ ଭାରତ କେବଳ ସ୍ୱାବଲମ୍ବନଶୀଳତା ହାସଲ କରି ନାହିଁ, ସେ ଏକ ରପ୍ତାନିକାରୀ ରାଷ୍ଟ୍ରଭାବେ ତାଲିକାଭୂକ୍ତ ହୋଇପାରିଛି । ଚୀନ୍‌ର ଖାଦ୍ୟଶଙ୍କଟ ଦୂର କରିବା ପାଇଁ ଭାରତ ଖାଦ୍ୟ ଯୋଗାଇଛି । ଦେଶରେ ଏକ ସ୍ୱାଧୀନ ଗଣତାନ୍ତ୍ରିକ ଶାସନ କାର୍ଯ୍ୟ କରୁଥିବାରୁ ଏହା ସମ୍ଭବ ହୋଇପାରିଛି । ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ, ବିଶ୍ୱଶାନ୍ତି, ନିରସ୍ତ୍ରୀକରଣ ଓ ଶାନ୍ତି ଉଦ୍ଦେଶ୍ୟରେ ପରମାଣୁ ଶକ୍ତିର ପ୍ରୟୋଗ ଇତ୍ୟାଦି କ୍ଷେତ୍ରରେ ଭାରତ ବିଶେଷ ନେତୃତ୍ୱ ଗ୍ରହଣ କରିଛି ।

ସଂପ୍ରତି ଆଧୁନିକ ଯୁଗରେ ଗଣତନ୍ତ୍ର ପଦ୍ଧତି ହିଁ ସର୍ବଶ୍ରେଷ୍ଠ ଶାସନ ପଦ୍ଧତି ଭାବରେ ବିବେଚିତ ହୋଇଅଛି । ଏକ ସମୟରେ ଆମେରିକାର ରାଷ୍ଟ୍ରପତି ଆବ୍ରାହମ୍ ଲିଙ୍କନ୍ ଗଣତନ୍ତ୍ରର ସଂଜ୍ଞା ଦେବାକୁ ଯାଇ କହିଥିଲେ – "ଡେମୋକ୍ରାସି ଇଜ୍ ଏ ସର୍ଟ ଅଫ୍ ଗଭର୍ଣ୍ଣମେଂଟ୍ ହୁଇଚି ଇଜ୍ ଅଫ୍ ଦି ପିପୁଲ୍, ବାୟ ଦି ପିପୁଲ୍ ଆଣ୍ଡ୍ ଫର୍ ଦି ପିପୁଲ" । ସେହି କାରଣରୁ ପୃଥିବୀର ବିଭିନ୍ନ ଦେଶରେ କ୍ରମେ ରାଜତନ୍ତ୍ର ଓ ସୈରତନ୍ତ୍ରର ବିଲୋପ ଘଟି ସେଠାରେ ଗଣତନ୍ତ୍ର ଶାସନ ପଦ୍ଧତି ପ୍ରତିଷ୍ଠିତ ହୋଇଛି । ଏବେ ମଧ୍ୟ ଅନେକ ରାଷ୍ଟ୍ରରେ ଯେଉଁଠାରେ ଜନସାଧାରଣ ଆତ୍ମନିୟନ୍ତ୍ରଣର ଅଧିକାର ପ୍ରାପ୍ତ ହୋଇନାହାନ୍ତି ଏବଂ ସେଥିପାଇଁ ଅହରହ ସଂଗ୍ରାମ ଚାଲିଛି । ଭାରତର ଜନସାଧାରଣ ବ୍ରିଟିଶ ସାମ୍ରାଜ୍ୟବାଦ ବିରୋଧରେ ଦୀର୍ଘଦିନ ଧରି ସଂଗ୍ରାମ ଚଳାଇ ଆଜିକୁ ଅର୍ଦ୍ଧଶତାବ୍ଦୀରୁ ଉର୍ଦ୍ଧ୍ୱକାଳ ପୂର୍ବେ ସ୍ୱାଧୀନତା ହାସଲ କରିଥିଲେ । ଜନସଂଖ୍ୟା ଦୃଷ୍ଟିରୁ ଭାରତ ହେଉଛି ପୃଥିବୀର ବୃହତମ ଗଣତାନ୍ତ୍ରିକ ରାଷ୍ଟ୍ର । ବହୁ ପରୀକ୍ଷା ନିରୀକ୍ଷା ମଧ୍ୟଦେଇ ଏଠାରେ ଦୀର୍ଘ ଅର୍ଦ୍ଧଶତାବ୍ଦୀ ଧରି ଗଣତନ୍ତ୍ର ଶାସନ ବଳବତର ରହିଛି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଭାରତବର୍ଷ ଏକ ସ୍ୱାଧୀନ, ସାର୍ବଭୌମ, ଧର୍ମନିରପେକ୍ଷ, ଗଣତାନ୍ତ୍ରିକ, ସମାଜବାଦୀ ରାଷ୍ଟ୍ର ଭାବରେ ସମଗ୍ର ବିଶ୍ୱରେ ପରିଚିତ । ଆମ ସମ୍ବିଧାନର ମୁଖବନ୍ଧରେ ହିଁ ଏଇ କଥା ଘୋଷଣା କରାଯାଇଛି । କିନ୍ତୁ ସ୍ୱାଧୀନତା ଏବଂ ସାର୍ବଭୌମତା ବ୍ୟତୀତ ଅନ୍ୟ ଶବ୍ଦଗୁଡିକ ଏଠାରେ ନିରର୍ଥକ ହୋଇପଡିଛି । ଯେଉଁ ମହାନ ଲକ୍ଷ୍ୟ ଓ ଆଦର୍ଶ ନେଇ ଭାରତୀୟ ଜନତା ଆନ୍ଦୋଳନର ଅଗ୍ନିବଳୟ ମଧ୍ୟକୁ ଲମ୍ଫ ଦେଇଥିଲା, ସେହି ଲକ୍ଷ୍ୟ ଓ ଆଦର୍ଶ ବିଗତ ଅର୍ଦ୍ଧଶତାବ୍ଦୀ ମଧ୍ୟରେ ହାସଲ କରାଯାଇଛି ବୋଲି ଦୃଢ ଭାବେ କୁହାଯାଇ ପାରୁନାହିଁ । ଭାରତୀୟ ଗଣତନ୍ତ୍ରର ପ୍ରଧାନ ତୃଟି ହେଉଛି କ୍ଷମତାଲିପ୍ସୁ ରାଜନୀତିକ ନେତୃବୃନ୍ଦଙ୍କର ଚରିତ୍ରହୀନତା । କ୍ଷମତାସୀନ ହେବା ପାଇଁ ସେମାନେ ବାହୁବଳ ଓ ଅର୍ଥବଳର ସାହାଯ୍ୟ ନେଉଛନ୍ତି । କ୍ଷମତାର ଅପପ୍ରୟୋଗ କରି ପ୍ରଚୁର ଅର୍ଥ ସଂଗ୍ରହ କରୁଛନ୍ତି । ସେମାନଙ୍କ ଅସାଧୁତା ଯୋଗୁଁ ସମଗ୍ର ଶାସନକାଳ ଦୁର୍ନିତିପୂର୍ଣ୍ଣ ହୋଇପଡିଛି । ସତ୍ୟ ଓ ନ୍ୟାୟର ବିଚାର ହେଉ ନାହିଁ । ଫଳରେ ପାଷଣ୍ଡମାନଙ୍କର ପ୍ରାଦୁର୍ଭାବ ଦିନକୁ ଦିନ ବୃଦ୍ଧି ପାଉଛି । ରାଜନୈତିକ ଲୋକମାନଙ୍କର ପ୍ରଧାନ ଲକ୍ଷ୍ୟ ହେଉଛି କ୍ଷମତା ହାସଲ କରିବା । ତେଣୁ ଦଳୀୟ କନ୍ଦଳ, ରାଜନୀତିକ ହିଂସା, ପ୍ରତିହିଂସା, ହତ୍ୟା, ନିରୀହ ଲୋକଙ୍କୁ ଭୟ ପ୍ରଦର୍ଶନ ଇତ୍ୟାଦି ଦୈନନ୍ଦିନ ବ୍ୟାପାରରେ ପରିଣତ ହୋଇଛି । ପ୍ରତିଦିନ ନୂଆ ନୂଆ ଦଳ ଗଠିତ ହେବା ଫଳରେ କ୍ଷମତା ଲୋଭରେ ଦଳବଦଳ ଘଟୁଛି । ଯାହା ଫଳରେ ଶାସନ କ୍ଷେତ୍ରରେ ସଙ୍କଟ ସୃଷ୍ଟି ହେଉଛି । ବ୍ରିଟିଶ୍ ଶାସନ କାଳର ଜାତୀୟ ସଂହତି ସ୍ୱାଧୀନତାର ପରବର୍ତ୍ତୀ କାଳରେ ଚୂର୍ଣ୍ଣୀଭୂତ ହୋଇଯାଇଛି । ରାଜନୀତିକ ଲୋକେ ଆଂଚଳିକତାବାଦକୁ ଉତ୍ସାହିତ କରି ଦେଶକୁ ଖଣ୍ଡ ଖଣ୍ଡ କରିସାରିଲେଣି । ରାଜନୈତିକ ସ୍ୱାର୍ଥ ଓ ଅଭିପ୍ରାୟବଶତଃ ବହୁ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟ ସୃଷ୍ଟି ହେବା ପରେ ମଧ୍ୟ ଗୁର୍ଖା ରାଜ୍ୟ, ଖଲିସ୍ଥାନ, ତେଲେଙ୍ଗାନା ଇତ୍ୟାଦି ସ୍ୱତନ୍ତ୍ର ହେବାକୁ ମୁଣ୍ଡ ଟେକିଛନ୍ତି । କେବଳ ରାଜନୀତିକ ସ୍ୱାର୍ଥ ପାଇଁ ସଂରକ୍ଷଣ ବ୍ୟବସ୍ଥାକୁ ଦିନକୁ ଦିନ ସଂପ୍ରସାରିତ କରାଯାଉଛି । ଭୋଟ ଲୋଭରେ ବିଭିନ୍ନ ଜାତିର ମୌଳବାଦୀମାନଙ୍କୁ ଉତ୍ସାହିତ କରାଯାଉଛି । କେତେକ ସଂଖ୍ୟାଲଘୁ ସଂପ୍ରଦାୟର ନେତା ଜାତୀୟତା ବିରୋଧୀ କାର୍ଯ୍ୟରେ ଲିପ୍ତ ଥିଲେ ମଧ୍ୟ ଆଇନ୍ ଅନୁସାରେ ସେମାନଙ୍କ ପ୍ରତି ଦଣ୍ଡବିଧାନ କରାଯାଇ ପାରୁନାହିଁ । ଏହା ଫଳରେ ସନ୍ତ୍ରାସବାଦୀ କାର୍ଯ୍ୟକଳାପ ବୃଦ୍ଧି ପାଉଛି । ଅନେକ କ୍ଷେତ୍ରରେ ସର୍ବୋଚ୍ଚ ନ୍ୟାୟାଳୟର ରାୟକୁ ମାନ୍ୟତା ନଦେଇ ସଂବିଧାନ ସଂଶୋଧନ କରିଦିଆଯାଉଛି ।

ପ୍ରାଚୀନ ଗ୍ରୀସ୍‌ର ଅଧିବାସୀମାନେ ଗଣତନ୍ତ୍ର ସହିତ ପରିଚିତ ଥିଲେ ବୋଲି ଐତିହାସିକମାନେ ମତବ୍ୟକ୍ତ କରନ୍ତି । ଖ୍ରୀଷ୍ଟପୂର୍ବ ୪ର୍ଥ ଶତକରେ ଗ୍ରୀସ୍‌ର ଚିନ୍ତାନାୟକ ପ୍ଲାଟୋ ରିପବ୍ଲିକ୍ ନାମରେ ଖଣ୍ଡେ ପୁସ୍ତକ ରଚନା କରିଥିଲେ । ପ୍ରାଚୀନ ଭାରତରେ ବିଶେଷ କରି ଖ୍ରୀଷ୍ଟପୂର୍ବ ୭ମ ଶତାବ୍ଦୀରୁ ୪ର୍ଥ ଶତାବ୍ଦୀ ମଧ୍ୟରେ ଅନେକ ଗୁଡିଏ ସାଧାରଣତନ୍ତ୍ର ଥିବାର ଜଣାଯାଏ । ଏଗୁଡିକୁ କୁହାଯାଉଥିଲା ଗଣ ବା ସଂଘ । କ୍ଷତ୍ରିୟମାନଙ୍କ ହାତରେ ସେତେବେଳେ ଶାସନ କ୍ଷମତା କେନ୍ଦ୍ରିଭୂତ ଥିଲା ଏବଂ ଗୋଟିଏ ସଂଘ ଥିଲା । ରାଷ୍ଟ୍ରିୟ ବ୍ୟାପାରରେ ନେତୃସ୍ଥାନୀୟ କ୍ଷତ୍ରିୟମାନେ ଏକତ୍ର ବସି ସିଦ୍ଧାନ୍ତ ନେଉଥିଲେ । ଯେଉଁ କ୍ଷତ୍ରିୟ ଜଣକ ଶାସନ ମୁଖ୍ୟ ହେଲେ , ସେହି ପରିବାରରୁ ପୁରୁଷାନୁକ୍ରମିକ ଭାବେ ନେତା ନିର୍ବାଚିତ ହେବାରୁ ପରବର୍ତ୍ତୀ କାଳରେ ରାଜତନ୍ତ୍ରର ଉଦ୍ଭବ ଘଟିଲା ବୋଲି ଅନୁମାନ କରାଯାଏ ।

ଆଧୁନିକ ଯୁଗରେ ଗଣତନ୍ତ୍ର କହିଲେ ସାଧାରଣତଃ ଲିବରାଲ୍ ଡେମୋକ୍ରାସି ବା ଉଦାର ଗଣତନ୍ତ୍ରକୁ ବୁଝାଏ । ଗଣତନ୍ତ୍ରର କେତୋଟି ପ୍ରଧାନ ଲକ୍ଷଣ ହେଉଛି – ସାକ୍ଷର ନିରକ୍ଷର, ଧନୀ ନିର୍ଦ୍ଧନ, ଜାତି, ଧର୍ମ ଇତ୍ୟାଦି ନିର୍ବିଶେଷରେ ଦେଶର ପ୍ରତ୍ୟେକ ସାବାଳକ ସ୍ତ୍ରୀ ପୁରୁଷଙ୍କୁ ଗୋଟିଏ ଲେଖା ଭୋଟ ଦେବାର ଅଧିକାର ପ୍ରଦାନ , ଗୋପନ ବାଲାଟ ବ୍ୟବସ୍ଥା, କ୍ଷମତା ଲାଭ କରିବାକୁ ଆଶାୟୀ ଥିବା ଦଳୀୟ ଅନୁଷ୍ଠାନକୁ ସ୍ୱୀକୃତି, ସର୍ବୋପରି ଏକ ଲିଖିତ ବା ଅଲିଖିତ ସମ୍ବିଧାନ । ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନ ହେବା ପରେ ୧୯୫୦ ମସିହା ଜାନୁୟାରୀ ୨୬ ତାରିଖଠାରୁ ଏଠାରେ ନୂତନ ସମ୍ବିଧାନ କାର୍ଯ୍ୟକାରୀ କରାଯାଇଛି ଏବଂ ତଦନୁଯାୟୀ ସାବାଳକ ଭୋଟ ବ୍ୟବସ୍ଥା ଜରିଆରେ କେନ୍ଦ୍ରରେ ଏବଂ ରାଜ୍ୟରେ ନିର୍ବାଚିତ ପ୍ରତିନିଧିମାନଙ୍କୁ ନେଇ ପ୍ରତି ୫ ବର୍ଷ ପାଇଁ ସରକାର ଗଠନ କରାଯାଉଛି ।



ଏଣୁକରି ସବୁ ପ୍ରକାର ଦୋଷ ଦୁର୍ବଳତା ସତ୍ତ୍ୱେ ଭାରତରେ ଗଣତନ୍ତ୍ରର ଚେର ଯେ ସୁଦୃଢ ଏଥିରେ ସଂଦେହ ନାହିଁ। ଏ ଦେଶରେ ଯେ ପୁଣି ଥରେ ରାଜତନ୍ତ୍ର ବା ଏକଛତ୍ରବାଦ ପ୍ରତିଷ୍ଠିତ ହେବ ସେଭଳି ଆଶଙ୍କା ଆଉ ନାହିଁ , କିନ୍ତୁ ଜାତୀୟ ଚରିତ୍ରକୁ ସଂଶୋଧନ କରିବାକୁ ହେବ । ତା ନହେଲେ ଭାରତବର୍ଷ ଭବିଷ୍ୟତରେ ଅରାଜକତାରେ କବଳିତ ହୋଇ ଏକ ଭୟଙ୍କର ଗୃହଯୁଦ୍ଧ ଆଡକୁ ଆଗେଇ ଯିବ । ରାଜନୀତିକ ଲୋକମାନଙ୍କ ଯୋଗୁଁ ଏ ଦେଶରେ ଯେଭଳି ଜାତିବାଦ, ଗୋଷ୍ଠୀବାଦ, ଆଂଚଳିକତାବାଦ, ଧାର୍ମିକ ମୌଳବାଦ , ସନ୍ତ୍ରାସବାଦ ଇତ୍ୟାଦି ବଢି ବଢି ଯାଉଛି, ତାହା ଦିନେ ଭାରତର ଜାତୀୟତା ଓ ଅଖଣ୍ଡତାକୁ ବିପନ୍ନ କରି ଏକ ଭୟଙ୍କର ଅବସ୍ଥା ସୃଷ୍ଟି କରିବ ,ଏହା ନିଃସନ୍ଦେହ ।

*ଘାଗଡା, ରାହାମା, ଜଗତ୍‌ସିଂହପୁର*
*ମୋ-୯୯୩୭୪୧୨୫୧୫*

# ମୋକ୍ଷ ପଥ

**ଯୋଗୀ ଗଣେଶ୍ୱର**

ଭାଗ-୧୭

**"ମାତାଙ୍କ ବଚନ କରିବି ପାଳନ ହାଡ଼ିପା ମୋହର ଗୁରୁ।**
**ଏ ପାପ ଶରୀର ମୁକ୍ତ ହୋଇଯିବ ଭଜିଲେ କଳପତରୁ ॥"**

ମୁକ୍ତାଦେଇ ରାଜନବରକୁ ଫେରିଯିବା ପରେ ଗୁରୁ ହାଡ଼ିପାଙ୍କ ନିର୍ଦ୍ଦେଶରେ ଗୋବିନ୍ଦ ଯୋଗୀବେଶ ଧାରଣ କରି ଆଗାମୀ ପ୍ରଭାତକୁ ପ୍ରତୀକ୍ଷା କଲେ। ବଙ୍ଗଦେଶର ଯୁବରାଜ ଗୋବିନ୍ଦଚନ୍ଦ୍ର ଯୋଗୀ ହେବା ଖବର ତୁଣ୍ଡରୁ ତୁଣ୍ଡ ହୋଇ ରାତିକ ମଧ୍ୟରେ ରାଜ୍ୟ ସାରା ବ୍ୟାପିଗଲା। ଏହି ସମ୍ବାଦ ଅନ୍ତଃପୁରର ଅନେଶତ ରାଣୀଙ୍କ କର୍ଣ୍ଣରେ ପଡ଼ିବା ମାତ୍ରେ ସମସ୍ତେ ମୂର୍ଚ୍ଛା ଗଲେ। ବିଧାତା ପୁରୁଷ ଏ' କି କଲା ଭାଳି ହୋଇ ସଭିଏଁ ରୋଦନ କରିବାକୁ ଲାଗିଲେ। ହୃଦୟ ଫାଟି ପଡ଼ିଲା। କୋମଳ ବୟସରେ ରାଜା ସଂସାରତ୍ୟାଗୀ ହେବା ଖବର ଯୁବାରାଣୀଙ୍କୁ ମିଥ୍ୟା ବୋଧ ହେଲା। ଏହାର ସତ୍ୟାସତ ଜାଣିବା ପାଇଁ ସଖୀମାନଙ୍କୁ ସଙ୍ଗରେ ଧରି ରାଣୀମାନେ ଯୁବରାଜଙ୍କ ନିକଟରେ ପହଞ୍ଚିଲେ। ହାଡ଼ିପାଙ୍କ କୁଟୀରରେ ବେଶଭୁଷା ବଦଳାଇ ଯୁବରାଜ ବସିଥିବା ବେଳେ ରାଣୀମାନଙ୍କ ଗହଣରୁ ପ୍ରଥମେ ରୋଦମାରାଣୀ ଗୋବିନ୍ଦଙ୍କ ପାଦଧରି ଉଚ୍ଚସ୍ୱରରେ କ୍ରନ୍ଦନ କରି କହିଲେ,ହେ'ସ୍ୱାମୀ, ତୁମ୍ଭର ଏ ପ୍ରକାର ବିଚାର ଆମ୍ଭମାନଙ୍କୁ ଆଜୀବନ ଦୁଃଖ ଆଣି ଦେଇଛି। ତୁମ୍ଭଙ୍କୁ ଛାଡ଼ି ଅଳ୍ପବୟସୀ ପତ୍ନୀମାନେ କିପରି ଜୀବନ ନିର୍ବାହ କରିବେ ସେ କଥା ତୁମ୍ଭେ ଚିନ୍ତା କଲ ନାହିଁ। ଏବେ ଆମ୍ଭେ କାହା ମୁଖ ଚାହିଁ ଦେହ ଧରିବୁ ଆମ୍ଭଙ୍କୁ ବତାଇ ଦିଅ ! ସ୍ୱାମୀ ଥାଇ ବୈଧବ ବେଶରେ ଜୀବନ ବିତାଇବୁ। ଯଦି ତୁମ୍ଭ ମନରେ ଏପରି କଳ୍ପଣା ଥିଲା,ତେବେ ଆମ୍ଭମାନଙ୍କୁ ବିବାହ କରୁଥିଲ କାହିଁକି ? ପତ୍ନୀମାନଙ୍କୁ ବିରହ ବେଦନାର ଦୁଃଖ ଦେଇ କି ସୁଖ ଅର୍ଜିବ ? ରାଣୀମାନଙ୍କ ଅନୁନୟ ବିନୟ ବାକ୍ୟ ଶ୍ରବଣ କରି ଗୋବିନ୍ଦ କହିଲେ,ହେ'କାମିନୀଗଣ,ମାୟା ଜଗତରେ କେହି କାହାରି ନୁହେଁ। ସଭି ମନୁଷ୍ୟଙ୍କ ଭାଗ୍ୟ ବିଧାତାର ରଜ୍ଜୁରେ ବନ୍ଧା। ମୋର ଭାଗ୍ୟରେ ଯାହା ବିହି ଲେଖିଛି ଅବଶ୍ୟ ତାହା ଭୁଞ୍ଜିବି। ମାତାଙ୍କ ବଚନ ନିଶ୍ଚୟ ପାଳନ କରିବି। ହାଡ଼ିପା ମୋର ଗୁରୁ ସ୍ଥାନରେ ରହି ବାଟ କଢ଼ାଇ ନେବେ। ତୁମ୍ଭେ ଏବେ ଫେରିଯାଅ ରାଣୀ। ଯେଉଁ ଲକ୍ଷ୍ୟରେ ଜୀବ ମନୁଷ୍ୟ ଶରୀର ଧାରଣ କରେ,ସେଇ ଲକ୍ଷ୍ୟପଥରେ ଆଗେଇ ଚାଲ ! ଯୁଗେ ଯୁଗେ ସତୀସାଧ୍ୱୀ ବୋଲାଇ ନାରୀଜନ୍ମକୁ ସାର୍ଥକ କର !

ରାଣୀମାନେ ଚକ୍ଷୁରୁ ଅଶ୍ରୁଝରାଇ ପୁଣି କହିଲେ-ହେ'ସ୍ୱାମୀ, ଯଦି ଯୋଗଧ୍ୟାନ ପାଇଁ ତୁମର ଏତେ ଆଗ୍ରହ, ତେବେ ଏଇ ବଟମଣ୍ଡପରେ ବସି ଯୋଗସାଧ। ଏକାନ୍ତରେ ଶୟନ କର। ଆମ୍ଭେ ରାଣୀମାନେ ତୁମ୍ଭ ସେବାରେ ବ୍ରତୀ ରହିଥିବୁ। ପତ୍ନୀ ଭାବରେ ଶିବଙ୍କ ଭଳି ମହାଯୋଗୀଙ୍କର ସେବା ପାର୍ବତୀ କରନ୍ତି। ଏଥିରେ କିଛି ଦୋଷ ନାହିଁ। ଯେଉଁ ହାଡ଼ିପା ତୁମ୍ଭଙ୍କୁ ଏପରି ଅଜ୍ଞାନ ବୁଦ୍ଧି ଦେଇଛି,ସେଇ ଚଣ୍ଡାଳ ବୋଲରେ ତୁମ୍ଭେ ରାଜାରୁ ଭିକାରୀବେଶ ଧରିଛ ? ବାର ଦୁଆର, ଅଛବଙ୍କ ପିଣ୍ଡାରେ ଶୋଇ ଦିନ ବଞ୍ଚିବ ? ହେ'ସ୍ୱାମୀ, ତୁମ ଦେଶାନ୍ତର ସମ୍ବାଦ ଶୁଣି ଛାତି ଫାଟି ପଡୁଛି। ତୁମ୍ଭକୁ ଯିଏ ଏପରି ଯନ୍ତ୍ରଣାସୀକ୍ତ କରିଛି,ଆମ ସୁଖ ସଂସାରକୁ ଭାଙ୍ଗିଛି ତା ମୁଣ୍ଡରେ ବଜ୍ର ପଡୁ। ଅଳ୍ପାୟୁଷ ହୋଇ ସେ ନର୍କ ଭୋଗ କରିବ। ଏବେ ଆମ୍ଭେ ତୁମ୍ଭଙ୍କୁ ଫେରାଇ ନେବା ପାଇଁ ଆସିଛୁ। ଏଇ ମୁହୂର୍ତ୍ତରେ ନବରକୁ ଫେରି ଚାଲ। ରାଣୀମାନଙ୍କର କ୍ରୋଧିତ ବଚନ ଶ୍ରବଣ କରି ରାଜା ଗୋବିନ୍ଦ ବୁଝାଇଲେ। କହିଲେ, ଗୁରୁ ଆଜ୍ଞା ଲଘଂନ କଲେ ନର୍କଗାମୀ ହେବା ସାର ହେବ। କାମନା ବାସନା ତ୍ୟାଗ କରି ଗୁରୁ ଦୀକ୍ଷା ନେଲି। ପୁଣି କେମନ୍ତେ ସଂସାର ମଳ ଭିତରେ ପ୍ରବେଶ କରିବି ! ରାଜାଙ୍କର ନିଷ୍ଠୁର ବଚନ ଶ୍ରବଣ କରି ରାଣୀମାନେ ନିରାଶରେ ନବରକୁ ଫେରି ଆସିଲେ !

ତହିଁପରେ ହାଡ଼ିପା ଗୋବିନ୍ଦଙ୍କୁ ଚାହିଁ କହିଲେ-ପୁତ୍ର ଗୋବିନ୍ଦ,ରାତ୍ରର ଶେଷପ୍ରହର ଉପନିତ। ବ୍ରାହ୍ମମୁହୂର୍ତ୍ତରୁ ଶୁଭକର୍ମ ଅନୁକୁଳ ହେଲେ ଶୀଘ୍ର ସଫଳତା ମିଳିଥାଏ। ଆସ ଆମେ ସେଇ ତେନ୍ତୁଳି ବୃକ୍ଷମୂଳେ ବସିବା। ତେନ୍ତୁଳି ବୃକ୍ଷମୂଳେ ହାଡ଼ିପା ଗୋବିନ୍ଦଙ୍କୁ କୋଳାଗ୍ରତ କରି କର୍ଣ୍ଣଗହ୍ୱରରେ ବେଦମନ୍ତ୍ର ପାଠ କଲେ। କାୟା, ମନ,ବାକ୍ୟ ଶୁଦ୍ଧ କରାଇ ଗୋବିନ୍ଦଙ୍କ ମଥା ସାଉଁଳି ଦେଲେ। କହିଲେ,ହେ'ଶିଷ୍ୟଗୋବିନ୍ଦ, ଗୁରୁପ୍ରାପ୍ତ ହେବା କ୍ଷଣି ଶିଷ୍ୟ ଭବସାଗର ପାର ହୋଇଯାଏ। ଏବେ ତୁମ୍ଭେ ଭବସାଗର ନୁହେଁ ଭକ୍ତିସାଗରରେ ସନ୍ତରଣ କରିବ। ପ୍ରଥମେ ଶ୍ରୀଗଣେଶଙ୍କୁ ଭକ୍ତିପୂତ ପ୍ରଣାମ ଜଣାଇ ଦେବଲୋକରେ ପ୍ରବେଶ କରିବ। ସର୍ବ ଦେବାଦେବୀଙ୍କୁ ନମସ୍କାର ଜଣାଇ ସେବାଭାବ ଧରି ପୂଜନ କରିବ। ଦେବକୁଳ ସନ୍ତୋଷ ରହିଲେ ତୁମର ମଙ୍ଗଳ ହେବ। ତୁମ ଉର୍ଦ୍ଧ୍ୱ ଗତି ପଥରେ ସେମାନେ ପ୍ରତିବନ୍ଧକ ସୃଷ୍ଟି କରିବେ ନାହିଁ। ତୁମେ ଅକ୍ଲେଶରେ ଦେବଲୋକ ପାର ହୋଇ ଜନଲୋକରେ ପ୍ରବେଶ କରି ପାରିବ। ତାପରେ ତୁମେ ଜ୍ଞାନାଲୋକରେ ପରିପୂର୍ଣ୍ଣ ହୋଇ କ୍ଷୀରସାଗର ତଟରେ ମହାମାୟାଙ୍କୁ ସାକ୍ଷାତ କରିବ। ସେ ସନ୍ତୋଷ ହେଲେ ଯାଇଁ ନିରାକାର ବ୍ରହ୍ମଙ୍କୁ ଦର୍ଶନ କରିବା ସମ୍ଭବ ହେବ। ମାଟିର ଶରୀରରେ ଯେତେ ଇନ୍ଦ୍ରିୟ ରହିଛି ସେ ମଧ୍ୟରୁ ମନ ଇନ୍ଦ୍ରିୟ ଭଲମନ୍ଦ ଫଳ ଦାତା ! ତୁମେ ଶରୀରରୁ ମନକୁ ଭିନ୍ନ କରି ଭବପଥରୁ ଭାବରପଥକୁ ଚୟନ କର। ମୁକ୍ତବିହଙ୍ଗ ପରି ଶ୍ରୀହରିଙ୍କ ନାମ ଗାଇ ଅନନ୍ତ ଆକାଶରେ ଉଡ଼ି ବୁଲ। ପ୍ରାତଃରୁ ପ୍ରଥମେ ତୁମେ ମାତାଙ୍କ ହସ୍ତରୁ ଆଞ୍ଜୁଳାଏ ତଣ୍ଡୁଳ ଭିକ୍ଷା ଗ୍ରହଣ କରିବା ପରେ ଯୋଗୀର ଜୀବନ ଆରମ୍ଭ କର। ନିଜ ଚତୁଃପାର୍ଶ୍ୱରେ ବଳୟ ନିର୍ମାଣ କର ଯେପରି କେହି ଦୁଷ୍ଟଆତ୍ମା ତୁମ ନିକଟକୁ ଆସି ପାରିବେ ନାହିଁ। ତାପରେ ଧୀରେ ଧୀରେ ସବୁ ଠିକ୍ ହୋଇଯିବ। ଯାଅ ଶିଷ୍ୟ,ଏଇମୁହୂର୍ତ୍ତରେ ସଂକଳ୍ପ ଧରି ଆଗେଇ ଚାଲ। ମାତାଙ୍କ ହସ୍ତରୁ ଭିକ୍ଷା ନେବା ପରେ ନବରରେ ରହିବ ନାହିଁ। କାହାରି ମାୟା ଜଡ଼ିତ ଭେଳିକି ପ୍ରତି ଦୃଷ୍ଟି ଦେବ ନାହିଁ। ଦିବସ ଅନ୍ତେ ଭିକ୍ଷାଅନ୍ନ ଧରି ମୋ ନିକଟକୁ ଫେରି ଆସିବ। ଏହିପରି ତ୍ରିଦିବସ ସ୍ୱରାଜ୍ୟରେ ଭିକ୍ଷା ଗ୍ରହଣ କରିବା ପରେ ତୁମେ ଦେଶାନ୍ତର ଗମନ କରିବ। ହରି ଓଁ ତତସତ୍ !

*ଦୂରଭାଷ-୯୬୬୮୬୩୧୨୫୭*



## ଅମୁହାଁ ଦେଉଳ

ଉପନ୍ୟାସ

ଡ. ମୌସୁମୀ ପରିଡ଼ା

ଭାଗ-୪୫

ଆରେ ମୋର ମୁଣ୍ଡ ଖରାପ ହେଲାଣି। ତୋତେ ନ ପଚାରି ଚା'ବନେଇଦେଲି। ନହେଲେ କୋଲ୍ଡ୍ରିଙ୍କ୍ ବି ଥିଲା ଫ୍ରିଜ୍‌ରେ। ନିଜକୁ ସ୍ୱାଭାବିକ କରି କହିଲା ପାରୋ। ସତେ କି ଏବେ କିଛି ଅଘଟଣ ଘଟିନି। ସବୁ ଠିକ୍ ଚାଲିଛି। ତା ମନ ବି ସ୍ୱାଭାବିକ ଅଛି! କିନ୍ତୁ ଯାହା ବାହାରକୁ ଦିଶୁଥିଲା ପ୍ରକୃତରେ ଦୁନିଆ ତାହା ନଥିଲା।

ଏମିତି ନର୍କରେ କେମିତି ବଂଚିଛୁ ପାରୋ? ତୋତେ କଣ କଷ୍ଟ ହେଉନି ଅନ୍ୟ ଝିଅଙ୍କ ପରି? ହୃଷି ଆଉ ନିଜକୁ ରୋକିନପାରି ପଚାରିଦେଲା।

ତା ଉତରରେ କେବଳ ସେ ଦେଖିଲା ଲୁହ ଡବଡବ ଆଖି..ଥରିଲା ଓଠରେ ଚାପିହୋଇଯାଉଥିବା ଅସଂଖ୍ୟ ବେଦନା। ଆଉ ଲାଲ୍ ଚହଚହ ନାକ..! ହୃଷି ଭିଜିଗଲା ସେ ଲୁହରେ..ତାର ଉଦ୍‌ଗତ କୋହରେ ଭାସିଗଲା ଅଳ୍ପକିଛି ଦୂର। ଇଚ୍ଛା ହେଉଥିଲା ତା ଆଖିରୁ ସବୁତକ ଲୁହ ପୋଛିଦେବ ତା ଓଠରେ। ଅଲରା କେଶତକ ମଥା ଉପରକୁ ସାଉଁଳେଇ ନେଇ ଆଉଜେଇ ନେବ ଛାତି ଉପରକୁ। ନିଜ ସ୍ପନ୍ଦନରେ ତାକୁ ବିମୋହିତ କରିବ! ଚିରୁଡାଏ ସାହାରା ଦେବ।

ତା ଓଠରେ ଓଠ ଥାପି ଆସ୍ତେ କହିବ-ପାରୋ..ତୋର ସବୁ ସୁଖ ଦୁଃଖ,ଅସହାୟତା,ଯନ୍ତ୍ରଣାର ବିଷ ମୋ ଆଞ୍ଜୁଳାରେ ଭରିଦେ'! ମୋତେ ନୀଳକଣ୍ଠ କରି ତୋ ହୃଦୟରେ ସଜାଇଦେ'। କିନ୍ତୁ ମଣିଷ ପରି ବଂଚ। ଏମିତି ଭାଙ୍ଗିରୁଜି ନିଜକୁ କ୍ଷୟ କରନି। ଅନ୍ଧାର ଭିତରେ ଛାଇ ପାଲଟିଯାଆନି।

ବାହାରେ ଯାଉଥିବା କାହା ବାଇକ୍ ଶବ୍ଦରେ ଗୋଟେ ଗଭୀର ଚିନ୍ତନରୁ ଫେରିଆସିଲା ହୃଷି। ପାରୋ ବିକଳ ହୋଇ ପଚାରିଲା-ତୁ ବି ମୋତେ ଘୃଣା କରୁଛୁ ନା?

ହୃଷି ଚମକି ପଡିଲା। କଣ କହିବ ତାକୁ। ଏ ପ୍ରଶ୍ନର ଠିକ୍ ଉତର କଣ ହୋଇପାରେ? କହିବ କି-ନାଁ ଏ ଜନ୍ମରେ ଘୃଣା କରିପାରିବିନି। ତୁ ମୋ ମନର ପାରିଜାତ। ମୋ କଳ୍ପନାର ରାଜରାଣୀ। ତୁ ଯାହା କଲେ ବି ମୁଁ ଅସ୍ୱୀକାର କରିପାରିବିନି ତୋତେ। ତୋତେ ଗ୍ରହଣ କରିଛି..ମନଭିତରେ। ତୋ ସହିତ ସଂଶ୍ଳିଷ୍ଟ ସମସ୍ତ ଅଭାବ ଓ ଯନ୍ତ୍ରଣାକୁ ଛାଡିଦେବି କିପରି! ବରଂ ପ୍ରେମର ତରଙ୍ଗରେ ଆଚ୍ଛନ୍ନ କରିପାରିବି ସାରା ଜନ୍ମ। ମଧୁର ଆବେଗରେ ଭରିଦେବି ତୋ ହୃଦୟ! ତୁ ଖାଲି ସମ୍ମତି ଦେଲେ ହେଲା! ହେଲେ ପାରୋ କଣ ଏସବୁ ଉଦ୍ଦୀପନା ଭରା କଥାକୁ ଗ୍ରହଣ କରିପାରିବ? ନା ପୁଣି ବ୍ୟଥିତ ହେବ,ମ୍ରିୟମାଣ ହୋଇ ଭାଙ୍ଗିଯିବ ବାତ୍ୟାଗ୍ରସ୍ତ ଗଛଟେ ପରି!

କଣ ଭାବୁଛୁ ହୃଷି? ଜାଣେ ତୋ ମନରେ ଅସରନ୍ତି ପ୍ରଶ୍ନର ବିଡା..!

ତୁ କଣ ଏସବୁର ଉତର ମୋତେ ଦେଇପାରିବୁ ପାରୋ? ମୁଁ ତୋତେ ଓ ତୋ ମନକୁ ବୁଝିବାକୁ ଚାହେଁ।

ହଁ..ତୋ ପ୍ରଶ୍ନର ଉତର ଦେବାକୁ ଚାହେଁ। ଅନ୍ତତଃ କେହି ତ ଜଣେ ମୋତେ ବୁଝୁ ଏ ଜୀବନରେ। ନହେଲେ ମୁଁ ତ ଅଲେଖା ଡାଏରୀଟାଏ ମାତ୍ର!

ତେବେ ସନ୍ଧ୍ୟାବେଳେ ମନ୍ଦିରରେ କହିବୁ..ଠାକୁରଙ୍କୁ ସାକ୍ଷୀ ରଖି। କେହି କିଛି ଖରାପ ଭାବିବାର ନଥିବ। କହି ହୃଷି ବାହାରିଲା ଏଥର। ପାରୋର ପଞ୍ଜରା ଥରାଇ ଦୀର୍ଘଶ୍ୱାସଟେ ବାହାରି ଆସିଲା ପଦାକୁ।

ପୁଣି ମନଟା ଝଣ୍‌ଝାଣ୍ ହେଉଛି ବ୍ୟଥାରେ। କାମସବୁ ସାରିଦେଇ ପାରୋ ଚାହିଁଛି ସାମ୍ନାକୁ..କିଛି ବି ଦିଶୁନି..ଖାଲି ଦିଶୁଛି ପିଲାଦିନ। ପୁଣି ଚିଠିଟିଏ ଲେଖି ବସିଲା ସେ- କେମିତି ଏତେ ବଦଳିଗଲୁ ରେ ଦେବା। ସବୁ ଭୁଲିଗଲୁ? ଅତୀତକୁ ଗୋଇଠା ମାରି କି ସୁଖ ପାଇଉଛୁ? ସ୍ମୃତିର ଅଙ୍ଗାରରେ ଏମିତି କେତେକାଳ ହାତ ସେକୁଥିବୁ ଦେବା? ଆଜି ବି ସ୍କୁଲ୍ ପଟେ ଗଲେ ଲାଗେ ତୁ ବାଗୁଡି ଖେଳୁଛୁ ପଡିଆରେ। ସକାଳଟାରୁ ତୁମ ଘରକୁ ଗଲେ ଲାଗେ ସେଇଠି କନ୍ଥା ଉପରେ ଜାକିଜୁକି ହୋଇ ପଡିରହିଛୁ କାହା ଡାକକୁ ଅପେକ୍ଷା କରି! ରାସ୍ତାକୁ ଅନାଇଲେ ଲାଗେ-ଏଇ ତ ଫେରୁଥିବୁ କାଳେ! ଯେକୌଣସି ଗାଡିମଟର ଶବ୍ଦ ଶୁଣି ମୁଁ ଧଡପଡ ହୋଇ ଉଠିଆସେ ବିଛଣାରୁ-ଲାଗେ ତୁ ଆସିଗଲୁ କି? ହେଲେ ନା.. ସବୁବେଳେ ସେଇ ହତାଶା ହିଁ ମୋର ଭାଗ୍ୟ!

ଆମେ କେହି ଆଉ ତୋ ମନରେ ନାହୁଁ। ମୋ ହାତ ତିଆରି ଖାଦ୍ୟର ସ୍ୱାଦ ତୋର ମନେପଡୁନଥିବ ଅନେକ ସ୍ପେଶାଲ୍ ଖାଦ୍ୟ ଭିତରେ! ସ୍ପେଶାଲ୍ ସାଙ୍ଗମାନଙ୍କ ଭିତରେ ଗାଁର ଚିତ୍ର ଓ ତା ଭିତରେ ଥିବା ଗୋଟେ ଅସନି ଉଙ୍କୁଣୀ ମୁଣ୍ଡି ତ ତୋ ପାଇଁ ବିଡମ୍ବନା ପାଲଟିଥିବ ନା!

ମନେଅଛି..ଯେବେ ତୁ ଅସହାୟ ହୋଇ ବିଲକୁ ଧାନ ରୋଇବାକୁ ଯାଇଥିଲୁ! ତୋତେ ଏମିତି ବିପର୍ଯ୍ୟସ୍ତ ଦେଖି କେତେ କାନ୍ଦିଥିଲି ମୁଁ। ମିନିଖୁଡୀର କାନ୍ଦୁରା ମୁହଁ ଜକଜକ ହୋଇ ଦିଶିଗଲା ମୋ ଆଖିକୁ। ଲାଗିଲା ସେ ମୋତେ ପଚାରୁଛି-ଏଇ ଦାୟିତ୍ୱ ନେଲୁ ମୋ ଦେବୁର? ସେ ଧାନବିଲରେ ମୂଲିଆ ହୋଇ ଖଟିଲା? ତୋ ଦିହ ସହିଲା ପାରୋ? ମୁଁ ବିକଳ ହୋଇ ଧାଇଁଲି ତୋ ପାଖକୁ। ତୁ କେମିତି କାମ କରୁଥିବୁ,ତୋ ହାତ କେତେ କାଟୁଥିବ..ଏମିତି ଭାବୁଭାବୁ ଏପଟେ ମୋ ହାତରେ ଚିଆଁ ଲାଗିଛି! ତଥାପି ତୋ ପାଇଁ ଖାଇବା ବନେଇ ନେଇଛି ବିଲକୁ, ତୁ ଓପାସ ଥିବୁ ବୋଲି! ତୋର ଅହଂକାର ଅଗରେ ମଥା ନୁଆଇଁ ଦେଇଛି ତୁ ଯାହା କହ ପଛେ,କିନ୍ତୁ ମୋ ହାତ ତିଆରି ଖାଦ୍ୟ ଖାଆ। ତୋ ପରମ ସନ୍ତୋଷରେ ଖାଇବାବେଳେ ମୋ ପେଟ ପୂରିଯାଇଛି। ତୋ ଅଇଁଠା ବାସନତକ ଛାତିରେ ଜାକିଧରି ଧାଇଁଲା ବେଳକୁ ମୁଁ ଉବୁଟୁବୁ ହୋଇଛି ତୃପ୍ତିରେ!

ତୁ ଯେ ପୂର୍ବଭଳି ଖିଙ୍କାରି ହେଲୁ କିମ୍ବା ଖାଇବା ପରେ ଭଲ ମନ୍ଦ ନକହିଲୁ ସେସବୁକୁ ମୋର ନଜର ନଥିଲା। ମୋର ନଜର ଥିଲା ତୋତେ ମୋ ରନ୍ଧା ଖାଦ୍ୟ ପରଶି ଦେବାରେ। ଘୃଣା କର ପଛେ..ମନା ନାହିଁ। ସେଦିନ ମୋର ଖୁସି ଦେଖେ କିଏ! ହେଲେ ବାରମ୍ବାର ଏମିତି କାଣ୍ଡକୁ ତୁ ବୁଝିପାରିଲୁନି। ଦିନେ ପଚାରିଲୁ-ତୁ ଏସବୁ କାଇଁ କରୁଛୁ ମୋ ପାଇଁ? ସେତେବେଳେ ତୋ ଭିତରେ ଗୋଟେ ଜିଦ୍ ଭରିଦେବା ପାଇଁ ଧାର ଉଧାର,ବନ୍ଧା ପକାଇବା କଥା କହିଲି। ଯେମିତି କିଛି କରିବା ନିଶାରେ ବା ନିଜକୁ ପ୍ରତିଷ୍ଠିତ କରିବା ପାଇଁ ତୁ ଧାଇଁବୁ ଆଗକୁ। ଏଇଠି ସୀମିତ ହୋଇ ରହିଯିବୁନି କି ଥକି ପଡିବୁନି ଜୀବନ ରାସ୍ତାରେ।

ତୋତେ ତ ଆହୁରି ଆଗକୁ ବଢିବାକୁ ହେବ। ଆକାଶ ଛୁଇଁବାକୁ ପଡିବ। ସାଗରକୁ ଆଞ୍ଜୁଳାରେ ଭରିବାକୁ ହେବ। ମୋ ଆଖି ପାଉନଥିଲା ତୋ ପାଇଁ ସ୍ୱପ୍ନ ଦେଖି ଦେଖି। କ୍ଳାନ୍ତି ନଥିଲା ଜମା। ତୋ ଆଗେ ହିସାବ କରୁଥିଲି। ସବୁକିଛି ଟିପି ରଖିବାର ବାହାନା ବି କରୁଥିଲି। ଆଉ ତୋ ଭିତରେ ଜିଦ୍ ବଢୁଥିଲା। ଅବଶ୍ୟ ମୋ ପାଇଁ ତୋ ମନରେ ଘୃଣାର ପରିମାଣ ବି ବଢୁଥିଲା। ହେଲେ ମୁଁ ଖୁସି ଥିଲି ତୁ ଲକ୍ଷ୍ୟପଥରେ ବଢୁଛୁ ବୋଲି। ତୋ ସୁଖକର ଭବିଷ୍ୟତ ପାଇଁ ମୁଁ ସବୁ ମାନିନେବାକୁ ପ୍ରସ୍ତୁତ ଥିଲି। ଏମିତିକି ତୋ ଅନୁପସ୍ଥିତିକୁ ସାଧନା କରିନେଲି।

ହେଲେ ତୁ..? କିଛି ବୁଝିଲୁନି। ମୋ ମନର ମାନ ରଖିଲୁନି। ଏତେ ସ୍ୱାର୍ଥପର ହୋଇଗଲୁ? ହେଲେ ମୁଁ ସବୁଜାଣି ବି କୋଉ ସ୍ୱାର୍ଥପର ହୋଇପାରୁଛି! ଏବେ ବି ତୋ ସ୍ମୃତିରେ ଓଦା..! ଆଉ ପାରୁନି। ନିଜକୁ ଓ ବାପାଙ୍କୁ ଏମିତି ଠକିଠକି ଜୀଇଁପାରୁନି ମୁଁ। ମୋ ଭିତରେ ସବୁ ଯେମିତି ଭାଙ୍ଗିରୁଜି ଯାଉଛି। ମୁଣ୍ଡ ବୁଲାଇ ଦେଉଛି। ଆଖି ଆଗେ ସବୁ ଅନ୍ଧାର ଘୋଟି ଆସୁଛି! ଲାଗୁଛି ଏ ଅନ୍ଧାର ଭିତରେ ହିଁ ଚାଲିଯିବି ଦୁନିଆରୁ। ହେଲେ ଏ ଅସଂଖ୍ୟ ଚିଠି..? ଏସବୁକୁ ତୋ ପାଖରେ ପହଂଚାଇବି କିପରି!

ମୋ ସାରା ଜୀବନର ଅନୁଭବ ତୁ ଥରେ ପଢିବୁ ଦେବା। ଘୃଣା କରି ଫିଙ୍ଗିଦେବୁନି। ମୁଁ ଏ ଶବ୍ଦଗୁଡାକରେ ବଂଚିଛି। କାନ୍ଦିଛି..ଆଉ ହସିଛି। ତୋ ମୋ ଭିତରର ସଂପର୍କର ପାହାଚ ଏମାନେ। ଯେତେ ଯାହା ହେଲେ ବି ଫିଙ୍ଗିପାରିନି ଏମାନଙ୍କୁ। ଅନୁଭବମାନଙ୍କୁ କଣ ଏମିତି ନିଜଠାରୁ ଭିନ୍ନ କରି ଫିଙ୍ଗିହୁଏ? ଦେଖିପାରୁଛୁ ଜୀବନରେ ସବୁଠାରୁ ଭଲପାଉଥିବା ମୋ ବାପା ବି କେମିତି ମୋତେ ଘୃଣା କରୁଛନ୍ତି! ବୋଧେ ସାରା ସଂସାରର ଘୃଣା ମୋ ଉପରେ ଅଜାଡି ଦେଉଛନ୍ତି ଈଶ୍ୱର। ତଥାପି ସନ୍ତୁଷ୍ଟ ନୁହନ୍ତି।

ଭାବିଲୁ..କାହାପାଇଁ ବଂଚିବି ମୁଁ? କୋଉ ଆଶାରେ ସକାଳକୁ ଚାହିଁବି। ରାତିକୁ ଗ୍ରହଣ କରିବି? କୋଉ କଳ୍ପନାକୁ ମୋ ପଣତରେ ସାଇତି ରଖିବି? ମୋ ପଣତ ପୂରି ଗଲାଣି! ବହକା ପଡିଲାଣି ସ୍ମୃତିତକ..! ଏବେ ସବୁ ଗୋଟି ଗୋଟି ହୋଇ ବିଂଚି ହୋଇପଡୁଛି ରାସ୍ତାରେ। ହେଲେ ମୁଁ କୋଉ ତାକୁ ଗୋଟାଇ ଯଥା ସ୍ଥାନରେ ରଖି ପାରୁଛି! ବୋଧେ ସଂସାର ପାଇଁ ମୁଁ ଓଜନିଆ ହୋଇଗଲିଣି। ମୋ ଭାର ଆଉ ସହିପାରୁନି ବସୁଧା। ହେଲେ ମୃତ୍ୟୁ..! ଯୋଜନ ଯୋଜନ ବାଟ ମୋଠାରୁ। କାଇଁ ଆସୁନି ତ! (କ୍ରମଶଃ...)

---

## ବିଶେଷ କବିତା

# ଗାଁ

**ସୁରେନ୍ଦ୍ର ପାଣିଗ୍ରାହୀ**



ପୂର୍ବ ଦିଗରେ ସକାଳର ମହୁ ମୁହାଣ ଫିଟିଲା ବେଳକୁ
ଗଛ ଗହଳିରୁ ଶୁଣାଯାଏ ସମ୍ମିଳିତ ନଦିୟା କୀର୍ତ୍ତନ
ଗୋଟେ ଅଶରୀର ଛାଇ ଭଳି ଜାଙ୍ଗୁଲୁ ଜାଙ୍ଗୁଲୁ ଅନ୍ଧାର ଭିତରେ
ହାତରେ ଗୋବର ପାଣି ସିଞ୍ଚି ସାରା ପୃଥିବୀକୁ
ପବିତ୍ର କରିଦେବାର ବଜ୍ର ଶପଥ ନେଉଥାଏ ବୋଉ
ଆଉ ସାରା ରାତି ହାତରେ ବାଡ଼ି, ଲଣ୍ଠନ ଧରି ଗାଁ ସାରା
କୁହାଟ ମାରୁଥିବା ସନା ଚଉକିଆ ଭାଗବତ ଟୁଙ୍ଗି ପାଖ
ଚଉତରା ମୂଳେ ପଡିଯାଇଥାଏ / ଜୀବନ ନଥିବା ଲାସ୍‌ଟିଏ ପରି...

ସାରା ରାତି ଦୁଧିଆ ଜହ୍ନରାତିରେ / ଗାଧୋଇ ପଡିଥିବା ମୋ ଗାଁ
ଅଳସ ଭାଙ୍ଗେ ବଣମଲ୍ଲୀର ମହୁଆ ବାସ୍ନାରେ
ଧାନ ଉଁସା ହାଣ୍ଡି ଦେହରୁ / ସିଝି ଆସୁଥିବା ଓଲୁଅର ବାସ୍ନାରେ
ମହକି ଯାଉଥାଏ ସାରା ସକାଳର ସ୍ୱପ୍ନ ...

ସାରା ରାତି କଳା ପାଞ୍ଚିଟିଏ ଘୋଡି
ମାଟି ଘୋଡା ପାଖରେ ମଥାରଖି ଶୋଇ ଯାଉଥିବା
ବାସେଳୀ ଠାକୁରାଣୀଙ୍କର ହୋସ୍ ଆସେ କ୍ଷେତମୁହାଁ
କାଳିଆ କସରାଙ୍କର ବେକରେ ବନ୍ଧା
ଟୁଂ ଟାଂ ଘଣ୍ଟି ଧ୍ୱନି ଶୁଣି / ଖତ ଗଦାରେ ଗଡୁଥିବା
ଗୋବର ପୋକକୁ ଜଗି ବସିଥାଏ ଡାମରା କୁଆଟେ
ଆମ୍ବ ଡାଳରୁ ଶୁଭୁଥାଏ କୋଇଲିର ବାରମ୍ବାର
ଚାଟଶାଳୀର ପଣିକିଆ ଡାକ ସେଇ ଗୋଟିଏ ସୁରରେ...

ମାଟିରେ ମିଶିଯାଇଥିବା ଭାଗବତ ଟୁଙ୍ଗି ଭଳି
ଭାଙ୍ଗି ଯାଇଥିବା ସ୍ୱପ୍ନ ମାନକୁ ଛାଡି ପାଣି ନୋଟା
ଦାନ୍ତ କାଠିଟେ ଧରି ଦାଣ୍ଡ ପିଣ୍ଡାରେ ବସିଥାନ୍ତି ଜେଜେ
ଡାଳମାଙ୍କୁଡିରୁ ପୁଣି ଡାଳାଭର୍ତ୍ତି ବିପିଏଲ୍ ଚାଉଳର
ଭାଗ୍ୟନେଇ ସାରାଦିନ ଚଇତି ଘୋଡାର ଚଉପଦୀରେ
ନାଚି ଚାଲିବାକୁ ପାଗ ଭିଡୁଥାଏ ମୋ ଗାଁ...

ପାହାଡ ଆଡକୁ ଲମ୍ବି ଯାଇଥିବା / ପାଦଚଲା ରାସ୍ତାକୁ ଅନେଇ
ଚାତକ ଭଳି ଚାହିଁଥାଏ ମା ବୁଢ଼ୀ / ଯୁଦ୍ଧ ଫେରନ୍ତା ପୁଅର ବାଟିନି ଧରି
ଗାଁ ଗୋହିରୀ ପାଖ କିଆବଣ ସେପାଖରୁ ଶୁଭୁଥାଏ
ଯୋଗୀର କେନ୍ଦରା ଗୀତ / ଧାନ ବିଲରୁ ଦୂର ଆକାଶକୁ ଉଡିଯାଉଥିବା
ବଗମାନଙ୍କ ପରି / ଗାଁ ଛାଡି ଦାଦନ୍ ଖଟିବାକୁ
ସହର ମୁହାଁ ଚାଲିଥାନ୍ତି କିଛି ମାଟିର ମଣିଷ...।



ବରି, ବାଲେଶ୍ୱର

---



## ପିଲାଙ୍କ ଦୁନିଆ



ପ୍ରାର୍ଥନା ଦାଶ
ପଞ୍ଚମ ଶ୍ରେଣୀ
ବିଜେଇଏମ୍ ସ୍କୁଲ - ୨
ଭୁବନେଶ୍ୱର



## ଆକାଶ



ଅଭିଷେକ ନାୟକ
ଷ୍ଟାଣ୍ଡାର୍ଡ-୭
ବିଜେଇଏମ୍ ସ୍କୁଲ-୨
ଭୁବନେଶ୍ୱର

ଏହା ଏକ ଶୂନ୍ୟ ସ୍ଥାନ
ଯେଉଁଠି ଥାଏ ବାଦଲ
ଏଇଠି ବୁଲେ ଚଢ଼େଇ
ମନ ଖୋଲି ସେ ଉଡଇ।

ସୂରୁଜ ହୁଅନ୍ତି ଅସ୍ତ
ବାହାରି ଆସଇ ଜହ୍ନ
ଏଇଠି ସୃଷ୍ଟି କଳା ବାଦଲ
ପୁଣି ବର୍ଷା ଆସଇ ଖସି।

ଆକାଶର ମନ ହୁଅଇ ଖୁସି
ଯେବେ ତାରା ହୁଏ ଝିଲି ମିଲି
ଯେବେ ଅନ୍ଧାର ଆସେ
ତାରା ଚିକି ମିକି ଦେଖି
ଦୁନିଆ ଦିଅଇ ହସି।

---



## ଗାନ୍ଧୀ ମହାତ୍ମାଙ୍କ ସ୍ୱପ୍ନର ଦେଶ



**ଅମ୍ବିକା ସ୍ୱାଇଁ**

ଗାନ୍ଧୀ, ଗୋପବନ୍ଧୁ ନାହାନ୍ତି ଯେ ଆଜି
ବୁଝିବାକୁ ଜନଭାଷା
ସ୍ୱାଧୀନ ଦେଶର ନାଗରିକ ଆମେ
ନାହିଁ ଆମ ପରିଭାଷା।
ଦେଶ ଯେ ସ୍ୱାଧୀନ ଆମେ ପରାଧିନ
ନାହିଁ ଆମ ସ୍ୱାଧୀନତା
ଅନ୍ୟର ହାତରେ ବଳି ପଡୁଛନ୍ତି
କେତେ ନିରୀହ ଜନତା।
ଗାନ୍ଧୀ ମହାତ୍ମା ସ୍ୱପ୍ନ ଦେଖୁଥିଲେ
କୁଟି ଖାଅ କାଟି ପିନ୍ଧ
ସିଏ ସବୁ ଆଜି ଯାଇଅଛି ହଜି
ରହିଲା ତାଙ୍କର ଅଧୁରା ବନ୍ଧ।

ବିଦେଶୀ ଜିନିଷ କରି ଆପଣାର
ହୋଇଛେ ଆମେ ବିଦେଶୀ
ବିଦେଶୀ ଢାଞ୍ଚାରେ ଚଳୁଅଛେ ଆମେ
ଭୁଲି ଯାଇଛେ ଯେ ଦେଶୀ।
ଗାନ୍ଧୀ ମହାତ୍ମାଙ୍କ ସ୍ୱପ୍ନର ପ୍ରାଚୀର
ଭାଙ୍ଗି ଆଜି ଚୁର୍‌ମାର
କେହି ନୁହେଁ ଏଠି ସୁରକ୍ଷିତ ଆଜି
ହୁଅନ୍ତି ଶୋଷଣର ଶିକାର।
ବାଳୁତ ପିଲାଟି ପରଘରେ ଖଟି
କେତେ ମାଡ ଗାଳି ଖାଏ
ପେଟ ଚାଖଣ୍ଡକ ପାଇଁ ଦିନରାତି
ଆଖିର ଲୁହ ସେ ପିଏ।

ନିଜ ସ୍ୱାଧୀନରେ ବଞ୍ଚିବାକୁ ତାକୁ
ନଥାଏ ତା'ପାଶେ ତର
ବହି ବସ୍ତାନୀ ଓ ଖେଳକୁଦ ଛାଡି
ମୁଣ୍ଡ ବିକେ ପର ଘର।
ସ୍ୱପ୍ନ ଦେଖୁଥିଲେ ସେ ଗାନ୍ଧି ମହାତ୍ମା
ମନରେ ନ ଥିବ ଶଙ୍କା
ରାତ୍ର ଅର୍ଦ୍ଧରେ ନାରୀଟିଏ ଯେବେ
ଚାଲିବ ରାସ୍ତାରେ ଏକା।
ଦିନ ଦ୍ୱିପ୍ରହରରେ ବଳାତ୍କାର ହୁଏ
ନାରୀ ପାଏ ନିର୍ଯାତନା
ନାରୀଟିଏ ଆଜି ଭୟରେ ଆତୁରା
ଚାଲିବାକୁ ଏକା ମନା।
ନାହାନ୍ତି ଆଜି ଯେ ଗାନ୍ଧି ମହାତ୍ମା
ସ୍ୱପ୍ନ ତାଙ୍କ କେଣେ ଗଲା
ହିଂସା ତରବାରୀ ଧରିଛି ମଣିଷ
ମାନବିକତାର ମୃତ୍ୟୁ ହେଲା।
ସ୍ୱାଧୀନ ଦେଶର ନାଗରିକ ଆମେ
ନାହିଁ ନିଜ ସ୍ୱାଧୀନତା
ସ୍ୱାଧୀନ ଚେତନା ଜାଗରିତ କର
ହେ ଆମ ଭାରତ ମାତା।

ଭୁବନେଶ୍ୱର
ମୋ : ୯୭୭୭୫୯୯୬୫

---

# ନିଜେ ନିଜ ଭିତରେ

**ରାଜେଶ ପୂଜାରୀ**





ସ୍ୱଭାବରେ ମାତାଲ୍ ନହୋଇ
ସତେ ଯେମିତି ଲାଗେ
କି' ଅଜବ ନିଶା
ଏ ଅନ୍ଧାରୀ ଦ୍ୱୀପରେ
ନିରବ ନିଶବ୍ଦ ଶୂନ୍‌ଶାନ୍‌ରେ
ନିଜେ ନିଜ ଭିତରେ!
ଆତ୍ମିୟତାର ଚାଦର ଘୋଡି ସାରି
କସ୍ତୁରୀ ମୃଗ ପରି
ଭୋଳ ବୃଥା ଖୋଜା ଖୋଜିରେ
ନିଜେ ନିଜ ଭିତରେ!

ମୁଁ ଏବେବି ଭାବିହୁଏ
ଯା' ପାଇଁ ଝୁମୁରା ସ୍ୱପ୍ନ କଢ଼ ଗୁଡାକ
ଫୁଲ ହୋଇ ଡଗ ଡଗ ଫୁଟନ୍ତି
ଗେଲ ହୁଅନ୍ତି, ଚଗଲାମି କରନ୍ତି
ସତରେ ସେ ସ୍ୱର
କେଜାଣି କେତେ ମାଦକର
ଯିଏ ସଭିଙ୍କୁ ନିଜ ଯାଦୁରେ ହଜେଇଦିଏ
ନିଜେ ନିଜ ଭିତରେ!

ଲୋକେ କହନ୍ତି ସେ ତା'ର କଅଁଳ
ଥପ୍‌କିରେ ସମସ୍ତଙ୍କୁ ଶୁଆଇଦିଏ
ମଖମଲି ରୁଆ ଶେଯରେ କଦମ୍ବ ମୂଳରେ
ହେଲେ କେହି ଜାଣନ୍ତିନି
ସେ ଶୋଇଯାଏ ନିତି ନିତି
ସ୍ମୃତିର ମଦିରା ନିଶାରେ ବିଭୋରି
ବଂଶୀ ବାଜି ବାଜି ପାଉଁଜି ଛିଡିବା ଯାଏ
ନିଜେ ନିଜ ଭିତରେ।

କୁଶମେଲ, ଝାରସୁଗୁଡା

---

# ଭୁଲ୍ ପାଠ

**ଇଂ ନିହାର ରଞ୍ଜନ ପ୍ରିୟଦର୍ଶୀ ତ୍ରିପାଠୀ**

ରବିବାର ସକାଳେ ମୁଁ ବୁଲି ଯାଇଥାଏ ଭଉଣୀ ଘରକୁ। ଚାକିରୀ ଜୀବନର କାର୍ଯ୍ୟ ବ୍ୟସ୍ତତା ଭିତରେ ଆତ୍ମୀୟ ସ୍ୱଜନଙ୍କ ପାଇଁ ସମୟ ବାହାର କରିବା କାଠିକର ପାଠ। ତଥାପି ଯେତେବେଳେ ଟିକେ ସମୟ ହୁଏ, ବୁଲିବାକୁ ଯାଏ। ଶାଢ଼ୀ ଆଉ ମିଠା ପାକେଟ୍ ନେଇ ଭେଟହେଲି ଭଉଣୀ, ଭିଣୋଇଙ୍କୁ। କିଛି ସମୟ କଥା ହେଲା ପରେ ଆଣିଥିବା ଚକୋଲେଟ୍ ପାକେଟ୍‌ଟା ନେଇ ମୁଁ ଗଲି ପାଖ କୋଠରୀରେ ବସିଥିବା ମୋ ଭଣଜା ପାଖକୁ।

ଭଣଜା ମୋର ତୃତୀୟ ଶ୍ରେଣୀରେ ପଢ଼ନ୍ତି। ଖୁବ୍ ଭଲପିଲା। ପାଠ ପଢ଼ାରେ ଖୁବ୍ ଆଗ୍ରହ ତାଙ୍କର। ଭଣଜାଙ୍କ ପାଖରେ ପହଂଚି ଯେଉଁ ଦୃଶ୍ୟ ଦେଖିଲି, ଆଶ୍ଚର୍ଯ୍ୟ ଚକିତ ହେଲି ମୁଁ। ଭଣଜା ବସିଛନ୍ତି ବହିଟିଏ ନେଇ। କଇଂଚିରେ ଚରଚର କରି କାଟି ଚାଲିଛନ୍ତି ବହିରେ ଥିବା ଚିତ୍ର ଗୁଡ଼ିକୁ। ତଳେ ଭୂଇଁରେ ଗଡୁଛି ବାପୁଜୀଙ୍କ କଟା ଫଟୋଚିତ୍ର।

"ଆରେ ରେ ଏ କଣ କରୁଛ? ବହି ପରା ହେଲେ ମାଆ ସରସ୍ୱତୀ, ବିଦ୍ୟାଦାତ୍ରୀ? ବହିକୁ କାଟିବା କଣ ମାଆଙ୍କ ଅପମାନ ନୁହଁ? ପୁଣି ଆମ ଜାତିର ପିତା ମହାତ୍ମା ଗାନ୍ଧୀ, ଯିଏ କି ଆମ ଦେଶକୁ ଇଂରେଜ୍ ଶାସନରୁ ସ୍ୱାଧୀନ କରିବାକୁ ନିଜ ଜୀବନର ବଳିଦାନ ଦେଇଥିଲେ, ତାଙ୍କ ଫଟୋଚିତ୍ରକୁ କାଟି ତୁମେ ଫୋପାଡ଼ି ଦେଉଛ!!" ବିସ୍ମୟାଭିଭୁତ ହୋଇ ପଚାରିଲି ମୁଁ।

"ସରି ମାମୁଁ, କିନ୍ତୁ ଆଜିକାଲି ସରସ୍ୱତୀ ମାତାଙ୍କୁ ବି ଆଉ ପାଠଶାଠ ଆସୁନି। ଆମକୁ ଭୁଲ୍ ପାଠ ଶିଖାଉଛନ୍ତି ସେ। ଦେଖୁ ନାହାଁନ୍ତି ଏ ଚରଖା ସାମ୍ନାରେ କାହାର ଫଟୋ ଅଛି?" ପ୍ରଶ୍ନ କଲେ ଭଣଜା।

"ଏ ପରା ହେଲେ ବାପୁଜୀ, ଜାଣି ନ କି ତୁମେ?" କହିଲି ମୁଁ।

"ନା, ଜାଣିଛି ଯେ" କହିଲେ ଭଣଜା।

"ଆଜି ସକାଳେ ବାପା ପଢୁଥିବା ଖବର କାଗଜରେ ଦେଖିଲି ଚରଖା ସାମ୍ନାରେ ବାପୁଜୀ ବସି ନାହାଁନ୍ତି। ଏମିତି ଭୁଲ୍ ପାଠ କଣ ପଢ଼େଇବା କଥା ମାମୁଁ? ଆପଣ ତ ମୋତେ ଶିଖେଇ ଥିଲେ, ଯଦି କେଉଁଠି ଭୁଲ୍ ଦେଖିବା ତେବେ ଆମେ ତାକୁ ଠିକ୍ କରିବା କଥା। ସେଥିପାଇଁ ମୁଁ ଚରଖା ଆଗରେ ବସିଥିବା ଗାନ୍ଧୀଙ୍କ ଫଟୋ କୁ କାଢ଼ି ଦେଉଛି। ଖବର କାଗଜରୁ ସଠିକ ଫଟୋ କାଟି ଆଣି ଏଇଠି ଲଗେଇ ଦେବି।" ଭଣଜାଙ୍କର ଏଇ ଉତ୍‌ତର ଶୁଣି ସମସ୍ତ ଘଟଣା ବୁଝି ଯାଇଥିଲି ମୁଁ। କିନ୍ତୁ କଣ ବା କହି ଏ ନିରୀହ ଛୁଆକୁ ବୁଝେଇବି? ମୋ ପାଖରେ ଜବାବ ନଥିଲା କିଛି।

ପ୍ଲଟ୍ - ୩୫୪, ସହୀଦ ନଗର
ଭୁବନେଶ୍ୱର - ୭୫୧୦୦୭
ମୋ :୯୪୩୯୦୪୭୬୭




# କଂଗ୍ରେସର ୧୩ ଜୋନ୍ ସଭାପତି ନିଯୁକ୍ତ

**ସୋନପୁର :** ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ କାର୍ଯ୍ୟକାରୀ ସଭାପତି ନବକିଶୋର ଦାସ (ପଶ୍ଚିମାଞ୍ଚଳ) ସୁବର୍ଣ୍ଣପୁର ଜିଲାର ସମସ୍ତ ବ୍ଲକ କଂଗ୍ରେସ କମିଟି ଅନ୍ତର୍ଗତ ଜିଲା ପରିଷଦ ଜୋନ ଗୁଡିକର ସଭାପତି ନିମନ୍ତେ ଦେଇଥିବା ପ୍ରସ୍ତାବକୁ ଅଖିଳ ଭାରତୀୟ କଂଗ୍ରେସ କମିଟିର ଓଡିଶା ପ୍ରଭାରୀ ଜିତେନ୍ଦ୍ର ସିଂହ ଅନୁମୋଦନ କରିଛନ୍ତି। ଏହି କ୍ରମରେ ସୋନପୁର-୧ ପାଇଁ ଲକ୍ଷ୍ମଣ ସୁନା ଓ ୨ ପାଇଁ ରାଜେନ୍ଦ୍ର ପ୍ରସାଦ ମେହେରଙ୍କୁ ଜିଲା ପରିଷଦ ଜୋନସ୍ତରୀୟ ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ସେହି ରି ଡୁଙ୍ଗୁରି ।ଲି-୧ରେ ପବିତ୍ର ତ୍ରି ।ଠୀ, ୨ରେ ବୀରେନ୍ଦ୍ର ଜୁଆଡି ଓ ୩ରେ ବାସୁଦେବ ସାହୁ, ତରଭା-୧ରେ ରଘୁ ରଣା ଓ ୨ରେ ଦଧିବାମନ ଦାସ, ବୀରମହାରାଜପୁର-୧ରେ ଧର୍ମେନ୍ଦ୍ର ମେହେର ଓ ୨ରେ ରାଧେଶ୍ୟାମ ମିଶ୍ର, ଉଲୁଣ୍ଡା-୧ରେ ନରସିଂହ ସାହୁ ଓ ୨ରେ ଦୟାନିଧି ସାହୁ, ବିନିକା-୧ରେ ଲଳିତ ସାହୁ ଓ ୨ ରେ ରାଧାମୋହନ ଭୋଇଙ୍କୁ ନିଯୁକ୍ତି ଦିଆଯାଇଛି । ତେବେ ଜିଲା ପରିଷଦ ଜୋନ ସ୍ତରୀୟ ସଭାପତି ନିଯୁକ୍ତି ପରେ ତୃଣମୁଳ ସ୍ତରରେ କଂଗ୍ରେସର ସଙ୍ଗଠନ ଆହୁରି ମଜବୁତ ହେବ ବୋଲି ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ସୁବ୍ରତ କୁମାର ସେଠୀ (ବିଶ୍ଵ) ସୂଚନା ଦେଇଛନ୍ତି।

# ରାସ୍ତା ନାହିଁ; ପୋଖରୀ ହୁଡା କାଦୁଅ ଭରସାରେ ଛାତ୍ରଛାତ୍ରୀ

**ମାର୍ଶାଘାଇ :** ସରକାର ବିଦ୍ୟାଳୟର ଉନ୍ନତି, ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ତଥା ବିଦ୍ୟାଳୟକୁ ସଂଯୋଗ ରାସ୍ତାର ଉନ୍ନତି ପାଇଁ ବିଭିନ୍ନ ଯୋଜନା କରିଛନ୍ତି। ପଞ୍ଚାୟତ ଠାରୁ ଆରମ୍ଭ କରି ବ୍ଲକ ,ଡିଆରଡିଏ,ଗ୍ରାମ୍ୟ ଉନ୍ନୟନ ବିଭାଗ ମାଧ୍ୟମରେ ଏହି ସବୁ ଉନ୍ନୟନ ମୁଳକ କାର୍ଯ୍ୟ କରାଯାଉଥିଲେ ମଧ୍ୟ ବିଦ୍ୟାଳୟକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ଅବସ୍ଥା ଦେଖିଲେ ନିଶ୍ଚୟ ଆଶ୍ଚର୍ଯ୍ୟ ଲାଗିବ। ମହାକାଳପଡା ବ୍ଲକ ଜୟଚନ୍ଦ୍ରପୁର ପଞ୍ଚାୟତ ସାନ ଗାଁ ଗ୍ରାମର ବଜ୍ରମହାକାଳୀ ଉପ୍ରା ବିଦ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତାର ଅବସ୍ଥା ଏହିପରି। ୧୯୬୨ ମସିହାରେ ପ୍ରତିଷ୍ଠା ହୋଇଥିବା ଏହି



ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ୨୦୦ରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟ ନିକଟରେ ଥିବା ପୋଖରୀ ହୁଡାରେ ଦୀର୍ଘ ବର୍ଷ ଧରି ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ଯାଉଛନ୍ତି। ରାସ୍ତାର ଉନ୍ନତି କରଣ କରାଯାଉ ନ ଥିବାରୁ କାଦୁଅ ରାସ୍ତାରେ ଛାତ୍ରଛାତ୍ରୀମାନେ ଯିବାକୁ ବାଧ୍ୟ ହେଉଛନ୍ତି।ଏ ନେଇ ଉପରିସ୍ଥ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ବି କିଛି ସୁଫଳ ମିଳୁ ନାହିଁ। ଏପରିକି ସ୍ଥାନୀୟ ସରପଞ୍ଚଙ୍କୁ ଗ୍ରାମବାସୀ ଏବଂ ଛାତ୍ରଛାତ୍ରୀମାନେ ଅଭିଯୋଗ କରି ରାସ୍ତାର ଉନ୍ନତି ପାଇଁ ଅନୁରୋଧ କରିଛନ୍ତି। ହେଲେ କୌଣସି ବିଭାଗ ଏଥି ପ୍ରତି ନଜର ଦେଇ ନାହାନ୍ତି କି ରାସ୍ତାର ଉନ୍ନତି ହୋଇପାରି ନାହିଁ। ପ୍ରଶାସନ ବିଦ୍ୟାଳୟ ରାସ୍ତାର ଅବସ୍ଥା ପ୍ରତି ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ, ଅଭିଭାବକ ଏବଂ ଛାତ୍ରଛାତ୍ରୀ ଦାବି କରିଛନ୍ତି।

# ଦାୟିତ୍ୱ ନେଲେ ନୂଆ ଜିଲ୍ଲାପାଳ



**ସୋନପୁର :** ଅପରାହ୍ନରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଭାବେ ମଧୁ ସୁଧନ ମିଶ୍ର ଯୋଗଦାନ କରିଛନ୍ତି। ଏଠାରେ ଥିବା ପୂର୍ବତନ ଜିଲ୍ଲାପାଳ ଦାଶରଥି ଶତପଥୀଙ୍କ ଜିଲ୍ଲା ଅଫିସରୁ କେନ୍ଦ୍ରାପଡାକୁ ବଦଳି ପରେ ଶ୍ରୀଯୁକ୍ତ ମିଶ୍ର ଦାୟିତ୍ୱ ନେଇଛନ୍ତି। ଜିଲ୍ଲା ପ୍ରଶାସନ ଉପରେ ଜନ ସାଧାରଣଙ୍କ ଆସ୍ଥା ବଢାଇ ରଖିବା ତାଙ୍କର ପ୍ରଥମ ଦାୟିତ୍ୱ ବୋଲି କହିଛନ୍ତି। ପୂର୍ବରୁ ସେ ବୌଦ୍ଧ ଜିଲ୍ଲାପାଳ ଭାବେ କାର୍ଯ୍ୟ କରୁଥିଲେ। ସେ ଯୋଗଦାନ କରିବା ପରେ ଜିଲ୍ଲା ପ୍ରଶାସନ ତରଫରୁ ସ୍ୱାଗତ କରାଯାଇଥିଲା।

# ସେପ୍ଟେମ୍ବର ୪ରେ ମୌସୁମୀ ଅଧିବେଶନ

**ଭୁବନେଶ୍ୱର :** ଅଗଷ୍ଟ ୧୮ ପରିବର୍ତ୍ତେ ସେପ୍ଟେମ୍ବର ୪ ତାରିଖରୁ ଆରମ୍ଭ ହେବ ରାଜ୍ୟ ବିଧାନସଭାର ମୌସୁମୀ ଅଧିବେଶନ। ଏ ସଂପର୍କରେ ରାଜ୍ୟ ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ ଗେଜେଟ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ଏଥିପାଇଁ ଅନୁମୋଦନ ଦେଇଛନ୍ତି। ବିଜ୍ଞପ୍ତି ଅନୁସାରେ ଏହି ଅଧିବେଶନ ସେପ୍ଟେମ୍ବର ୨୦ ତାରିଖ ଯାଏଁ ଚାଲିବ। ଏହି ଅଧିବେଶନରେ ୧୧ଟି କାର୍ଯ୍ୟଦିବସ ରହିଛି। ପ୍ରଥମ ଦିନ ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ସପ୍ଲିମେଣ୍ଟାରି ବଜେଟ ଉପସ୍ଥାପିତ ହେବ। ସେପ୍ଟେମ୍ବର ୭ ଓ ୨୦ ତାରିଖ ଘରୋଇ କାର୍ଯ୍ୟଦିବସ ରହିଛି। ସେପ୍ଟେମ୍ବର ୮, ୯, ୧୪, ୧୫, ଓ ୧୬ ତାରିଖରେ ଅଧିବେଶନ ବସିବ ନାହିଁ। ସେପ୍ଟେମ୍ବର ୧୭ ତାରିଖରେ ଅତିରିକ୍ତ ବ୍ୟୟମଞ୍ଜୁରି ବିଲ୍ ଗୃହୀତ ହେବ। ପୂର୍ବରୁ ଅଗଷ୍ଟ ୧୮ ତାରିଖରେ ବିଧାନସଭାର ମୌସୁମୀ ଅଧିବେଶନ ହେବ ବୋଲି ସରକାରୀ ସ୍ତରରେ ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ପରେ ସେଥିରେ ସଂଶୋଧନ କରାଯାଇ ବିଜ୍ଞପ୍ତି ପ୍ରକାଶ ପାଇଛି।

# ଡାକ୍ତରଙ୍କ ଘରୁ ଚୋରି : ପୋଲିସ ହାତ ଖାଲି

**ମାର୍ଶାଘାଇ :** ମାର୍ଶାଘାଇ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଡ଼ାକ୍ତର ଅକ୍ଷୟ ଦାସ ରାତ୍ର ଡ଼ିଉଟିରେ ଥିବା ବେଳେ ତାଙ୍କ ସରକାରୀ ବାସଭବନର ସୋମବାର ବିଳମ୍ବିତ ରାତିରେ ତାଲା ଭାଙ୍ଗି ଦୁର୍ବୃତ ମାନେ ଚୋରି କରିଥିବା ଜଣାପଡ଼ିଛି । ଏନେଇ ମାର୍ଶାଘାଇ ଥାନାରେ ଅଭିଯୋଗ ହେବା ପରେ ଏଏସ୍ଆଇ ଦରିଦ୍ର ଭଞ୍ଜନ ଦାସ ତଦନ୍ତ ଜାରି ରଖିଛନ୍ତି । ଅଭିଯୋଗ ମୂତାବକ ଡ଼ାକ୍ତର ଦାସଙ୍କର ମନିପର୍ସ ସହ ୭ ହଜାର ଟଙ୍କା ,ଅନ୍ୟାନ ଦରକାରୀ କାଗଜପତ୍ର ଚୋରାଇ ନେଇଥିଲେ । ସୂଚନା ଥାଉକି ମାର୍ଶାଘାଇ ଗୋଷ୍ଠିସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ନର୍ସ ଓ ତାଙ୍କ ପରିବାର ଅନୁପସ୍ଥିତ ଥିବା ବେଳେ ୧୭-୦୨-୨୦୧୮ ତାରିଖରେ ଦୁର୍ବୃତ ମାନେ ସମାନ ଢଙ୍ଗରେ ଚୋରି କରି ପ୍ରାୟ ଲକ୍ଷାଧିକ ଟଙ୍କା ଚୋରୀ ହୋଇଥିବା ଅଭିଯୋଗ ହୋଇଥିଲା। ତେବେ ମାର୍ଶାଘାଇ ଗୋଷ୍ଠିସ୍ୱାସ୍ଥ୍ୟ କେନ୍ଦ୍ରରେ ସମାନ ଢଙ୍ଗରେ ବାରମ୍ବାର ଚୋରି ହେଉଥିଲେ ମଧ୍ୟ ଡ଼ାକ୍ତରଖାନାରେ ପୋଲିସ ଡ଼ିଉଟରେ ଥାଇ ମଧ୍ୟ ଚୋରି କିଭଳି ହେଉଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଯାବତ୍ ୨ଟି ଚୋରି ମାମଲାରେ ମାର୍ଶାଘାଇ ପୋଲିସ ହାତ ଖାଲି।

# ବିପଦପୂର୍ଣ୍ଣ ଅବସ୍ଥାରେ ବିଦ୍ୟୁତ୍ ତାର

**ମାର୍ଶାଘାଇ :** ମାର୍ଶାଘାଇ ଥାନା ତଥା ମହାକାଳପଡା ବ୍ଲକ ଅନ୍ତର୍ଗତ ନଳଦିଆ ଶାସନ ଗ୍ରାମର ଢିଅ ସାହି ପଡାରେ ହାତ ପାହାନ୍ତାରେ ବିପଦ ସଂକୁଳ ଅବସ୍ଥାରେ ବିଜୁଳି ତାର ଝୁଲି ରହିଛି। କେଉଁଠି ବାଉଁଶ ଗଛର ବୁଦା ଭିତରେ ତ କେଉଁଠି ବାଉଁଶ ଆଶ୍ରାରେ ରହିଛି ବିଜୁଳି ତାର। ଲୋକମାନଙ୍କର କାରବାର ହେଉଥିବା ପୋଖରୀର ଜଳକୁ ସ୍ପର୍ଶ କଲାଭଳି ଝୁଲି ରହିଥିବା ବେଳେ ଛୋଟ ଛୋଟ ଭଙ୍ଗା ଖୁଣ୍ଟରେ ତାର ଟଙ୍ଗା ଯାଇ ଗ୍ରାମକୁ ବିଜୁଳି ଦିଆଯାଇଛି।ଦୀର୍ଘ ବର୍ଷ ଧରି ଏହି ତାର ଗୁଡିକ ଝୁଲି ରହିବା ସହିତ ଅନେକ ସ୍ଥାନରେ ଛିଣ୍ଡା ତାର ଯୋଡେଇ କରାଯାଇଛି। ପୁରୁଣା ଭଙ୍ଗା ଖୁଣ୍ଟ ଓ ଛୋଟ ଅଳ୍ପ ଉଚ୍ଚତା ବିଶିଷ୍ଟ ଖୁଣ୍ଟରେ ଲାଇନ ସଂଯୋଗ କରାଯାଇ ଥିବାରୁ ଲାଇନ ତାର ଲୋକମାନଙ୍କ ହାତକୁ ପାଇ ଯାଉଛି। ଏହି ପଡାକୁ ବିଦ୍ୟାତ ସଂଯୋଗ ହେବା ଦିନ ଠାରୁ ଏହି ସମସ୍ୟା ଲାଗି ରହିଛି। ପଡା ବାସୀ ଅଭି ଯୋଗ କରିଥିଲେ ମଧ୍ୟ କେହି ଶୁଣି ନ ଥିଲେ। ଦାୟିତ୍ୱରେ ଥିବା ଏନଜେଏନ କମ୍ପାନୀର କର୍ମଚାରୀଙ୍କ ବାରମ୍ବାର ଜଣା ଯାଇଥିଲେ ବି କୌଣସି ସୁଫଳ ମିଳୁ ନାହିଁ।କେବଳ ସେତିକି ନୁହେଁ ଥରେ ବିଜୁଳି କଟିଲେ ଦୀର୍ଘ ସମୟ ଧରି ଅନ୍ଧାରରେ ଲୋକମାନେ ରହୁଛନ୍ତି। ଏ ନେଇ ଅଭିଯୋଗ କରି ଲୋକମାନେ ବିଭାଗର ମାର୍ଶାଘାଇ ବିଦ୍ୟୁତ୍ କାର୍ଯ୍ୟାଳୟ,ବଡପାଳ ଏନଜେଏନ କାର୍ଯ୍ୟାଳୟ,ଲୁଣା କାର୍ଯ୍ୟାଳୟକୁ ଦୌଡି ଦୌଡି ନୟାନ୍ତ ହେଲେଣି। ଏକ ମାସ ତଳେ ସ୍ଥାନୀୟ ସରପଞ୍ଚ ବିଭାଗୀୟ ଯନ୍ତ୍ରୀଙ୍କୁ ଜଣାଇବା ପରେ ଏକମାସ ମଧ୍ୟରେ ସମାଧାନ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ । ମାତ୍ର ଏ ପର୍ଯ୍ୟନ୍ତ କିଛି କାର୍ଯ୍ୟ କରାଯାଇ ନାହିଁ। ଫଳରେ ହାତ ପାହାନ୍ତାରେ ବିଜୁଳି ତାର ଥିବାରୁ କିଛି ଅଘଟଣ ଘଟି ଯିବାର ତ ସମ୍ଭାବନା ରହିଛି। ତୁରନ୍ତ ଏଥି ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା

**ଖୋରଧା :** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ଚିକିତ୍ସାଳୟ ଉପରେ ଭରସା କରୁଥିବା ସାଧାରଣ ରୋଗୀ ଉପଯୁକ୍ତ ଚିକିତ୍ସା ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଆବଶ୍ୟକ ଅନୁଯାୟୀ ଡ଼ାକ୍ତରଙ୍କ ସଂଖ୍ୟା ଅଭାବ ଯୋଗୁଁ ରୋଗୀମାନେ ଚିକିତ୍ସା ସେବା ଠିକ୍ ଭାବରେ ପାଇ ପାରୁ ନଥିବା ଜଣାପଡ଼ିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଖାଲି ପଡ଼ିଥିବା ସମସ୍ତ ଡ଼ାକ୍ତର ପଦବୀ ପୁରଣ କରିବା ନିମନ୍ତେ ସଚେତନ ନାଗରିକ, ବୁଦ୍ଧିଜୀବି, ସରକାରୀ ଅଧିକାରୀ, ସ୍ଥାନୀୟ ନେତା, ଗୁରୁତ ଦେଉ ନାହାଁନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ସେବୀକାମାନଙ୍କର ଦୁର୍ବବ୍ୟବହାର ଅବହେଳା ଓ ଲାଞ୍ଚଖୋର ମନୋବୃତ୍ତି ଯୋଗୁଁ ରୋଗୀମାନେ ନାନା ସମସ୍ୟା ଭୋଗ କରୁଥିବା ନେଇ ବହୁ ଦିନରୁ ଅଭିଯୋଗ ହେଉଥିଲେ ମଧ ବିଭିଗୀୟ ଉଚ୍ଚ ପଦସ୍ଥ ଅଧିକାରୀମାନେ ଏଥିପ୍ରତି କର୍ଣ୍ଣପାତ କରୁ ନଥିବା ଜଣାପଡ଼ିଛି। ଗରିବ ତଥା ନୀରିହ ଶ୍ରେଣୀର ରୋଗୀମାନଙ୍କ ଠାରୁ ହାତ ଗୁଞ୍ଜା ନେଉଥିବା ମଧ ଅଭିଯୋଗ ହେଉଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପରିମଳ ଅବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ଚିକିତ୍ସାଳୟର ଚାରିପଟେ ଅଳିଆ ଆବର୍ଜନା ପୂର୍ଣ୍ଣ ହୋଇ ରହିଥିବା ବେଳେ ଚିକିତ୍ସାଳୟ ପରିସରକୁ ଦୁର୍ଗନ୍ଧ ପାଣି ବାହାରି ପରିବେଶକୁ ଦୁଷିତ କରି ଦେଇଛି। ଫଳରେ ରୋଗୀ ସହ ରୋଗୀଙ୍କ ସମ୍ପର୍କୀୟମାନେ ବିଭିନ୍ନ ସମସ୍ୟା ଭୋଗ କରୁଥିବା ଅଭିଯୋଗମାନ ହେଉଛି। ଏହି ଚିକିତ୍ସାଳୟରେ କାର୍ଯ୍ୟରତ ଡ଼ାକ୍ତରମାନେ ଦିନର ଅଧିକାଂଶ ସମୟ ଘରୋଇ କ୍ଲିନିକ୍ ଗୁଡ଼ିକରେ ରୋଗୀମାନଙ୍କୁ ଚିକିତ୍ସା କରୁଥିବା ଦେଖିବାକୁ ମିଳୁଛି। ଫଳରେ ଡ଼ାକ୍ତରଖାନାରେ ଚିକିତ୍ସିତ ହେବାକୁ ଆସିଥିବା ରୋଗୀମାନେ ଘରୋଇ ନର୍ସି ହୋମ ଏବଂ କ୍ଲିନିକ୍‌ଗୁଡ଼ିକରେ ଚିକିତ୍ସିତ ହୋଇ ଡ଼ାକ୍ତରଙ୍କରୁ ଫିସ୍ ଦେବା ସହ ଔଷଧ ସବୁ ଦୋକାନଗୁଡ଼ିକରୁ କିଣିବା ପାଇଁ ବାଧ ହେଉଛନ୍ତି। ଫଳରେ ଚିକିତ୍ସାଳୟକୁ ସରକାରଙ୍କ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କାର ସରକାରୀ ଔଷଧ, ଇଂଜେକ୍‌ସନ୍ ଓ ଅନ୍ୟାନ୍ୟ ଯନ୍ତ୍ରପାତି ଯୋଗାଇ ଦିଆଯାଇଥିବା ବେଳେ ସେସବୁ ରୋଗୀଙ୍କ ସେବାରେ ଆସି ପାରୁ ନଥିବା ଅଭିଯୋଗ ହେଉଛି। ଡ଼ାକ୍ତରମାନେ ପ୍ରାୟ ସରକାରୀ ମାଗଣା ଔଷଧକୁ ପ୍ରେସକ୍ରିପ୍‌ସନରେ ଲେଖୁନଥିବାରୁ ବିଭିନ୍ନ ବେସରକାରୀ କମ୍ପାନୀର ଔଷଧ ଓ ଇଂଜେକ୍‌ସନ୍ ଲେଖୁଥିବା ଜଣାପଡ଼ିଛି। ଚିକିତ୍ସାଳୟ ପରିସର ମଧ୍ୟରେ ବିଭିନ୍ନ ପାଥୋଲୋଜି ଓ କ୍ଲିନିକ୍‌ର ଦଲାଲମାନେ ରହିଥିବା ବେଳେ ସାଧାରଣ ରୋଗୀ ଚିକିତ୍ସିତ ହେଲେ ସେମାନେ ସେଠାରୁ ହାତ ଧରି ରୋଗୀଙ୍କୁ ନିଜ ପାଥୋଲୋଜିରେ ଆଣି ବିଭିନ୍ନ ପରୀକ୍ଷା କରି ଅଧିକ ଅର୍ଥ ନେଉଛନ୍ତି। ଏ ସବୁକୁ ଅନୁଧ୍ୟାନ କଲେ ଖୋରଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ଭାବରେ ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଏହି ସବୁ ସମସ୍ୟା ଗୁଡ଼ିକ ପ୍ରତି ଦୃଷ୍ଟି ଦେଇ ଏହାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ହରିବଂଶ ...

ଏହି ଦୁଇ ପ୍ରାର୍ଥୀଙ୍କ ପାଇଁ ଭୋଟ ମୌଖିକ ଭୋଟ ଗ୍ରହଣ କରାଯାଇଥିଲା। ଭୋଟ ଫଳାଫଳ ବୋର୍ଡରେ ପ୍ରଥମେ ହରିବଂଶଙ୍କ ସପକ୍ଷରେ ୧୨୨ ଓ ବିରୋଧରେ ୯୮ ଭୋଟ ପଡ଼ିଥିବା ଦେଖାଯାଇଥିଲା। ସେହିପରି ୨ ଜଣ ସଦସ୍ୟ ଭୋଟ ଦାନରୁ ବିରତ ରହିଥିବା ଦର୍ଶାଯାଇଥିଲା। କିନ୍ତୁ ତ୍ରୁଟି ସଂଶୋଧନ ପରେ ଜଣାପଡ଼ିଥିଲା ଯେ ହରିବଂଶଙ୍କ ସପକ୍ଷରେ ୧୨୫ ସଦସ୍ୟ ଭୋଟ ଦେଇଥିଲାବେଳେ ହରିପ୍ରସାଦଙ୍କ ସପକ୍ଷରେ ୧୦୫ ସଦସ୍ୟ ଭୋଟ ଦେଇଥିଲେ। ଫଳରେ ଅଧ୍ୟକ୍ଷ ଭେଙ୍କେୟା ନାଇଡୁ ହରିବଂଶଙ୍କୁ ବିଜୟୀ ଘୋଷିତ କରିଥିଲେ। କଂଗ୍ରେସର ପିଜେ କୁରିଏନଙ୍କ ଅବସର ପରେ ଜୁଲାଇ ପହିଲାରୁ ଏହି ପଦ ଖାଲି ପଡ଼ିଥିଲା। ନିର୍ବାଚନ ଫଳ ଘୋଷଣା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ବିଜେପି ନେତା ଅରୁଣ ଜେଟଲି, କଂଗ୍ରେସ ନେତା ଗୁଲାମ ନବୀ ଆଜାଦ, ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟ ପ୍ରମୁଖ ନୂଆ ଉପାଧ୍ୟକ୍ଷଙ୍କ ପାଇଁ ସ୍ୱାଗତ ସମ୍ଭାଷଣ ଦେଇଥିଲେ। ଜଣେ ପୂର୍ବତନ ସାମ୍ବାଦିକ ହରିବଂଶ ଏହି ପଦ ପାଇଥିବାରୁ ପ୍ରଧାନମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିବାବେଳେ ବିଜେଡିର ପ୍ରସନ୍ନ ଆଚାର୍ଯ୍ୟ ନୂଆ ଉପାଧ୍ୟକ୍ଷ ଛୋଟଛୋଟ ଦଳଗୁଡ଼ିକୁ ଉପଯୁକ୍ତ ଗୁରୁତ୍ୱ ଦେବେ ବୋଲି ଆଶା ପ୍ରକାଶ କରିଥିଲେ।

ସେହିପରି ରାଜ୍ୟସଭା ଉପାଧ୍ୟକ୍ଷ ନିର୍ବାଚନରେ ଏନଡିଏ ପ୍ରାର୍ଥୀ ହରିବଂଶ ନାରାୟଣ ସିଂହଙ୍କ ବିଜେଡିର ସମର୍ଥନ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନଙ୍କୁ ଫୋନ୍ କରି ପ୍ରଧାନମନ୍ତ୍ରୀ ମୋଦି ଏନ୍‌ଡିଏ ପ୍ରାର୍ଥୀଙ୍କୁ ସମର୍ଥନ ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ। ନିର୍ବାଚନ ପୂର୍ବରୁ ମଧ ମୋଦି ଫୋନ୍ ଯୋଗେ ନବୀନଙ୍କ ସହିତ କଥା ହୋଇଥିଲେ। ଯାହାକି ନବୀନ 'ମେକ ଇନ୍ ଓଡ଼ିଶା' ପ୍ରମୋସନ୍ କରି ମୁମ୍ବାଇରୁ ଫେରିଲା ପରେ ମୋଦିଙ୍କ ସହ କଥା ହୋଇଥିବା ନେଇ ପ୍ରକାଶ କରିଥିଲେ। ନିର୍ବାଚନ ପୂର୍ବଦିନ ହିଁ ବିଜେଡି ଏନ୍‌ଡିଏକୁ ସମର୍ଥନ କରିବ ବୋଲି ଘୋଷଣା କରିଥିଲା। ରାଜ୍ୟସଭା ଉପାଧ୍ୟକ୍ଷ ନିର୍ବାଚନରେ ବିଜେଡିର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ରହିଥିଲା। ରାଜ୍ୟସଭା ଉପାଧ୍ୟକ୍ଷ ନିର୍ବାଚନରେ ଜେଡିୟୁ ଏନଡିଏ ସମର୍ଥିତ ପ୍ରାର୍ଥୀ ହରିବଂଶ ନାରାୟଣ ସିଂଙ୍କୁ ସମର୍ଥନ ଦେବା ପାଇଁ ପ୍ରଧାନମନ୍ତ୍ରୀ ମୋଦିଙ୍କ ସମେତ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଓ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ନବୀନଙ୍କୁ ଅନୁରୋଧ କରିଥିଲେ। ରାଜ୍ୟସଭା ଉପାଧ୍ୟକ୍ଷ ନିର୍ବାଚନରେ ବିଜେଡି ଗେମ୍ ଚେଞ୍ଜର୍ ଭୂମିକା ନିଭାଇଥିଲା। ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ମଧ ନବୀନଙ୍କୁ ଫୋନ୍ କରି କୃତଜ୍ଞତା ପ୍ରକାଶ କରିଛନ୍ତି। ବିଜୟୀ ହରିବଂଶ ନାରାୟଣ ସିଂହ ଜେଡିୟୁର ପ୍ରାର୍ଥୀ ଥିଲେ।

### ନବୀନଙ୍କ...

ନବୀନଙ୍କ ପରେ କ'ଣ ହେବ ? ତାଙ୍କ ବିନା ବିଜେଡି ତିଷ୍ଠି ପାରିବ ? ବିଜେପି କ'ଣ ଏହାର ଫାଇଦା ଉଠାଇବ ? ନିଜ ପରିବାର ମଧ୍ୟରୁ କେହି ଦଳର ଉତ୍ତରାଧିକାରୀ ଯଦି ହୁଅନ୍ତି ତେବେ ନବୀନଙ୍କ ପୁତୁରା ତଥା ପ୍ରେମ୍ ପଟ୍ଟନାୟକଙ୍କ ପୁଅ ଅରୁଣ ପଟ୍ଟନାୟକ ହେଇପାରନ୍ତି ବୋଲି ମତ ଦେଇଛନ୍ତି ଲେଖକ। କାରଣ ନବୀନ ହେଉଛନ୍ତି ପରିବାର ମଧ୍ୟରେ ସବା ସାନ। ଏବେ ତାଙ୍କ ବୟସ ୭୨ । ଭଉଣୀ ଭାଇ ଗୀତା ମେହେଟ୍ଟା ଓ ପ୍ରେମ୍ ପଟ୍ଟନାୟକ ବୟସରେ ବଡ। ତେଣୁ ପରିବାର ମଧ୍ୟରୁ କେହି ଯଦି ଦଳର ମଙ୍ଗ ଧରିବେ, ସେ ଅରୁଣ ପଟ୍ଟନାୟକ । ତେବେ ଅରୁଣଙ୍କ ରାଜନୀତିରେ କୌଣସି ଇଚ୍ଛା ନଥିବା ପୂର୍ବରୁ ପ୍ରକାଶ କରିଛନ୍ତି । କଟକ ଆନନ୍ଦ ଭବନ ଓଡିଶାବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କଲାବେଳେ ସେହି ସମୟର କୃଷିମନ୍ତ୍ରୀ ପ୍ରଦୀପ ମହାରଥୀ ଅରୁଣଙ୍କୁ ଇଙ୍ଗୀତ କରି କହିଥିଲେ ଯେ "ଦଳରେ ଯୁବ ନେତାଙ୍କ ଅବଶ୍ୟକତା ରହିଛି । ସେ ଦଳକୁ ଆସିବା ସ୍ୱାଗତଯୋଗ୍ୟ।" ଏହାର ଜବାବରେ ଅରୁଣ, ରାଜନୀତି କରିବାର ଆଦୌ ଇଚ୍ଛା ନଥିବା ପ୍ରକାଶ କରିଥିଲେ । ଯଦି ଅରୁଣଙ୍କ ଅନିଚ୍ଛାକୁ ଦେଖାଯାଏ ତେବେ ଅତୀତରେ ନବୀନ ପଟ୍ଟନାୟକଙ୍କ ମଧ ରାଜନୀତି ପ୍ରତି କୌଣସି ଇଚ୍ଛା ନଥିଲା । ପିତା ବିଜୁ ପଟ୍ଟନାୟକଙ୍କ ଦେହାବସାନ ପରେ ଅନ୍ୟମାନଙ୍କ ପ୍ରେରଣା ଓ ପ୍ରୋତ୍ସାହନ ତାଙ୍କୁ ବାଧ କରିଥିଲା । ଆଉ ୧୯୯୭ ଆସିକା ଲୋକସଭା ଉପ-ନିର୍ବାଚନ ଏବଂ ତା'ପରେ ୨୦୦୦ ମସିହା ସାଧାରଣ ନିର୍ବାଚନ ବିଜୟ ତାଙ୍କୁ ଏକ୍ଷେତ୍ରରେ ଆଗକୁ ବଢ଼ିବାର ସୁଯୋଗ ଦେଇଥିଲା । ଏହାକୁ ବିଜୁ ପଟ୍ଟନାୟକଙ୍କ ସହାନୁଭୂତିର ବିଜୟ ବୋଲି କୁହାଯାଇପାରେ । ତେବେ ଅରୁଣଙ୍କ କ୍ଷେତ୍ରରେ ଏହି ସୁଯୋଗ ନାହିଁ । ଆରମ୍ଭରୁ ଦଳର କିଛି ବରିଷ୍ଠ ନେତା ନବୀନଙ୍କୁ ବ୍ୟବହାର ପରେ ଦୂରେଇଦେବା ଧାରଣାରେ ଥିଲେ । କିନ୍ତୁ ନବୀନଙ୍କ ରାଜନୈତିକ କରାମତିରେ ଆଜି ସେହି ପ୍ରକ୍ରିୟାର ପରିବର୍ତ୍ତନ ଘଟିଛି । ସେଠାରେ ଦଳର ଅଧିକାଂଶ ବରିଷ୍ଠଙ୍କୁ ସେ ହଟାଇଦେଇଛନ୍ତି । କେବଳ ସେତିକି ନୁହେଁ, ଓଡିଆ ନଜାଣି ଦୀର୍ଘ ବର୍ଷ ଧରି ଶାସନ କରିବା କିଛି କମ୍ କଥା ନୁହେଁ । ନବୀନଙ୍କ ପାଇଁ ଏହା ଏକ ଅଲୌକିକ ବରଦାନ ବୋଲି କୁହାଯାଇ ପାରେ। ତେବେ ଅରୁଣ କ'ଣ କକେଇ (ନବୀନ)ଙ୍କ ପରି ଏଭଳି ବୁଦ୍ଧିମତାର ରାଜନୀତି କରିପାରିବେ ? ଏହି ଅଲୌକିକ ଶକ୍ତି ଅରୁଣଙ୍କ ପକ୍ଷ ଦେଇପାରିବ? ବର୍ତ୍ତମାନ ୨୦୧୯ ନିର୍ବାଚନ ସମୟ ଆସି ପହଁଚିଛି । ଏଥିରେ ବିଜେଡି ଯଦି ଆଖିଦୃଶିଆ ବହୁମତ ହାସଲ କରେ ତେବେ ନବୀନ ପଟ୍ଟନାୟକ ନେତୃତ୍ୱାଧିନ ସରକାର ପରବର୍ତ୍ତୀ ପର୍ଯ୍ୟାୟ ପର୍ଯ୍ୟନ୍ତ ରହିପାରିବ ? ଆଭ୍ୟନ୍ତରୀଣ ଗଣତନ୍ତ୍ର ଯୋଗୁଁ ଦଳ ଭୟଙ୍କର ସ୍ଥିତିଦେଇ ଗତିକରୁଛି ଏବଂ ଦଳର ଅନ୍ୟ ନେତାଙ୍କୁ ଆଗକୁ ପାଦ କାଢ଼ିବାର ସୁଯୋଗ ମିଳୁନି । ଓଡିଶାର ଏଭଳି ରାଜନୈତିକ ସ୍ଥିତି ସହିତ ତାମିଲ୍‌ନାଡୁର ଜୟ ଲଳିତାଙ୍କ ଏଆଇଡିଏମ୍‌କେ ସହିତ ସମାନ ସାମଞ୍ଜସ୍ୟ ରଖୁଛି । ଜୟଲଳିତାଙ୍କ ପରବର୍ତ୍ତୀ ସମୟରେ ତାମିଲ୍‌ନାଡୁରେ ଦେଖାଯାଇଥିବା ଘଟଣାବଳୀ ନବୀନଙ୍କ ପରେ ଓଡିଶାରେ ସେହିଭଳି ଘଟିବାର ଯଥେଷ୍ଟ ସମ୍ଭାବନା ରହିଛି । ଯଦି ୨୦୧୯ ସାଧାରଣ ନିର୍ବାଚନରେ ବିଜେପି ୧୪୭ ବିଧାନସଭା ମଧ୍ୟରୁ ୪୦ ବା ତତୁର୍ଦ୍ଧ୍ୱ ଆସନ ନିଏ ତାହେଲେ ସମୟ ବିଜେଡି ପକ୍ଷ ଦେବ ନାହିଁ। ପୁନଃ ଉ□ାନର ପ୍ରୟାସରେ ଥିବା ବିଜେପି, ବିଜେଡିର ସମସ୍ତ ଯୋଜନାକୁ ପଣ୍ଡ କରିବାର ସୁଯୋଗ ପାଇବ । ତେବେ ଗଜପତି ଜିଲ୍ଲା ପାରଳାଖେମୁଣ୍ଡିର ବରିଷ୍ଠ ଜ୍ୟୋତିର୍ବିଦଙ୍କ କଥାକୁ ଯଦି ବିଶ୍ୱାସକୁ ନିଆଯାଏ ତେବେ ୨୦୧୯ରେ ମଧ ନବୀନଙ୍କ ନେତୃତ୍ୱାଧିନ ସରକାର ହେବ । ପୂର୍ବରୁ ଜ୍ୟୋତିର୍ବିଦଙ୍କ ସମସ୍ତ ଆକଳନ ଓ ଗଣନା ସଠିକ୍ ପ୍ରମାଣିତ ହୋଇଛି । ୨୦୦୦ ରୁ ୨୦୧୯ ମସିହା ମଧରେ ନବୀନ ନିଶ୍ଚୟ ରାଜନୀତିରେ ସଫଳ ହେବେ ବୋଲି ସେ ପୂର୍ବ ସୂଚନା ଦେଇଥିଲେ । ତେବେ କ'ଣ ୨୦୦୪, ୨୦୦୯ ଏବଂ ୨୦୧୪ ଭଳି ଜ୍ୟୋତିର୍ବିଦ୍‌ଙ୍କ ବାଣୀ ୨୦୧୯ ମଧ ସତ୍ୟ ହେବ ? ତେବେ ୨୦୧୯ ନିର୍ବାଚନ ହିଁ ନିର୍ଦ୍ଧାରଣ କରିବ ବିଜେଡିର ପରବର୍ତ୍ତୀ ସ୍ଥିତି । ଏଥିରେ ସଫଳ ହେଲେ ଜଣେ ସର୍ବୋଚ୍ଚ ରାଜନେତାର ଆଖ୍ୟା ପାଇବେ ନବୀନ।

### ଟିଟୋ ଲିଙ୍କ୍‌ର ...

ଏହା ପଛରେ ଟିଟୋର ଅପରାଧ ଦୁନିଆଁ ଉପରେ ସାକ୍ଷୀପ୍ରମଣା ନଷ୍ଟ କରି ତାକୁ ସୁରକ୍ଷା ଦେବା ପାଇଁ ଏକ ଯୋଜନାବଦ୍ଧ ଷଡଯନ୍ତ୍ରର ଅଙ୍ଗ ବୋଲି ଡ.ଲେଖାଶ୍ରୀ ଅଭିଯୋଗ କରିଛନ୍ତି। ଏସଟିଏଫର ଟିଟୋ ଠିକଣାରେ ଚଢଉ ବେଳେ ପାକିସ୍ଥାନର କାଗଜପତ୍ର, ଲସ୍କର ଆତଙ୍କବାଦୀ ସମ୍ପର୍କିତ ପୁସ୍ତକ, ଫୋନ ନମ୍ବର ସମ୍ପର୍କ ଥିବା ସମ୍ପର୍କରେ ଖୋଦ ଏସଟିଏଫ କହିଥିଲା । ଏହା ମଧ୍ୟରେ ଦିଲ୍ଲୀରେ କେନ୍ଦ୍ରାପଡା ଜିଲାର ମୂଳବାସିନ୍ଦା ତଥା ଲସ୍କର-ଇ-ତୋଇବାର ଆତଙ୍କବାଦୀ ହବିବୁର ରେହମାନ ଗିରଫ ହୋଇଛନ୍ତି । ଏହି ସନ୍ଦିଗ୍ଧ ବ୍ୟକ୍ତି ଜଣେ କୁଖ୍ୟାତ ଅନ୍ତରାଷ୍ଟ୍ରୀୟ ଆତଙ୍କବାଦୀ ସେଖ ଅବଦୁଲ ନଇମକୁ ଆଣି କଟକରେ ଲୁଚାଇ ରଖିଥିବାର ପ୍ରମାଣ ସ୍ପଷ୍ଟ ହୋଇଛି । ହବିବ କଟକରେ ନଇମକୁ ଆଶ୍ରୟ ଦେବାଛଡା ମୋବାଇଲ ସିମ୍ ଏବଂ ଅନ୍ୟାନ୍ୟ ସୁବିଧା ଉପଲବ୍ଧ କରାଇବା ସହ ଜାଲ ପରିଚୟପତ୍ର ଯୋଗାଡ କରିଥିଲା । ବଙ୍ଗଳାଦେଶ ପଟୁ ଖାଲି ନଇମ ନୁହେଁ ଅହମ୍ମଦ ରାଟୋଥ, ମହମ୍ମଦ ଅବଦୁଲା, ମହମ୍ମଦ ୟୁନୁସ ଭାରତସୀମାରେ ପ୍ରବେଶ କରି ଦେଶର ବିଭିନ୍ନ ସ୍ଥାନରେ ଲୁଚାଇବାରେ ହବିବର ସନ୍ଦିଗ୍ଧ ଭୂମିକା ଥିବା ଏନଆଇ ତଦନ୍ତରୁ ସ୍ପଷ୍ଟ ହୋଇଛି । ପୂର୍ବରୁ କଟକ ଜିଲାରୁ ଅବଦୁର ରେହମାନ ଅନ୍ତରାଷ୍ଟୀୟ ଆତଙ୍କବାଦୀ ସଙ୍ଗଠନ ସହ ସମ୍ପୃକ୍ତି ପାଇଁ ତଦନ୍ତର ସାମ୍ନା କରୁଛନ୍ତି । ଭାରତର ସୁରକ୍ଷା ଓ ଓଡିଶାଭଳି ଶାନ୍ତିପ୍ରିୟ ରାଜ୍ୟ ଆତଙ୍କବାଦର ଚରାଭୂଇଁ ହୋଇଥିବା ବେଳେ ଟିଟୋ ପରି ୧୦ ହଜାର କୋଟିଟଙ୍କାର ଅପରାଧିକ ସାମ୍ରାଜ୍ୟ ସହ ଅନ୍ତରାଷ୍ଟ୍ରୀୟ ଆତଙ୍କବାଦୀ ସମ୍ପର୍କ ଓଡିଶାବାସୀଙ୍କୁ ବିବ୍ରତ କରୁଛି ବୋଲି ଡ.ଲେଖାଶ୍ରୀ ଏହି ସାମ୍ବାଦିକ ସମ୍ମିଳନୀରେ ଚିନ୍ତାବ୍ୟକ୍ତ କରିଛନ୍ତି ଏପରି ଏକ ଚିନ୍ତାଜନକ ପରିସ୍ଥିତିରେ ଓଡିଶାରେ ଆତଙ୍କବାଦୀ ସମ୍ପର୍କର ତଦନ୍ତପାଇଁ ଓଡିଶାର ଜଣେ ସନ୍ଦିଗ୍ଧ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି । ଏହି ବରିଷ୍ଠ ଅଧିକାରୀ ପୂର୍ବରୁ ନେସନ୍ୟାଲ ହେରାଲଡ ମହାଦୁର୍ନୀତି ମାମଲାରେ ଗାନ୍ଧି ପରିବାରକୁ ସୁରକ୍ଷା ଦେବା ପ୍ରମାଣିତ ହେବା କାରଣରୁ ପ୍ରବର୍ତନ ନିର୍ଦ୍ଦେଶାଳୟରୁ ବିଦା କରାଯାଇଥିଲା । 'ବଂଟି-ବବଲି' ଯୋଡି ଭାବେ ପରିଚିତ ଏହି ପ୍ରଶାସନିକ ଅଧିକାରୀ ଦମ୍ପତିଙ୍କର ଦୁର୍ନୀତି ସହିତ ଖୋଲା ଜଡିତ ହେବା କାରଣରୁ ସିବିଆଇ କାଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଲେ ମଧ୍ୟ ରାଜ୍ୟ ସରକାର ସୁରକ୍ଷା ଦେଇଛନ୍ତି । ବବଲିଙ୍କୁ ସିଏଜି ରିପୋର୍ଟ ଆଧାରରେ ଚାର୍ଜସିଟ କରାଯାଇଥିବା ବେଳେ ବଂଟିଙ୍କୁ ପ୍ରବର୍ତନ ନିର୍ଦ୍ଦେଶାଳୟରୁ ନିର୍ଦାରିତ ସମୟ ପୂର୍ବରୁ ବିଦା କରାଯାଇଛି ବୋଲି ଡ.ଲେଖାଶ୍ରୀ କହିଛନ୍ତି । ଏପରି ପରିସ୍ଥିତିରେ ଏହି ବରିଷ୍ଠ ଅଧିକାରୀଙ୍କୁ ଟିଟୋର ଆତଙ୍କବାଦୀ ସମ୍ପର୍କରେ ସୁରକ୍ଷା ଦେବାପାଇଁ ରାଜ୍ୟ ସରକାରଙ୍କର ଷଡଯନ୍ତ୍ରର ଗନ୍ଧ ସ୍ପଷ୍ଟ ହେଉଛି । ରାଷ୍ଟ୍ରର ସୁରକ୍ଷା ପ୍ରସଙ୍ଗରେ ଶାସକ ବିଜୁ ଜନତା ଦଳର ଆଭିମୁଖ୍ୟକୁ ନେଇ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏପରି ପରିସ୍ଥିତିରେ ଏନଆଇଏ ଓ ସିବିଆଇ ତଦନ୍ତ କରି ଆତଙ୍କବାଦୀ ସମ୍ପର୍କ ଓ ଅପରାଧିକ ସାମ୍ରାଜ୍ୟର ପର୍ଦାଫାସ କରି ଟିଟୋ ଓ ତାଙ୍କର ସହଯୋଗୀଙ୍କୁ ଦେଶର ନିୟମ ଅନୁସାରେ କଠୋର ଦଣ୍ଡ ପାଇଁ ଲେଖାଶ୍ରୀ ଦାବି କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀ ଅବସରରେ ଅନ୍ୟତମ ରାଜ୍ୟ ସଂପାଦକ ଦିଲୀପ ମଲ୍ଲିକ ମଧ ଉପସ୍ଥିତ ଥିଲେ।

### ମ୍ୟାନୁଫାକ୍‌ଚରିଂ ...

ଧାତୁ ସେକ୍ଟରର ଆନସିଲିଆରି ଏବଂ ଡାଉନଷ୍ଟ୍ରିମ୍ ଶିଳ୍ପ, ବୟନ ଶିଳ୍ପ, ଇଏସଡିଏମ୍ ମ୍ୟାନୁଫାକଚରିଂ, କେମିକାଲ୍ସ, ପ୍ଲାଷ୍ଟିକ୍ ଏବଂ ପେଟ୍ରୋକେମିକାଲ୍ସ ତଥା ପର୍ଯ୍ୟଟନ ଆଦି ସେକ୍ଟରରେ ନିବେଶ ପାଇଁ ବିସ୍ତୃତ ଆଲୋଚନା ହୋଇଛି। ଏହି ରୋଡ୍ ଶୋ ଅବସରରେ ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍-୨୦୧୮ ଅନ୍ତର୍ଗତ 'ଆଇ ଆମ୍ ଓଡ଼ିଶା' ନାମକ ଏକ ଅଭିଯାନର ଶୁଭାରମ୍ଭ କରାଯାଇଥିଲା। 'ଆଇ ଆମ୍ ଓଡ଼ିଶା' ରାଜ୍ୟରେ ସଫଳତା ହାସଲ କରିଥିବା ଶିଳ୍ପ ସଂସ୍ଥାଙ୍କ ପାଇଁ ଉପଯୋଗୀ ପ୍ଲାଟଫର୍ମ ଭାବେ କାର୍ଯ୍ୟ କରିଥିଲା। ସେମାନଙ୍କର ସଫଳତା କାହାଣୀ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିଲେ, 'ପୂର୍ବ ଭାରତରେ ଏକ ମ୍ୟାନୁଫାକଚରିଂ ହବ୍ ଭାବେ ଓଡ଼ିଶା ବିକାଶ ଧାରା ଜାରି ରଖିଥିବାରୁ ମୁଁ ବେଶ୍ ଆନନ୍ଦିତ। ରାଜ୍ୟର ବିକାଶ ପାଇଁ ମୋ ସରକାର ନିରନ୍ତର ପ୍ରୟାସ ଜାରି ରଖିଛି। ଏହା ସହିତ ରାଜ୍ୟକୁ ଦକ୍ଷିଣ ଏସିଆର ଏକ ମ୍ୟାନୁଫାକଚରିଂ ହବ୍ ଭାବେ ପ୍ରତିଷ୍ଠିତ କରିବା ଲାଗି ଉଦ୍ୟମ କରାଯାଉଛି। ଏହା ଦ୍ୱାରା ରାଜ୍ୟରେ ଶିଳ୍ପର ବିକାଶ ଋଦ୍ଧିମନ୍ତ ହୋଇ ପାରିଛି। ଗତ ୪ ବର୍ଷ ମଧ୍ୟରେ ରାଜ୍ୟରେ ୧୧୮ରୁ ଅଧିକ ପ୍ରକଳ୍ପକୁ ଅନୁମୋଦନ ଦିଆଯାଇଛି। ଏହା ଦ୍ୱାରା ୧,୨୮,୫୭୨ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବାର ଆଶା ରହିଛି। ଆବେଦନ ଦାଖଲର ହାରାହାରି ୨୦ ଦିନ ମଧ୍ୟରେ ପ୍ରକଳ୍ପଗୁଡ଼ିକୁ ଅନୁମୋଦନ କରାଯାଇପାରିଛି। ଓଡ଼ିଶାରେ ନିବେଶ ପାଇଁ ଆମେ ନିବେଶକମାନଙ୍କଠାରୁ ସକାରାତ୍ମକ ପ୍ରତିକ୍ରିୟା ହାସଲ କରିପାରିଛୁ। ୨୦୧୮ ନଭେମ୍ବରରେ ଭୁବନେଶ୍ୱରରେ ହେବାକୁଥିବା ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍‌ରେ ନିବେଶକଙ୍କୁ ଅତୁଳନୀୟ ସହାୟତା ପାଇଁ ବ୍ୟକ୍ତିଗତ ଭାବେ ନିର୍ଭର ପ୍ରତିଶ୍ରୁତି ଦେବା ସହିତ ସେମାନଙ୍କୁ ନିମନ୍ତ୍ରଣ ଜଣାଉଛି।' ନିବେଶକଙ୍କ ସହିତ ଆଲୋଚନା ସମୟରେ ରାଜ୍ୟରେ ଯୋଜନାବଦ୍ଧ ନିବେଶର ସକାରାତ୍ମକ ପ୍ରଭାବ, ବ୍ୟବସାୟ ଆରମ୍ଭ ପାଇଁ କମ୍ ପରିମାଣ ନିବେଶ, ନିର୍ଦ୍ଦିଷ୍ଟ ସେକ୍ଟର ଉପଯୋଗୀ କ୍ଷେତ୍ର ତଥା ଶିଳ୍ପ ବିକାଶ ପାଇଁ ୧,୨୫,୦୦୦ ଏକର ଲ୍ୟାଣ୍ଡ୍ ବ୍ୟାଙ୍କ ଥିବା ସମ୍ପର୍କରେ ଅବଗତ କରାଯାଇଥିଲା। ଏହି ଅବସରରେ କଳିଙ୍ଗନଗର ଇଣ୍ଡଷ୍ଟ୍ରିଆଲ ଇନଫ୍ରାଷ୍ଟକଚର ନ୍ୟାସନାଲ ମାନ୍ୟୁଫାକଚରିଂ ଜୋନ୍(ଏନଆଇଏମଜେଡ୍) ଖୋର୍ଦ୍ଧା ଓ ଛତାବର ଖାଦ୍ୟ ପ୍ରକ୍ରିୟାକରଣ ପାର୍କ, ରାମଦାସପୁର ଏବଂ ଧାମନଗରଠାରେ ଥିବା ଟେକ୍ସଟାଇଲ୍ସ ତଥା ଆପାରେଲ ପାର୍କ, ଅନୁଗୁଳର ଅଲୁମିନିୟମ୍ ପାର୍କ ଏବଂ ପାରାଦ୍ୱୀପର ପ୍ଲାଷ୍ଟିକ୍ ପାର୍କର ପ୍ରତିନିଧି ଉପସ୍ଥିତ ଥିଲେ। ରାଜ୍ୟରେ ଅଧିକ ନିବେଶ ପାଇଁ ଏହି ଅବସରରେ ପ୍ରୟାସ କରାଯାଇଥିଲା।

### ପାଣି ଚିନ୍ତା ...

ଆସନ୍ତା ୫ ବର୍ଷ ମଧ୍ୟରେ ଏହି ପ୍ରକଳ୍ପ ଶେଷ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି ଅର୍ଥରେ ୧ ହଜାର ସ୍ଥାନରେ ସୌରଶକ୍ତି ଚାଳିତ ପମ୍ପରେ ଜଳ ଉତ୍ତୋଳନ କରି ଅଣୁ ଜଳସେଚନ (ମାଇକ୍ରୋ ଇରିଗେସନ୍) ପାଇଁ ବ୍ୟବହାର କରାଯିବା ସହ ୧୦ ହଜାର ପୋଖରୀକୁ ପୁନରୁଦ୍ଧାର କରାଯିବା ଯୋଜନା ରଖାଯାଇଛି। ଏହି ଚୁକ୍ତି ସ୍ୱାକ୍ଷରିତ ହେବାର ମୂଳ ଉଦ୍ଦେଶ୍ୟ ହେଉଛି ଗଚ୍ଛିତ ଜଳକୁ ସଂରକ୍ଷଣ କରି ଜଳସେଚନରେ ବ୍ୟବହାର କରିବା। ବର୍ଷା ଋତୁରେ ଉପଲବ୍ଧ ହେଉଥିବା ବଳକା ଜଳକୁ ରାଜ୍ୟରେ ଥିବା ୧୦ ହଜାର ପୋଖରୀ ପୁନରୁଦ୍ଧାର ସହ ରିଚାର୍ଜ ଷ୍ଟ୍ରକଚର କରାଯାଇ ଜଳକୁ ସଂରକ୍ଷଣ କରାଯିବ। ରାଜ୍ୟ ସରକାର ପଠାଇଥିବା ଯୋଜନାକୁ ଭାରତର ପ୍ରଥମ ପ୍ରକଳ୍ପ ଭାବେ ଜିସିଏଫ୍ ମଞ୍ଜୁର କରିଛି। ଏହି ଯୋଜନା ରାଜ୍ୟର ବରଗଡ଼, ବଲାଙ୍ଗିର, ବୌଦ୍ଧ, ଗଜପତି, କଳାହାଣ୍ଡି, କନ୍ଧମାଳ କେନ୍ଦୁଝର, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ନୂଆପଡ଼ା, ନବରଙ୍ଗପୁର, ରାୟଗଡ଼ା, ସମ୍ବଲପୁର ଓ ସୋନପୁର ଜିଲ୍ଲାରେ କାର୍ଯ୍ୟକାରୀ ହେବ। ଜଳବାୟୁ ପରିବର୍ତ୍ତନ ରାଜ୍ୟର ଜଳସମ୍ପଦ ଉପରେ ଗଭୀର ପ୍ରତିକୂଳ ପ୍ରଭାବ ପକାଇବ ବୋଲି ଆଶଙ୍କା କରାଯାଉଥିବା ବେଳେ ଏହାର ନିରାକରଣ ପାଇଁ ରାଜ୍ୟ ସରକାର ଏକ ଯୋଜନା ପ୍ରସ୍ତୁତ କରି ଆର୍ନ୍ତଜାତିକସ୍ତରରେ ସ୍ଥାପନା ହୋଇଥିବା ଜିସିଏଫ୍ ଫଣ୍ଡ୍‌ରୁ ଆର୍ଥିକ ସହାୟତା ପାଇଁ ଆବେଦନ କରିଥିଲେ। ଜଳସମ୍ପଦ ବିଭାଗର ସ୍ୱତନ୍ତ୍ର ସଚିବ ଓ ନାବାର୍ଡର ସିଜିଏମ୍‌ଙ୍କ ମଧ୍ୟରେ ଏହି ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ, ଶଶିଭୂଷଣ ବେହେରା, ପ୍ରଦୀପ ମହାରଥୀ ଓ ବଦ୍ରି ନାରାୟଣ ପାତ୍ର ଏବଂ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର୍ ଉପସ୍ଥିତ ଥିଲେ।



ଏକମାତ୍ର
EKAMAATRA
ଅନୁସନ୍ଧାନ ପରେ ଖବର





## ପର୍ଯ୍ୟଟନ ଚକ୍ର

# ନିର୍ମାଣ ପରେ ତୋପ ଦ୍ୱାରା ପରୀକ୍ଷିତ ଅଗଷ୍ଟାଇନ୍ ଚର୍ଚ୍ଚ





ପୂର୍ବ ସ୍ତମ୍ଭରେ ଆପଣ ମାନଙ୍କୁ ସୂଚନା ଦେଇଥିବା ଅନୁସାରେ ଏବେ ଆମେ ପହଞ୍ଚି ସାରିଥିଲୁ ସେଣ୍ଟ ଅଗଷ୍ଟାଇନ୍ ଚର୍ଚ୍ଚ ନିକଟରେ। ପ୍ରକୃତରେ ଏବେ ଏହି ପ୍ରସିଦ୍ଧ ଚର୍ଚ୍ଚର କେବଳ ଏକ ଭଗ୍ନାବଶେଷ ହିଁ ଆମ ସମ୍ମୁଖରେ ଛିଡା ହୋଇଥିଲା। ତଥାପି ମୋର କାହିଁ ଅନୁଭବ ହେଲା ଯେ ଏବେ ମଧ୍ୟ ସେଠାରେ ଶାନ୍ତ ପରିବେଶ ବଞ୍ଚିଛି। ଚର୍ଚ୍ଚ ଭିତରେ ବୁଲିବା ବେଳେ ଦେଖିଲୁ ଆମ ଭଳି ଅଳ୍ପ କିଛି ପର୍ଯ୍ୟଟକ ସେଠାରେ ବୁଲୁଥିଲେ ଏବଂ ଫଟୋ ଉଠାଇବାରେ ବ୍ୟସ୍ତ ଥିଲେ। ଅଗଷ୍ଟାଇନ୍ ର୍ଚ୍ଚର ଭଗ୍ନାବେଶଷକୁ ଦେଖି ଅନୁମାନ ହେଉଥିଲା ଯେ ଏହି ସ୍ଥାନର ନିହାତି ଖୁବ୍ ଐତିହ୍ୟ ଥିବ। କିନ୍ତୁ ସେହି ଐତିହ୍ୟ ବିଷୟରେ ଜାଣିବାର କୌଣସି ଅବକାଶ ନଥିଲା। କେବଳ ଆଖି ସାମ୍ନାରେ ଥିଲା ସୁଉଚ୍ଚ ଭଗ୍ନ ପ୍ରଚୀର, କିଛି ଭଗ୍ନ ପଥର। ଯାହା ଭିତରୁ ଏଭଳି ସ୍ଥାନର ଇତିହାସ ଜାଣିବା କଷ୍ଟକର। କିନ୍ତୁ ବାହାର ଫଳକରୁ ମୁଁ ଯାହା ଜାଣିବାକୁ ପାଇଲି ୧୯୮୬ ମସିହାରେ ୟୁନେସ୍କୋ ଏହାକୁ ବିଶ୍ୱ ଐତିହସ୍ୟ ସ୍ଥଳୀର ମାନ୍ୟତା ପ୍ରଦାନ କରିଛି। ହେଲେ କ'ଣ ଏହାର ଇତିହାସ ଏବଂ କାହିଁକି, ଏହା ଏପରି ଧ୍ୱଂସ ଅବସ୍ଥାକୁ ଆସିଲା ସେ ସମ୍ପର୍କରେ ଜାଣିବା ପାଇଁ ମୋ ମନ ଆଉଟୁ ପାଉଟୁ ହେଉଥିଲା। ଅନ୍ୟପକ୍ଷରେ ମୋ ବନ୍ଧୁମାନେ ଏବଂ ଆମ ଗାଡିର ଚାଳକଙ୍କ ପାଇଁ ଏ ସ୍ଥାନ ବୋଧହୁଏ କେବଳ ଥିଲା ଫଟୋ ଉଠାଇବାର ସ୍ଥାନ। ସେମାନେ ନିଜ ଫଟୋ ବିଭିନ୍ନ ସ୍ଥାନରେ ଛିଡା ହୋଇ ଉଠାଉଥିଲେ। ଯାହା ବିରକ୍ତିପୂର୍ଣ୍ଣ ଥିଲା। ମୁଁ ମନେ ମନେ ସ୍ଥିର କଲି ଯେ ସାମାନ୍ୟ ପର୍ଯ୍ୟଟକ ଭାବେ ଏହି ସ୍ଥାନ ବୁଲି ଦେଇଚାଲିଯିବି। ମୋ ବନ୍ଧୁ ଏବଂ ଗାଡି ଚାଳକଙ୍କୁ ଡାକି ଆମେ ବାହାରିବାକୁ ପ୍ରସ୍ତୁତ ହେଲୁ। ଠିକ୍ ଏହି ସମୟରେ ଏକ ବଡ ପର୍ଯ୍ୟଟକ ଗାଡି ସେହି ସ୍ଥାନରେ ପହଞ୍ଚିଥିଲା। ଅନେକ ବିଦେଶୀ ପର୍ଯ୍ୟଟକ ସେହି ଗାଡିରୁ ଓହ୍ଲାଇଲେ ଏବଂ ତାଙ୍କ ସହ ଜଣେ ଗାଇଡ୍ ମଧ୍ୟ ଥିଲେ। ମୋ ମନରେ ମରିଯାଇଥିବା ଭାବନା ପୁଣି ଜାଗି ଉଠିଲା। ମୁଁ ସ୍ଥିର କଲି ଯେ କେହି କିଛି ନଜାଣିବା ଭଳି ମୁଁ ସେହି ପର୍ଯ୍ୟଟକ ମାନଙ୍କ ପଛେ ପଛେ ଯିବି ଏବଂ ଗାଇଡ୍ ଯାହା ସେମାନଙ୍କୁ ବୁଝାଇବ ମୁଁ ତାହା ଶୁଣିବି। ତେଣୁ ମୁଁ ସମସ୍ତଙ୍କ ଆଖି ଆଢୁଆଳରେ ସେହି ପର୍ଯ୍ୟଟକ ମାନଙ୍କ ପଛେ ପଛେ ଚାଲିଲି। ଗାଇଡ୍ ଜଣକୁ ବୁଝାଇବାକୁ ଆରମ୍ଭ କଲେ। ମୋର ଆଖି ଅନ୍ୟଆଡେ ଥିଲେ ମଧ୍ୟ କାନ କିନ୍ତୁ ପୁରା ସଜାଗ ଥିଲା ତାଙ୍କ ସୂଚନା ପ୍ରତି। ତାଙ୍କ କଥାରୁ ମୁଁ ଯାହା ଏହି ସେଣ୍ଟ ଅଗଷ୍ଟାଇନ୍ ଚର୍ଚ୍ଚ ବିଷୟରେ





ଜାଣିବାକୁ ପାଇଲି ତାହା ଖୁବ୍ ରୋମାଞ୍ଚକର ଥିଲା। ଏହି ଅଗଷ୍ଟାଇନ୍ ଚର୍ଚ୍ଚଟି ପ୍ରାୟ ୧୫୯୭ ମସିହାରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା ଏବଂ ଏହା ପାଖାପାଖି ୧୬୦୨ ମସିହା ବେଳକୁ ଶେଷ ହୋଇଥିଲା। ଏହା ସେ ସମୟରେ ଗୋଆରେ ସବୁଠାରୁ ବଡ ଚର୍ଚ୍ଚ ହୋଇଥାଇ ପାରେ ବୋଲି ମଧ୍ୟ କେହି କେହି ବିଶ୍ୱାସ ମଧ୍ୟ କରନ୍ତି। ଏହି ଚର୍ଚ୍ଚଟି ପାଖାପାଖି ଚାରିମହଲା ଥିବ ମଧ୍ୟ କୁହାଯାଏ। କିନ୍ତୁ ପ୍ରାୟ ୧୮୩୫ ମସିହା ବେଳକୁ ଅଗଷ୍ଟାଇନ୍ ଧର୍ମବିଶ୍ୱାସୀମାନଙ୍କୁ ଗୋଆରୁ ବହିଷ୍କାର କରାଗଲା। ଆଉ ତା'ପରେ ୧୮୪୬ ମସିହା ବେଳକୁ ଏହା ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଥିଲା। ଏବେ ଯାହା ରହିଛି ତାହା କେବଳ ଏକ ସମୃଦ୍ଧ ଐତିହ୍ୟର ପ୍ରତୀକ କେବଳ। ଏହି ବିଶାଳ ଚର୍ଚ୍ଚକୁ ନେଇ ଅନେକ ଲୋକକଥା ମଧ୍ୟ ଶୁଣିବାକୁ ମିଳେ। ସେଥିମଧ୍ୟରୁ ଗୋଟିଏ ଲୋକ କଥା ଗାଇଡ୍ ଜଣକ କହିବାକୁ ଆରମ୍ଭ କଲେ। ଏହି ବିଶାଳ ଚର୍ଚ୍ଚ ନିର୍ମାଣ ସମୟରେ ଅନେକ ଅଘଟଣ ଘଟିଥିଲା। ଏପରିକି ଦୁଇଥର ଏହି ଚର୍ଚ୍ଚ ନିର୍ମାଣ ସମୟରେ ହିଁ ଭୁଷୁଡି ପଡିଥିବା କଥା କୁହାଯାଏ। ଚର୍ଚ୍ଚକୁ ନିର୍ମାଣ କରୁଥିବା ଆର୍କିଟେକ୍ଟ ଯେତେବେଳେ ତୃତୀୟଥର ପାଇଁ ଏହାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିଲେ ସେତେବେଳେ ଏହାର ଗୁଣବତ୍ତାକୁ ପରୀକ୍ଷା କରିବା ପାଇଁ ନିଜର ଏକମାତ୍ର ପୁଅକୁ ସେହି ଚର୍ଚ୍ଚ ମଧ୍ୟରେ ରଖି ଏକ ଶକ୍ତିଶାଳୀ ତୋପ ଏହି ନିର୍ମାଣ ଉପରକୁ ନିକ୍ଷେପ କରିଥିଲେ। ଶକ୍ତିଶାଳୀ ତୋପ ମାଡ ହେବା ପରେ ମଧ୍ୟ ସେ ନିର୍ମାଣ କରିଥିବା ଏହି ଚର୍ଚ୍ଚ ପୂର୍ବପରି ଅତୁଟ ରହିଥିଲା। ଏହି ଲୋକକଥାଟି କହିବା ବେଳେ ନିଜେ ଗାଇଡ୍ ମଧ୍ୟ ଖୁବ୍ ଭାବବିହ୍ୱଳ ହୋଇଯାଇଥିଲେ। ମୁଁ ମଧ୍ୟ ଲକ୍ଷ୍ୟ କରୁଥିଲି ପ୍ରାୟ ସମସ୍ତ ପର୍ଯ୍ୟଟକ ସେହି କଥା ଶୁଣିବା ବେଳେ ମଧ୍ୟ ଗୁରୁଗମ୍ଭୀର ଥିଲେ। ପ୍ରକୃତରେ ଯେ କୌଣସି ସ୍ଥାନର ଇତିହାସ ଯେ କେତେ ଜୀବନ୍ତ ହୋଇପାରେ ତାହା ମୋର ଅନୁଭବ ହେଲା। ଗାଇଡ୍‌ଙ୍କ କଥା ଶୁଣି ଶୁଣି ମୁଁ ମଧ୍ୟ ଏତେ ଅନ୍ୟମନସ୍କ ହୋଇଯାଇଥିଲେ ଯେ ମୁଁ ଗାଇଡଙ୍କ ଦୃଷ୍ଟିଗୋଚର ହୋଇସାରିଥିଲି। ସେ ମୋ ପାଖକୁ ଆସି ମୋର ପରିଚୟ ଜାଣିବାକୁ ଚାହିଁଥିଲେ। ମୋର ପରିଚୟ ଜାଣି ସାରିବା ପରେ ସେ ସାମାନ୍ୟ ହସିଥିଲେ ଆଉ ତାଙ୍କ ସହ ସାମିଲ୍ ହେବା ପାଇଁ ନିମନ୍ତ୍ରଣ ମଧ୍ୟ ଦେଇଥିଲେ। ଏହାପରେ ପୂରା ଅଗଷ୍ଟାଇନ୍ ଚର୍ଚ୍ଚ ମୁଁ ତାଙ୍କ ସହ ହିଁ ବୁଲିଥିଲି। ଏହାପରେ ଏହି ଚର୍ଚ୍ଚ ସମ୍ପର୍କ ଜର୍ଜିଆର କାଖେଟି ରାଜବଂଶର ରାଣୀ କେଟେଭାନ୍‌ଙ୍କ ସହ ରହିଥିବା କଥା ବିଶ୍ୱାସ କରାଯାଏ ବୋଲି ମଧ୍ୟ ଜାଣିବାକୁ ପାଇଥିଲି।

**କ୍ରମଶଃ...**



ଉପସ୍ଥାପନା
ଜାହ୍ନବୀସୁତ

### ୨୦୧୮-୧୯ ଖରିଫ୍ ପାଇଁ ଜିଲ୍ଲା କ୍ରୟ ଯୋଜନା

# ଚାଷୀ ପଞ୍ଜୀକରଣରେ ଗାଇଡ୍‌ଲାଇନ୍ ମାନ

**ଭୁବନେଶ୍ୱର :** ଆସନ୍ତା ୨୦୧୮-୧୯ ଖରିଫ୍ ଋତୁ ପାଇଁ ଅନଲାଇନ୍ ଚାଷୀ ପଞ୍ଜୀକରଣ କ୍ଷେତ୍ରରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଗାଇଡ୍‌ଲାଇନ୍‌କୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବାକୁ ସମସ୍ତ ଜିଲ୍ଲା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷ କରି ସମସ୍ତ ଜିଲ୍ଲାରେ ଜିଲ୍ଲା କ୍ରୟ ଯୋଜନା (ଡିପିପି) ପ୍ରସ୍ତୁତ କରିବାକୁ ମଧ୍ୟ ସମବାୟ ବିଭାଗ ସମସ୍ତ ଡେପୁଟି ସମବାୟ ରେଜିଷ୍ଟ୍ରାର୍, ସମବାୟ ସମିତି ଓ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ୍‌ଗୁଡ଼ିକୁ ନିର୍ଦ୍ଦେଶ ଦେଇଛି। ଆସନ୍ତା ସେପ୍ଟେମ୍ବର ୧୫ ତାରିଖ ସୁଦ୍ଧା ଅନଲାଇନ୍ ଚାଷୀ ପଞ୍ଜୀକରଣ ପ୍ରସ୍ତୁତି ଓ ସଂଶୋଧନ ପ୍ରକ୍ରିୟା ଶେଷ କରିବାକୁ କୁହାଯାଇଛି। ଏହା ବ୍ୟତୀତ



ଚାଷୀ ପଞ୍ଜୀକରଣ ପାଇଁ ବିଭାଗ ପକ୍ଷରୁ ଗାଇଡ୍‌ଲାଇନ୍ ଜାରି କରାଯାଇଛି। ବିଭାଗ ପକ୍ଷରୁ କୁହାଯାଇଛି ଯେ ବଳକା ଧାନ ବିକ୍ରି କରିବାକୁ ଚାହୁଁଥିବା ଚାଷୀମାନଙ୍କୁ ପଞ୍ଜୀକରଣ ବାଧ୍ୟତାମୂଳକ କରାଯାଇଛି। ଏହାଦ୍ୱାରା କେତେ ଚାଷୀ କେତେ ପରିମାଣର ଧାନ ବିକ୍ରି କଲେ ତାହା ଜାଣି ହେବ। ଗତ ଚାରି ବର୍ଷ ଭିତରେ ଏହି ପ୍ରକ୍ରିୟାରେ ସ୍ୱଚ୍ଛତା ବଜାୟ ରହିଛି। ଧାନ ଯୋଗାଣ ବ୍ୟବସ୍ଥାକୁ ତ୍ରୁଟି ଶୂନ୍ୟ କରାଯାଇପାରିଛି। ତେବେ ଆସନ୍ତା ଖରିଫ ଋତୁ ପାଇଁ ପଞ୍ଜୀକରଣ ନିମନ୍ତେ ଜାରି କରାଯାଇଥିବା ଗାଇଡ୍‌ଲାଇନ୍ ଅନୁଯାୟୀ ଚାଷୀମାନଙ୍କ ସମସ୍ତ ଡାଟାବେସ୍ ପୂର୍ବ ବର୍ଷ ସହ ସମାନ ରହିବ। ପୂର୍ବରୁ ପଞ୍ଜୀକରଣ କରାଯାଇଥିବା ଡାଟା ସହ କୌଣସି ପରିବର୍ତ୍ତନ କରିବାକୁ ଥିଲେ ଫର୍ମରେ ଦର୍ଶାଯିବ। ଚାଷୀମାନଙ୍କ ଜମିଜମା ରେକର୍ଡ ଯାଞ୍ଚ କରାଯାଇ ସମସ୍ତ ରେକର୍ଡ ପ୍ରସ୍ତୁତ କରାଯିବ।

# ସହରରେ ଡ୍ରେନେଜ୍ ସମସ୍ୟା ଉତ୍କଟ

**ଖୋରଧା :** ପୌରପରିଷଦର ଜନସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବା ସାଙ୍ଗକୁ ସାଧାରଣ ଲୋକେ ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ବର୍ଷାଦିନ ଆରମ୍ଭରୁ ପୌରପରିଷଦ ପକ୍ଷରୁ ଡ୍ରେନ୍ ଗୁଡ଼ିକ ଅଳିଆ ଆବର୍ଜନା ସଫା ନ କରିବା ଦ୍ୱାରା ଡ୍ରେନ୍ ପାଣି ସବୁ ରାସ୍ତା ଉପରେ ପ୍ରବାହିତ ହେଉଛି। ଫଳରେ ରାସ୍ତାଗୁଡ଼ିକର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଅଳିଆ ଆବର୍ଜନା ପାଣି ରାସ୍ତା ଉପରେ ବୋହିବା କାରଣରୁ ଏକ ପୂତିଗନ୍ଧମୟ ପରିବେଶ ସୃଷ୍ଟିହେଉଛି। ଏହା ଦ୍ୱାରା ବିଭିନ୍ନ ମାରାତ୍ମକ ସଂକ୍ରମଣ ରୋଗ ତଥା ମ୍ୟାଲେରିଆ, ଡେଙ୍ଗୁ ବ୍ୟାପିବାର ଆଶାଙ୍କା ଦେଖା ଦେଇଛି। ସାରା ଭାରତ ବର୍ଷରେ ସ୍ୱଚ୍ଛ ଭାରତ ଅଭିଯାନ ଚାଲୁଥିଲେ ମଧ୍ୟ ଖୋରଧା ପୌରପରିଷଦରେ ସ୍ୱଚ୍ଛତାର ପରିଭାଷା କିଛି ଅଲୋଡ଼ା। ପ୍ରାୟ ସମୟ ଖୋରଧା ପରିଷଦ ଅଧିନସ୍ଥ ୨୨ ଗୋଟି ୱାର୍ଡ଼ର ରାସ୍ତା କଡ଼ରେ ଅଳିଆ ଆବର୍ଜନାର ପାହାଡ଼ ଦେଖିବାକୁ ମିଳେ। ବର୍ଷା ଦିନରେ ଏହି ଅଳିଆ ଗୁଡ଼ିକ ଡ୍ରେନ୍‌ରେ ପଶିବାର ଦ୍ୱାରା ବର୍ଷା ପାଣି ଠିକ୍ ଭାବରେ ନିଷ୍କାସନ ହୋଇପାରେ ନାହିଁ। ଏତଦ୍ ବ୍ୟତୀତ ସହର ମଧ୍ୟରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଜଳ ନିଷ୍କାସନ ପାଇଁ ଖୋରଧା ପୌରପରିଷଦ ପକ୍ଷରୁ ଡ୍ରେନ୍ ନିର୍ମାଣ କରାଯାଇଥିଲେ ମଧ୍ୟ ନିମ୍ନ ମାନର କାମ ଏବଂ ସଠିକ୍ ଭାବରେ ଡ୍ରେନ୍ ଗୁଡ଼ିକ ନିର୍ମାଣ କରାଯାଇ ନଥିବାରୁ ବର୍ଷା ଜଳ ନିଷ୍କାସନ ହୋଇ ପାରୁ ନାହିଁ ଏବଂ ଅନେକ ସ୍ଥାନରେ ଡ୍ରେନ୍ ଗୁଡ଼ିକ ଅଳିଆ ଆବର୍ଜନାରେ ପୋତି ହୋଇ ଗଲାଣି। ଫଳରେ ସାମାନ୍ୟ ବର୍ଷ ହେଲେ ବର୍ଷା ଜଳ ନିଷ୍କାସନ ହୋଇ ନ ପାରି ସହରର ମୁଖ୍ୟ ରାସ୍ତା ଗୁଡ଼ିକରେ ପାଣି ଜମା ହୋଇ ରହିବା ସହିତ ଡ୍ରେନ୍ ପାଣି ଗୁଡ଼ିକ ବାସ ଗୃହ ଭିତରେ ପଶି ଯାଉଛି। ଫଳରେ ସାଧାରଣ ଲୋକେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏ ଡ୍ରେନେଜ୍ ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ଖୋର୍ଦ୍ଧା ପୌରପରିଷଦ ଅଧିବାସୀମାନେ ଦୀର୍ଘଦିନ ଧରି ଦାବୀ କରି ଆସୁଥିଲେ ମଧ୍ୟ ସ୍ଥାନୀୟ ପୌରପ୍ରଶାସନ ତଥା ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ଆସୁ ପଦକ୍ଷେପ ନିଆଯାଉ ନଥିବା ଯୋଗୁଁ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ତଥା ପୌରପ୍ରଶାସନ କର୍ତ୍ତୃପକ୍ଷ ବିଶେଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## କଳାହାଣ୍ଡି ଜିଲ୍ଲା ପରିକ୍ରମା

**କୋକସରା :** ମହିମା ପଞ୍ଚାୟତର ସମସ୍ତ ଗ୍ରାମବାସୀ ବିଭିନ୍ନ ଦାବି ଉପରେ ବିଡିଓଙ୍କୁ ସ୍ମାରକପତ୍ର ଦସ୍ତାନ୍ତର କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ ଏବଂ ବିଡିଓ ଖୁବଶୀଘ୍ର ସରକାରଙ୍କୁ ଜଣାଇ ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଓହରି ଯାଇଥିଲେ ।

**ଜୁନାଗଡ :** ଜୁନାଗଡ ବ୍ଲକ ପିଲିକିଆ ପଞ୍ଚାୟତର ବାଲିଛଡା ଗ୍ରାମରେ କେନ୍ଦ୍ର ସରକାରଙ୍କ ଦୀନଦୟାଲ ଉପଧାୟ ଗ୍ରାମଜ୍ୟୋତି ଯୋଜନାରେ ବିଦ୍ୟୁତ ସଂଯୋଗ ହୋଇଥିଲା । ଲେଜର ନାମକ ଏକ କମ୍ପାନି ଏହି କାର୍ଯ୍ୟକୁ ସମ୍ପାଦନ କରିଥିଲେ ଯାହାକୁ ବିଧାୟକ କ୍ୟାପଟେନ ଦିବ୍ୟଶଂକର ମିଶ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବାର ୨ଘଣ୍ଟା ପରେ ଟ୍ରାନ୍ସଫରମରଟି ଅକାମୀ ହୋଇଯାଇଥିଲା । ଯାହା ଫଳରେ ୭୫ ବିପିଏଲ ପରିବାରଙ୍କ ଖୁସି ପାଣିରେ ମିଳେଇ ଯାଇଥିଲା।

**ଜୁନାଗଡ :** ଖୁସିର ଖବର ସ୍ୱାଧିନତାର ୭୧ବର୍ଷପରେ ଗତ ବୁଧବାର ଦିନ ପ୍ରଥମ ଥର ପାଇଁ ବିଜୁଳି ଆଲୁଅ ଦେଖିଛନ୍ତି ଜୁନାଗଡ ବ୍ଲକ କଲେଇ ଗାଁ ପଞ୍ଚାୟତ କଲୁହାରି ମଝିପଡା ବାସୀନ୍ଦା । ଏ ପଡା ବାସୀ ସରକାରଙ୍କୁ କୋଟି କୋଟି ସାଧୁବାଦ ଜଣାଇଛନ୍ତି ଯାହା ବି ହେଉ ଏକସ୍ତୋରି ବର୍ଷ ପରେ ସରକାରଙ୍କର ନିଦ ଭାଙ୍ଗିଛି। ଏହି ଉତ୍ସବରେ ଜୁନାଗଡ ବିଧାୟକ ଉପସ୍ଥିତ ରହି ଗ୍ରାମଟିକୁ ଆଲୋକିତ କରିଥିଲେ।

**ଲାଞ୍ଜିଗଡ :** ବହୁ ଦିନରୁ ଲାଞ୍ଜିଗଡର ବଜାର ପଡାଠାରେ ଏକ ଷ୍ଟ୍ରିଟ ଲାଇଟ ବିପଦ ସଙ୍କୁଳ ଅବସ୍ଥାରେ ମିଟର ଓ ତାର ଯେଉଁଥିରେ ବିଦ୍ୟୁତ ସରବରାହ ହେଉଛି ତାହା ତଳେ ପଡିରହିଛି। ବହୁ ଅଭିଯୋଗ ସତ୍ତ୍ୱେ ନାଁ ପଞ୍ଚାୟତ ବା ବିଦ୍ୟୁତ ବିଭାଗ କେହି ଶୁଣୁନାହାନ୍ତି କି କିଛି ପ୍ରତିକାର କରୁନାହାଁନ୍ତି । ଆଗାମୀ ଦିନରେ ଜନଜୀବନ ନଷ୍ଟ ହେବାର ବହୁତ ସମ୍ଭାବନା । ଏହାର ତୁରନ୍ତ ସମାଧାନ ନ କଲେ ଜନସାଧାରଣ ରାସ୍ତାକୁ ଓହ୍ଲାଇବେ।

**ମ.ରାମପୁର :** ମଦନପୁର ରାମପୁର ରେଞ୍ଜ ମାଣିକେରା ପଞ୍ଚାୟତର ବଞ୍ଚାମୁଣ୍ଡା ଜଙ୍ଗଲରୁ ଏକ ଅସୁସ୍ଥ ହାତୀ ଗ୍ରାମବାସୀ ଓ ଜଙ୍ଗଲ ବିଭାଗ କର୍ମଚାରୀଙ୍କ ସହାୟତାରେ ଉଦ୍ଧାର କରାଯାଇ ଚିକିତ୍ସା କରାଯାଉଥିବା ସମୟରେ ଅସୁସ୍ଥ ହାତୀଟି ମୃତ୍ୟୁ ବରଣ କରିଥିଲା ।

**କଲମପୁର :** ଜୋନ-୨-ଜିଲ୍ଲା ପରିଷଦର ୫ଟି ପଞ୍ଚାୟତର ବିଜେଡି କର୍ମୀଙ୍କୁ ନେଇ ଦେପୁର ନିୟନ୍ତ୍ରିତ ବଜାର କମିଟି ପ୍ରଙ୍ଗଣରେ ବ୍ଲକ ସଭାପତି ଶ୍ରୀ ବେହେରାଙ୍କ ସଭାପତିତ୍ୱରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ବିଧାୟକ ପୁଷ୍ପେନ୍ଦ୍ର ସିଂ ଦେଓ ଓ ଜୋନ-୧-ସଭାପତି, ବିଜୁ ଯୁବବାହିନୀ ସଂଜୋଜକ, ଦେପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଓ ସମିତି ସଭ୍ୟ ତଥା ଦଳର ବରିଷ୍ଠ କର୍ମୀ ଓ ଦଳର ଯୁବ ନେତାମାନେ ଏହି ଉତ୍ସବରେ ଯୋଗଦେଇଥିଲେ।

**ନର୍ଲା :** ବିଧାନସଭା ଆସନ ନବୀକରଣ ପରେ କେସିଙ୍ଗାର ୯ଟି ପଞ୍ଚାୟତକୁ ନେଇ ନର୍ଲା ବିଧାନସଭା ଆସନ ଗଠିତ ହୋଇ ସ୍ଥାନୀୟ ନେତାଙ୍କୁ ପ୍ରାର୍ଥିଙ୍କୁ କରିବାକୁ ଦାବି ହେଉଛି ଓ ଆଗାମୀ ନିର୍ବାଚନରେ ନର୍ଲାର ସ୍ଥାନୀୟ ପ୍ରାର୍ଥିଙ୍କୁ ଗୁରୁତ୍ୱ ଦେବାକୁ ଦଳିତ ସମାଜ ପକ୍ଷରୁ ଦାବି କରାଯାଇଅଛି ।

**କେସିଙ୍ଗା :** ଜିଲ୍ଲାର ସ୍ୱାସ୍ଥ୍ୟସେବା କେଉଁ ମାନର ହେଉଛି ତାହର ଏକ ନଗ୍ନ ନମୁନା କେସିଙ୍ଗା ଡାକ୍ତରଖାନାରେ ପରିଲକ୍ଷିତ ହୋଇଛି । ଓଡିଶାର ପଶ୍ଚିମାଞ୍ଚଳ ଏବେବି ସ୍ୱାଧୀନତାର ୭୧ବର୍ଷପରେ ଅବହେଳିତ ଓ ନିସ୍ପେଷିତ । କେସିଙ୍ଗା ଡାକ୍ତରଖାନାରେ ଇନ୍‌ଭରଟର ଓ ଡିଜିସେଟ ଥାଇ ମଧ୍ୟ ବିଜୁଳି ଚାଲିଗଲେ ସଂପୂର୍ଣ୍ଣ ଡାକ୍ତରଖାନାଟି ଅନ୍ଧକାରଭିତରେ ନିଜର ଅସ୍ତିତ୍ୱ ଜାହିର କରେ । ବିନା ବିଜୁଳିରେ ଟର୍ଚ୍ଚ ଲାଇଟ ଦ୍ୱାରା ଏଠାରେ ମାଁ ମାନଙ୍କର ପ୍ରସବ ହୁଏ ଓ ଜନସାଧାରଣଙ୍କର ଅପରେସନ ବି କରାଯାଏ । ଏହାର ଅନୁସନ୍ଧାନ କଲେ ପ୍ରକୃତ ରହସ୍ୟ ଲୋକଲୋଚନକୁ ଆସିବ । ଏଥି ପୂର୍ବରୁ ସମାଜରେ ଏକ ଖବର ପ୍ରକାଶିତ ହୋଇଥିଲା(ଦଲାଲଙ୍କ କବଳରେ କେସିଙ୍ଗା ଡାକ୍ତରଖାନା)ତାହା ଦେଖି କର୍ତ୍ତୃପକ୍ଷ ଡାକ୍ତରଖାନା ପରିସରଟିକୁ ବେଶ୍ ସୁନ୍ଦର ସଫା ସୁତୁରା କରିଛନ୍ତି କିନ୍ତୁ କେହି ଜଣେ ବ୍ୟକ୍ତି ହଠାତ ଡାକ୍ତରଖାନା ପରିସରରେ ପାଟିତୁଣ୍ଡ ମାଧ୍ୟମରେ ଯେତେ ପେପରରେ ବାହାରକଲେ ବି ମୋର କେହି କିଛି କରିପାରିବେ ନାହିଁ, ତଳୁ ଉପର ପର୍ଯ୍ୟନ୍ତ ସମସ୍ତେ ମୋର ଲୋକ ପ୍ରଶାସନ ମୋର ଓ ବିଧାୟକ ମନ୍ତ୍ରୀ ମଧ୍ୟ ମୋର କହି ତାର ନିଜକୁ ପ୍ରକୃତ ଦଲାଲ ବୋଲି ପରିଚୟ ଦେଇଛନ୍ତି ।

**ଧର୍ମଗଡ :** ଧର୍ମଗଡ ବ୍ଲକ ଅନ୍ତର୍ଗତ ବ୍ରାହ୍ମଣଛେଣ୍ଡିଆ ପଞ୍ଚାୟତର ଲକ୍ଷାଧିକ ଟଙ୍କା ହେରଫେର ସମ୍ବନ୍ଧରେ ଏକ ସମ୍ବାଦ ପ୍ରକାଶିତ ହେବା ପରେ ଭିଜିଲାନ୍ସ ବିଭାଗ ଦ୍ୱାରା ତଦନ୍ତ ଆରମ୍ଭ ହୋଇଯାଇଥିଲା ଓ କିଛି ନୂଆ ଦୁର୍ନୀତିର ତଥ୍ୟମାନେ ପଦାକୁ ଆସିଲା । ଯାହାଫଳରେ ସରପଞ୍ଚ ରାଗିଯାଇ ସେହି ସମ୍ବାଦ ପତ୍ରର ସାମ୍ବାଦିକ ଶ୍ରୀ ନାୟକଙ୍କୁ ଗାଳିଗୁଲଜ କରି ହତ୍ୟା ଧମକ ଦେଇଥିଲେ ଫଳରେ ଶ୍ରୀ ନାୟକ ଏ ସମ୍ବନ୍ଧରେ ଏତଲା ଦେଇଥିବା ପ୍ରକାଶ କରିଛନ୍ତି । ଏପରି ଏକ ସମ୍ବେଦନଶୀଳ ଖବର ପ୍ରତି ଜିଲ୍ଲାର ପ୍ରଶାସନ ନିହାତି ଧ୍ୟାନ ଦେବା ଉଚିତ୍ ଯେହେତୁ ଭିଜିଲାନ୍ସର ତଦନ୍ତ ଆରମ୍ଭ ହେବା ପରେ ଏହ ପଞ୍ଚାୟତର ନିର୍ବାହି ଅଧିକାରୀ ସୁଇସାଇଡ ନୋଟ ଲେଖି ଆତ୍ମହତ୍ୟା କରିଥିଲେ । ସେହି ସୁଇସାଇଡ ନୋଟ ଟି ଉକ୍ତ ସରପଞ୍ଚଙ୍କ ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ କରିଥିଲା । କେସ ନଂ ୫୦୬ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛନ୍ତି । ବର୍ତ୍ତମାନ ଏହି ଖବରର ସତ୍ୟାସତ୍ୟ ଅନୁସନ୍ଧାନ କରି ଆମ ଜିଲ୍ଲାର ସାମ୍ବାଦିକ ୟୁନିଅନ ପକ୍ଷରୁ ଦୃଢ ଭାବରେ ବିରୋଧ କରିବାକୁ -ଏକମାତ୍ର- ଖବର କାଗଜ ଅନୁରୋଧ କରୁଛି ।

**ଭବାନୀପାଟଣା :** ଭବାନୀପାଟଣା ବ୍ଲକର ବରଗାଁ ଠାରେ ବିଜେପି ଜୋନ ସ୍ଥରୀୟ ସମିକ୍ଷା ବୈଠକ ମଣ୍ଡଳ ସଭାପତି ଜୟରାମ ଗହିରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ନିର୍ବାଚନ ମଣ୍ଡଳୀର ପ୍ରଭାରି ଅଜୟ ପାଣିଗ୍ରାହୀ, ଜିଲ୍ଲା ସଂଜୋଜକ ଲୋକନାଥ ଦୁର୍ଗା, ଅନୁସୁଚିତ ଜାତି ସଂପାଦକ କୋଦଣ୍ଡ ମହାନନ୍ଦ, ସଭାପତି, ମଣ୍ଡଳ ବିସ୍ତାରକ ଓ ମିଡିଆ ସେଲଙ୍କ ଉପସ୍ଥିତିରେ ସାଧାରଣ ନିର୍ବାଚନ ନେଇ ପ୍ରସ୍ତୁତି ସର୍ମ୍ପକରେ ସମୀକ୍ଷା ଓ ଆଲୋଚନା ହୋଇଥିଲା ।



## ‘ସହିଦ ସ୍ମାରକୀ’ର ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ

# ସ୍ମୃତିସ୍ତମ୍ଭ ପାଇଁ ସ୍ଥାପନ ହେଲା କଳସ

**ଭୁବନେଶ୍ୱର :** ଓଡ଼ିଶାର ସହିଦଙ୍କ ସ୍ମୃତିରେ ନିର୍ମାଣ ହେଉଥିବା ସ୍ମୃତିସ୍ତମ୍ଭରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ସହିଦ୍ ପୀଠରୁ ଆସିଥିବା ପବିତ୍ର ମାଟି କଳସକୁ ସଂସ୍ଥାପନ କରିଛନ୍ତି। ପ୍ରାୟ ୩୮ଟି ସ୍ଥାନରୁ ଆସିଥିବା ମାଟି ସ୍ମୃତିସ୍ତମ୍ଭରେ ରଖାଯାଇଛି। ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତି ସଭାପତି ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ଅମର ସହିଦମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଓ ପ୍ରକାଶିତ ପୁସ୍ତିକା ‘ସହିଦ ସ୍ମାରକୀ’ର ଉନ୍ମୋଚନ କରିଥିଲେ। ପରେ ସହିଦ ପୀଠର କଳସଗୁଡ଼ିକୁ ସ୍ମୃତିସ୍ତମ୍ଭରେ ସ୍ଥାପନ କରିଥିଲେ। ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରି ସର୍ବଭାରତୀୟ ସ୍ୱାଧୀନତା ସଂଗ୍ରାମୀ ଯୁବ ସାମୁଖ୍ୟ ସଭାପତି ସାଂସଦ ଭର୍ତ୍ତୃହରି ମହତାବ ୧୮୦୭ ମସିହାରୁ ଆରମ୍ଭ କରି ୧୯୪୨ ପର୍ଯ୍ୟନ୍ତ ଓଡ଼ିଶାର ଅମର ସହିଦମାନଙ୍କ ପବିତ୍ର ପୀଠରୁ କିଭଳି ବିଗତ ଦୁଇମାସ ମଧ୍ୟରେ ମାଟି ସଂଗ୍ରହ କରାଯାଇଛି ଓ ରାଜ୍ୟ ବ୍ୟାପୀ ସ୍ୱାଗତ ସମ୍ବର୍ଦ୍ଧନା ସହ ସଂଗ୍ରାମୀ ସଦନକୁ ଅଣାଯାଇଛି ସେ ସମ୍ପର୍କରେ ସୂଚନା ଦେଇଥିଲେ। ୪୨ ଫୁଟ ଉଚ୍ଚତାର ସ୍ମୃତିସ୍ତମ୍ଭରେ ସ୍ୱାଧୀନତା ଆନ୍ଦୋଳନର ଓଡ଼ିଶାର ଅମର ସହିଦମାନଙ୍କ ନାମ ଉଲ୍ଲେଖ ରହିବା ସହିତ ସେମାନଙ୍କ ସ୍ମୃତିରେ ପବିତ୍ର ମୃତ୍ତିକା ଚିରଦିନ ଲାଗି ସଂରକ୍ଷିତ ହୋଇ ରହିବ ବୋଲି ଶ୍ରୀ ମହତାବ କହିଥିଲେ।



## ‘ବିଜେଡିରେ ଅସନ୍ତୋଷ ବଢ଼ୁଛି’

**ଭୁବନେଶ୍ୱର :** ରାଜ୍ୟସଭା ଉପାଧ୍ୟକ୍ଷ ନିର୍ବାଚନରେ ଏନ୍‌ଡିଏକୁ ବିଜେଡି ସମର୍ଥନ କରିବା ପରେ ବିଜେଡି ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଜୟପ୍ରକାଶ ଆନ୍ଦୋଳନ ସହ ଜଡ଼ିତ ବରିଷ୍ଠ ନେତାମାନେ ବିଜେଡିରେ ଅଣନିଃଶ୍ୱାସୀ ଅନୁଭବ କଲେଣି। ସେମାନେ ବିଜେଡି ଛାଡ଼ିବାକୁ ମସୁଧା କରୁଛନ୍ତି ବୋଲି କହିଛନ୍ତି ବରିଷ୍ଠ କଂଗ୍ରେସ ନେତା ଶ୍ରୀକାନ୍ତ ଜେନା। ଶ୍ରୀ ଜେନା କହିଛନ୍ତି, ମୋଦିଙ୍କ ଶାସନରେ ସାରା ଦେଶରେ ଅସନ୍ତୋଷର ବହ୍ନି ଜଳିବାରେ ଲାଗିଛି। ମାତ୍ର ନବୀନ ପଟ୍ଟନାୟକ ମୋଦିଙ୍କୁ ସମର୍ଥନ କରିବାରେ ଲାଗିଛନ୍ତି। ନବୀନ ମୁଖ୍ୟମନ୍ତ୍ରୀ ରହିବେ ଓ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ରହିବେ, ଏନେଇ ଉଭୟଙ୍କ ମଧ୍ୟରେ ବୁଝାମଣା ରହିଛି। ଆସନ୍ତା ନିର୍ବାଚନରେ ଜିତିବା ପାଇଁ ନବୀନଙ୍କ ଆତ୍ମବିଶ୍ୱାସ ନାହିଁ। ତେଣୁ ସେ ପୁଣି ଆର୍‌ଏସ୍‌ଏସ୍ ଓ ବିଜେପି କୋଳକୁ ଚାଲିଯାଇଛନ୍ତି। କଳିଙ୍ଗନଗର ଗୁଳିକାଣ୍ଡ, ମାଇକଞ୍ଚ ଗୁଳିକାଣ୍ଡ, ୧୮ ବର୍ଷର ଶାସନରେ ଶିଳ୍ପପତିଙ୍କୁ ସାହାଯ୍ୟ କରିବା ଓ ଆଦିବାସୀଙ୍କୁ ମାରିବା ନବୀନଙ୍କ ନୀତି ପାଲଟିଛି। ମାତ୍ର କ୍ଷମତା ପାଇଁ ଉଭୟ ବିଜେଡି ଓ ବିଜେପି ମଧ୍ୟରେ ଗୁପ୍ତ ବୁଝାମଣା ଥିବା କହିନ୍ତି ଶ୍ରୀ ଜେନା।

## କ୍ଷେତ ନୁହେଁ, ଗମନାଗମନ ପାଇଁ ରାସ୍ତା



**ବରଗଡ଼ :** ଏହା କେଉଁ ଦୁର୍ଗମ ଅଞ୍ଚଳ ନୁହେଁ କିମ୍ବା ଚାଷ କ୍ଷେତ ନୁହେଁ। ଦୈନିକ ହଜାର ହଜାର ଲୋକ ଯାତାୟାତ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ସଡକର ଏପରି ଅବସ୍ଥା। ବରଗଡ଼ ଜିଲ୍ଲା ଅତାବିରା ବ୍ଲକ ଅନ୍ତର୍ଗତ ହିଲିପିଲି ପଞ୍ଚାୟତ ଅଧିନସ୍ଥ ବୁର୍ଶପାଲି ଠାରୁ କାଠଡେରା ପର୍ଯ୍ୟନ୍ତ ରହିଛି ଏହି ରାସ୍ତା। ପଞ୍ଚାୟତର ସବୁ ଲୋକଙ୍କ ପାଇଁ ସାହାଭରସା ହୋଇଥିବା ଏହି ରାସ୍ତାଟିର ଅବସ୍ଥା ଦେଖିଲେ ଯେକେହି ବିସ୍ମୟ ପ୍ରକଟ କରିବା ସ୍ୱାଭାବିକ। ହେଲେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ନଦେବା ଯୋଗୁଁ ସ୍ଥାନୀୟ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ରାସ୍ତାଟିର ନିର୍ମାଣ ପାଇଁ ଜନସାଧାରଣ ସ୍ଥାନୀୟ ଲୋକପ୍ରନିଧିଙ୍କୁ ଏବଂ ପ୍ରଶାସନ ଅଧିକାରୀଙ୍କୁ ଗୁହାରୀ କରିଥିଲେ ବି କୌଣସି ସୁଫଳ ମିଳିନାହିଁ। ପ୍ରବଳ ବର୍ଷା ଯୋଗୁ ଏହି ରାସ୍ତାଟିରେ ଆଉ ଯାତାୟତ ସମ୍ଭବପର ହେଉନାହିଁ। ତୁରନ୍ତ ଏହାର କାର୍ଯ୍ୟ ଆରମ୍ଭ ନହେଲେ ଜନଅସନ୍ତୋଷ ଆନ୍ଦୋଳନର ରୂପ ନେବ ବୋଲି ଜଣାପଡିଛି।




























Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି